CMYK

- Vol.- 45, Issue No. 318
- Wednesday, 18 February 2026
- ବୁଧବାର, ୧୮ ଫେବୃଆରୀ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


## ବାଂଲାଦେଶ: ତାରିକ ପ୍ରଧାନମନ୍ତ୍ରୀ ଭାବେ ନେଲେ ଶପଥ

### ଟିମ୍‌ରେ ସାମିଲ ୨୫ କ୍ୟାବିନେଟ୍ ଓ ୨୪ ରାଷ୍ଟ୍ରମନ୍ତ୍ରୀ



ଢାକା,୧୭।୨: ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି (ବିଏନପି) ମୁଖ୍ୟ ତାରିକ ରହମାନ ମଙ୍ଗଳବାର ଦେଶର ୧୧ତମ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ହିଂସାତ୍ମକ ବିକ୍ଷୋଭ ଏବଂ ବିଶୃଙ୍ଖଳା ଦେଇ ଗତି କରିଥିବା ଦେଶର ପୁନର୍ଗଠନ ଏବଂ ସ୍ଥିତି ସୁଧାରିବା ଭଳି ଏକ କଠିନ ଆହ୍ୱାନ ଏବେ ତାରିକଙ୍କ ସମ୍ମୁଖରେ ରହିଛି। ଦୀର୍ଘ ୩୬ ବର୍ଷ ପରେ ବାଂଲାଦେଶକୁ ମିଳିଛି ପୁରୁଷ ପ୍ରଧାନମନ୍ତ୍ରୀ । ଶପଥ ସମାରୋହରେ ଯୋଗଦେବା ପାଇଁ ବିଭିନ୍ନ ଦେଶର ପ୍ରତିନିଧି ଢାକାରେ ପହଞ୍ଚିଥିଲେ । ଭାରତ ପକ୍ଷରୁ ଲୋକସଭା ବାଚସ୍ପତି ଓମ୍ ବିର୍ଲା ସାମିଲ ହୋଇଥିଲେ। ସଂସଦ ସଂକଳନର ଦକ୍ଷିଣ ପ୍ଲାଜାରେ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ନିର୍ବାଚନ କମିଶନର ଏଏମଏମ ନାସିର ଉଦ୍ଦିନ ସକାଳ ପ୍ରାୟ ୧୦:୪୨ ରେ ନବନିର୍ବାଚିତ ସାଂସଦ ମାନଙ୍କୁ ଶପଥ ପାଠ କରାଇଥିଲେ। ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ, ମୁଖ୍ୟ ନିର୍ବାଚନ କମିଶନର ବାଚସ୍ପତି କିମ୍ବା ଉପବାଚସ୍ପତିଙ୍କ ଅନୁପସ୍ଥିତିରେ ଏହି ଦାୟିତ୍ୱ ନିର୍ବାହ କରନ୍ତି । ତାରିକଙ୍କ ସହ ୨୫ ଜଣ କ୍ୟାବିନେଟ ମନ୍ତ୍ରୀ ଏବଂ ୨୪ ଜଣ ରାଷ୍ଟ୍ରମନ୍ତ୍ରୀ ମଧ ଶପଥ ନେଇଛନ୍ତି। ଏହି ମନ୍ତ୍ରିମଣ୍ଡଳରେ ଜଣେ ହିନ୍ଦୁ ଏବଂ ଜଣେ ବୌଦ୍ଧ ସାଂସଦଙ୍କୁ ସ୍ଥାନ ଦିଆଯାଇଛି।

### ରାଜ୍ୟପାଳଙ୍କ ଅଭିଭାଷଣରୁ ଆରମ୍ଭ ହେଲା ବଜେଟ ଅଧିବେଶନ

# ଗ୍ରୋଥ ଇଞ୍ଜିନ ହେବ ଓଡ଼ିଶା

- ୨୦୩୬ ସୁଦ୍ଧା ଓଡ଼ିଶାକୁ ୫ ଶହ ବିଲିୟନ ଡଲାର ଅର୍ଥନୀତି
- ୮୫ଟି ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି
- ପ୍ରାୟ ୨ ଲକ୍ଷ କୋଟି ଟଙ୍କାର ନିବେଶ
- ପ୍ରାୟ ୪.୬୫ ଲକ୍ଷ ରୋଜଗାର ସୃଷ୍ଟି ଅନୁମାନ
- ୧୬ ଲକ୍ଷ ୪୨ ହଜାର ଲକ୍ଷପତି ଦିଦି ସୃଷ୍ଟି
- ୫ ବର୍ଷରେ ୪୮ ଜଣ ମାଓବାଦୀ ନିହତ

ଭୁବନେଶ୍ୱର, ୧୭।୨(ନିପ୍ର): ଓଡିଶା ବିଧାନସଭାର ବଜେଟ ଅଧିବେଶନ ମଙ୍ଗଳବାର ରାଜ୍ୟପାଳ ଡ. ହରିବାବୁ କୁମ୍ଭମପଟିଙ୍କ ଅଭିଭାଷଣ ସହ ଆରମ୍ଭ ହୋଇଛି। ରାଜ୍ୟପାଳ "ଜୟ ଜଗନ୍ନାଥ" ଉଚ୍ଚାରଣ କରି ନିଜ ଉଦ୍‌ବୋଧନ ଆରମ୍ଭ କରି ଥିଲେ । ନିଜ ଅଭିଭାଷଣରେ ରାଜ୍ୟପାଳ ଓଡ଼ିଶାକୁ ବିକଶିତ ଭାରତର "ଗ୍ରୋଥ ଇଞ୍ଜିନ" ଭାବେ ଗଢି ତୋଳିବାର ଦୃଷ୍ଟିକୋଣ ଉପସ୍ଥାପନ କରିଥିଲେ। ସେ କହିଥିଲେ ଯେ ୨୦୩୬ମସିହାରେ ଓଡିଶା ଗଠନର ୧୦୦ ବର୍ଷ ପୂରଣ ହେବ । ୨୦୩୬ସୁଦ୍ଧା ଓଡିଶାକୁ ୫ ଶହ ବିଲିୟନ ଡଲାର ଅର୍ଥନୀତି ଓ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାରର ଅର୍ଥନୀତିରେ ପରିଣତ କରିବାକୁ ପ୍ରସ୍ତୁତ ଭିଜନ ଡକ୍ୟୁମେଣ୍ଟରେ ଲକ୍ଷ୍ୟ ରଖା ଯାଇଛି। ସମଗ୍ର ରାଜ୍ୟରେ ସଡ଼କମାନଙ୍କର ବ୍ୟାପକ ଆଧୁନିକୀକରଣ କାମ ଚାଲିଛି। ଓଡିଶାରେ ବର୍ତ୍ତମାନ ୫୫ଟିଇସ୍ପାତ କାରଖାନା ରହିଛି, ଯାହାଙ୍କର ବାର୍ଷିକ ଉତ୍ପାଦନ କ୍ଷମତା ପ୍ରାୟ ୪୫ ମିଲିଅନ୍ ଟନ୍, ଯାହା ଦେଶର ମୋଟ ଇସ୍ପାତ ଉତ୍ପାଦନର ପ୍ରାୟ ୨୩ ପ୍ରତିଶତ ।ରାଜ୍ୟସରକାରଙ୍କ ଦ୍ୱାରା ଲଘୁ ଖଣିଜ କ୍ଷେତ୍ରରେ ପାରଦର୍ଶିତା ଓ ରାଜସ୍ୱ ବୃଦ୍ଧି ପାଇଁ ଅନେକ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ୨୦୨୨-୨୩ ମସିହାରେ ୧,୧୯୫ କୋଟି ଟଙ୍କା ରାଜସ୍ୱ ୨୦୨୪-୨୫ରେ ବୃଦ୍ଧି ପାଇ ୧,୭୭୬ କୋଟି ଟଙ୍କାକୁ ପହଞ୍ଚିଛି, ଯାହା ଦୁଇ ବର୍ଷରେ ୪୮ ପ୍ରତିଶତରୁ ଅଧିକ ବୃଦ୍ଧିକୁ ପ୍ରଦର୍ଶିତ କରୁଛି। ପୁଂଜି ବିନିଯୋଗ ଓ ରୋଜଗାର ସୃଷ୍ଟି "ମେକ୍‌ଇନ୍ ଓଡିଶା।" ପରିକଳ୍ପନା ଅଧୀନରେ ୮୫ଟି ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ପ୍ରାୟ ୨ ଲକ୍ଷ କୋଟି ଟଙ୍କାର ନିବେଶ ମାଧ୍ୟମରେ ୧.୬୫ ଲକ୍ଷ ଲୋକଙ୍କୁ ରୋଜଗାର ମିଳିବ। ସମଗ୍ର ଭାବେ ବିଭିନ୍ନ ଶିଳ୍ପଓ ବିକାଶ ପ୍ରକଳ୍ପ ମାଧ୍ୟମରେ ପ୍ରାୟ ୪.୬୫ ଲକ୍ଷ ରୋଜଗାର ସୃଷ୍ଟି ହେବାର ଅନୁମାନ ରହିଛି। ରାଜଧାନୀ ସହରାଞ୍ଚଳ ପରିବହନ (କ୍ରୁଟ)ଅଧୀନରେ ୧୧୩ଟି ରୁଟରେ ୬୭୦ ଟି ବସ୍ ଚାଲିଛି । ଲାଭରେ ଚାଲିଛି ସରକାରୀଉଦ୍ୟୋଗ । ଗୋଟିଏ ବର୍ଷରେ ୮୩୮୫କୋଟିର ଲାଭାଂଶ ପ୍ରଦାନ କରିଛନ୍ତି । ଖାଦ୍ୟ ସୁରକ୍ଷା ଯୋଜନାରେ ବର୍ତ୍ତମାନ ସୁଦ୍ଧା ୬ ଲକ୍ଷ ୪୦ ହଜାର ନୂଆ ହିତାଧିକାରୀଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ଯୋଡି ହୋଇଛନ୍ତି । ୧୬ ଲକ୍ଷ ୪୨ ହଜାର ଲକ୍ଷପତି ଦିଦି ସୃଷ୍ଟିରାଜ୍ୟରେ ନୂଆ ସରକାର ଆସିବା ପରେ ୧୬ ଲକ୍ଷ ୪୨ ହଜାର ଲକ୍ଷପତି ଦିଦି ସୃଷ୍ଟି କରିବାରେ ସଫଳ ହୋଇଛନ୍ତି ସରକାର । ମମତା ଯୋଜନାରେ ୩୭୬୭ କୋଟିଟଙ୍କା ପ୍ରଦାନ କରାଯାଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଏ ପର୍ଯ୍ୟନ୍ତ ୨ ଲକ୍ଷ ଅଧିକ ଏସଏଚଜିଙ୍କୁ ୨୨୮ କୋଟି ଟଙ୍କାର ସୁଧ ଫେରସ୍ତ ହୋଇଛି । ସୁଭଦ୍ରା ସହାୟତା ରାଶି ବାବଦରେ ୧୫୦୦ କୋଟିରୁ ଅଧିକ ଟଙ୍କା ପ୍ରଦାନ କରାଯାଇଛି। ରାଜ୍ୟରେ ବଢ଼ିଛି ଚାଷୀଙ୍କମୁଣ୍ଡପିଛା ଆୟ। ସମୃଦ୍ଧ କୃଷକ ଯୋଜନାରେ ଧାନ କ୍ୱିଣ୍ଟାଲପିଛା ୩୧ ଶହ ଟଙ୍କା ପାଇଁ ୬ ହଜାର କୋଟି ଟଙ୍କା ଏବଂ ସିଏମ୍ କିଶାନ ଯୋଜନାରେ ଆୟବୃଦ୍ଧିପାଇଁ ୨୦୨୦ କୋଟି ଟଙ୍କା ବ୍ୟୟ କରାଯାଇଛି। ଫଳରେ ଚାଷୀ ପରିବାରର ମୁଣ୍ଡପିଛା ଆୟ ଯଥେଷ୍ଟ ବୃଦ୍ଧି ପାଇଛି ।ମାଓ ଦମନରେ ସଫଳତା ୫ ବର୍ଷରେ ୪୮ ଜଣ ମାଓବାଦୀ ନିହତ ହୋଇଛନ୍ତି । ୭୮ ଜଣଙ୍କୁ ଗିରଫ କରାଯାଇଛି। ୮୨ ଜଣ ଆତ୍ମସମର୍ପଣ କରିଛନ୍ତି । ୨୦୨୫ ରେ ୨୫ଜଣ ମାଓବାଦୀ କ୍ୟାଡରଙ୍କୁ ନିପାତ କରାଯାଇଛି । ରାଜ୍ୟରେ ଜବତ ହେଲାଣି ୮୨କୋଟି ୪୮ ଲକ୍ଷ ଟଙ୍କାର ନକଲି ମଦ ।ଜାତୀୟ ଖାଦ୍ୟ ସୁରକ୍ଷା ଆଇନଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ରାଜ୍ୟ ମାସିକ ୧.୮୮ ଲକ୍ଷ ମେଟ୍ରିକ ଟନ ଚାଉଳ କେନ୍ଦ୍ରରୁ ପାଉଛି । ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସୁଥିବା ଅଭିଯୋଗର ତ୍ୱରିତ ସମାଧାନ କରାଯାଇଛି। ବର୍ତ୍ତମାସ ସୁଦ୍ଧା ୯୪ପ୍ରତିଶତ ସମାଧାନ ହୋଇଛି । ମାର୍ଚ୍ଚ ସୁଦ୍ଧା ରାଜ୍ୟରେ ଶେଷ ହେବ ଆଉ ୧୬ ଟି ମେଗା ପାନୀୟ ଜଳ ପ୍ରକଳ୍ପ। ୨୦୭ ଟି ବୃହତ ପାଇପ ଜଳଯୋଗାଣ ପ୍ରକଳ୍ପ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୨୬ ଟି ସମ୍ପୂର୍ଣ୍ଣ ହୋଇଛି।



## ମାର୍ଚ୍ଚ ୭ରେ ଓଡ଼ିଶା ଆସିବେ ଶାହା



ଭୁବନେଶ୍ୱର,୧୭।୨ : ମାର୍ଚ୍ଚ ୭ରେ ଦିନିକିଆ ଓଡ଼ିଶା ଗସ୍ତରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆସୁଥିବା ଏକ ସୂତ୍ରରୁ ପ୍ରକାଶ। ରାଜ୍ୟରେ ୨ଟି ସରକାରୀ କାର୍ଯ୍ୟରେ ଯୋଗ ଦେବେ ବୋଲି ଜଣାପଡିଛି। କଟକ ମୁଣ୍ଡଳୀ ଯାଇ ସିଆରପିଏଫ ପ୍ରତିଷ୍ଠା ଦିବସରେ ଯୋଗ ଦେବେ । ଏଥି ସହ ରାଜ୍ୟରେ ଚାଲିଥିବା ନକ୍ସଲ ବିରୋଧୀ ଅଭିଯାନର ସେ ସମୀକ୍ଷା କରିବା ସମ୍ଭାବନା ରହିଛି। ଭାରତୀୟ ନ୍ୟାୟ ସଂହିତାର କାର୍ଯ୍ୟକାରିତା ସଂପର୍କରେ ସମୀକ୍ଷା କରିପାରନ୍ତି ଗୃହମନ୍ତ୍ରୀ।

## ୨୨ ନକ୍ସଲଙ୍କ ଆତ୍ମସମର୍ପଣ

ସୁକମା,୧୭।୨: ଛତିଶଗଡର ନକ୍ସଲପ୍ରଭାବିତ ସୁକମା ଜିଲ୍ଲାରେ ମଙ୍ଗଳବାର ୨୨ ଜଣ ସକ୍ରିୟ ନକ୍ସଲ ପୁନର୍ବାସ ଓଆତ୍ମସମର୍ପଣ ନୀତି ଅନୁସାରେ ଆତ୍ମସମର୍ପଣ କରିଛନ୍ତି। ଏହି ସୂଚନା ଅତିରିକ୍ତ ଏସ୍‌ପି (ନକ୍ସଲ ଅପରେସନ୍) ରୋହିତ ଶାହ ଦେଇଛନ୍ତି ।ସମସ୍ତ ନକ୍ସଲମାନେ ସୁକମାର ପୁଲିସ୍ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ବରିଷ୍ଠ ପୁଲିସ୍ ଅଧିକାରୀମାନେ ଏବଂ ସିଆରପିଏଫର ଅଧିକାରୀମାନଙ୍କ ସମ୍ମୁଖରେ ଆତ୍ମସମର୍ପଣ କରିଥିଲେ।



ଆତ୍ମସମର୍ପଣ କରିଥିବାମାନଙ୍କ ମଧ୍ୟରେ ଜଣେ ମହିଳା ମାଓବାଦୀ ମଧ ଅଛନ୍ତି, ଯିଏ ଦୀର୍ଘ ସମୟ ଧରି ସଂଗଠନ ସହିତ ଜଡିତ ଥିଲେ ।ଅତିରିକ୍ତ ଏସ୍‌ପି (ନକ୍ସଲ ଅପରେସନ୍) ରୋହିତ ଶାହ କହିଛନ୍ତି ଯେ 'ନକ୍ସଲ ମୁକ୍ତ ଅଭିଯାନ ବସ୍ତର' ଅନ୍ତର୍ଗତ ଜିଲ୍ଲାରେ ନିରନ୍ତର ନକ୍ସଲ ବିରୋଧୀ ଅଭିଯାନ ଚାଲୁଛି ।ଏଥିରୁ ନକ୍ସଲ ସଂଗଠନ ଶେଷ ପର୍ଯ୍ୟାୟକୁ ପହଞ୍ଚୁଛି। ଦୂରସ୍ଥ ଜଙ୍ଗଲାଞ୍ଚଳ ଅଞ୍ଚଳଗୁଡିକରେ ଉନ୍ନୟନମୂଳକ କାର୍ଯ୍ୟ ପହଞ୍ଚାଯାଉଛି ଏବଂ ଛତିଶଗଡ ସରକାରର 'ଛତିଶଗଡ଼ ନକ୍ସଲବାଦୀ ଆତ୍ମସମର୍ପଣ ପୁନର୍ବାସ ନୀତି'ର କାର୍ଯ୍ୟକାରୀ ପାଇଁ ସୁକମା ପୁଲିସ୍ ପକ୍ଷରୁ 'ପୂନା ମାରଗେମ' (ପୁନର୍ବାସରୁ ପୁନର୍ଜୀବନ) ଅଭିଯାନ ଚାଲୁ କରାଯାଇଛି। ଅତ୍ୟନ୍ତ ସମ୍ବେଦନଶୀଳ ଭିତର ଅଞ୍ଚଳଗୁଡିକରେ ନିରନ୍ତର କ୍ୟାମ୍ପ ସ୍ଥାପିତ ହେଉଥିବାରୁ ପୁଲିସ୍‌ର ବୃଦ୍ଧିଶୀଳ ପ୍ରଭାବ ଫଳରେ ନକ୍ସଲ ସଂଗଠନ କ୍ରମେ ଦୁର୍ବଳ ହୋଇପଡୁଛି।

### 'ସିଧାସଳଖ ନଗଦ ହସ୍ତାନ୍ତର' ସବୁଠାରୁ ବଡ଼ ନିର୍ବାଚନୀ ଅସ୍ତ୍ର

## ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ କମିଛି ଖର୍ଚ୍ଚ !

ନୂଆଦିଲ୍ଲୀ,୧୭।୨: ଭାରତୀୟ ରାଜନୀତିରେ ଏବେ 'ସିଧାସଳଖ ନଗଦ ହସ୍ତାନ୍ତର' ସବୁଠାରୁ ବଡ଼ ନିର୍ବାଚନୀ ଅସ୍ତ୍ର ପାଲଟିଛି। ଷୋଡଶ ଅର୍ଥ କମିଶନଙ୍କ ରିପୋର୍ଟ ଅନୁଯାୟୀ, ୨୦୧୮-୧୯ରେ ରାଜ୍ୟଗୁଡ଼ିକର ମୋଟ ସବସିଡି ବ୍ୟୟରେ ନଗଦ ସହାୟତାର ଅଂଶ ମାତ୍ର ୩ ପ୍ରତିଶତ ଥିବାବେଳେ ଏବେ ତାହା ବୃଦ୍ଧି ପାଇ ୨୦ ପ୍ରତିଶତରେ ପହଞ୍ଚିଛି ।ତାମିଲନାଡୁରେ ହିତାଧିକାରୀଙ୍କୁ ଫେବୃଆରୀ ଆରମ୍ଭରେ ୧.୩୧ କୋଟି ହିତାଧିକାରୀଙ୍କୁ ୫,୦୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି।



ଶାସକ ଡିଏମକେ ଦଳ ପୁଣି କ୍ଷମତାକୁ ଆସିଲେ ମାସିକ ସହାୟତାକୁ ୧,୦୦୦ରୁ ୨,୦୦୦ ଟଙ୍କାକୁ ବୃଦ୍ଧି କରିବାକୁ ପ୍ରତିଶ୍ରୁତି ଦେଇଛି ।ବିହାରରେ ନୀତିଶ କୁମାର ସରକାର 'ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନା'ରେ ୨୫ ଲକ୍ଷ ମହିଳାଙ୍କୁ ୧୦,୦୦୦ ଟଙ୍କା ଲେଖାଏଁ ପ୍ରଦାନ କରିଛନ୍ତି। ଏଥିସହ ବ୍ୟବସାୟ ପାଇଁ ୨ ଲକ୍ଷ ଟଙ୍କାର ସହାୟତା ପ୍ରତିଶ୍ରୁତି ମଧ ରହିଛି। ୨୦୨୩ ପରଠାରୁ ଓଡ଼ିଶା, ଝାଡ଼ଖଣ୍ଡ, ମହାରାଷ୍ଟ୍ର ଏବଂ କର୍ଣ୍ଣାଟକ ଭଳି ରାଜ୍ୟଗୁଡ଼ିକ ଏହି ଧାରାରେ ସାମିଲ ହୋଇଛନ୍ତି ।ଅର୍ଥ କମିଶନଙ୍କ ତଥ୍ୟ ଅନୁଯାୟୀ, ବଡ଼ ରାଜ୍ୟଗୁଡ଼ିକରେ ଏହି ନଗଦ ହସ୍ତାନ୍ତର ଯୋଜନା ପାଇଁ ମୋଟ ବ୍ୟୟ ୧.୯୬ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି, ଯାହା ୨୦୧୮-୧୯ ତୁଳନାରେ ୫୩.୬ପ୍ରତିଶତ ଅଧିକ। କମିଶନ ଚେତାବନୀ ଦେଇଛନ୍ତି ଯେ ଏଭଳି "ଅନିୟନ୍ତ୍ରିତ ସଂପ୍ରସାରଣ" ରାଜ୍ୟଗୁଡ଼ିକର ଆର୍ଥିକ ସ୍ଥିତିକୁ ଦୀର୍ଘକାଳୀନ ଭାବେ ଅସ୍ଥିର କରିଦେବ। ରିପୋର୍ଟ ଅନୁଯାୟୀ, ନଗଦ ଟଙ୍କା ବାଣ୍ଟିବା ଚକ୍କରରେ ରାଜ୍ୟଗୁଡ଼ିକ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଖର୍ଚ୍ଚ କମାଇ ଦେଇଛନ୍ତି।

## ଭ୍ରାତୃତ୍ୱକୁ ପ୍ରୋତ୍ସାହିତ କରିବା ଉଚିତ: ସୁପ୍ରିମ କୋର୍ଟ



ନୂଆଦିଲ୍ଲୀ,୧୭।୨: ମୁଖ୍ୟମନ୍ତ୍ରୀ, ବରିଷ୍ଠ ଅମଲା ଏବଂ ପୋଲିସ ଅଧିକାରୀମାନେ ସମଗ୍ର ସମ୍ପ୍ରଦାୟକୁ କଳଙ୍କିତ କରୁଥିବା, ପକ୍ଷପାତପୂର୍ଣ୍ଣ ଶାସନକୁ ବୈଧତା ପ୍ରଦାନ କରୁଥିବା ଏବଂ ସମାନ ନାଗରିକତା ପ୍ରତି ରାଜ୍ୟର ପ୍ରତିବଦ୍ଧତା ଉପରେ ସାଧାରଣ ଲୋକଙ୍କ ବିଶ୍ୱାସକୁ ହ୍ରାସ କରୁଥିବା ଉଦାହରଣ ପରିପ୍ରେକ୍ଷୀରେ ଏକ ଆବେଦନର ଶୁଣାଣି କରି ଛନ୍ତି ସୁପ୍ରିମକୋର୍ଟ । ସୁପ୍ରିମକୋର୍ଟ କହିଛନ୍ତି ଯେ ରାଜନୈତିକ ନେତାମାନେ ଭ୍ରାତୃତ୍ୱକୁ ପ୍ରୋତ୍ସାହିତ କରିବା ଉଚିତ ଏବଂ ଉଚ୍ଚ ସରକାରୀ ପଦାଧିକାରୀମାନେ ସମ୍ବିଧାନର ଆଦର୍ଶ ପାଳନ କରିବା ଉଚିତ।

## ଭାରତ-ଫ୍ରାନସ ସଂପର୍କର ନୂଆ ଅଧ୍ୟାୟ

- ଏଭରେଷ୍ଟର ଉଚ୍ଚତାରେ ଉଡ଼ିବା ସମର୍ଥ ହେଲିକପ୍ଟର ହେବ ନିର୍ମାଣ
- ମୁକ୍ତ ବାଣିଜ୍ୟ ଚୁକ୍ତି ଦ୍ୱିପାକ୍ଷିକ ସମ୍ପର୍କରେ ବେଗ ଆଣିବ
- ପ୍ରତ୍ୟେକ କ୍ଷେତ୍ରରେ ଶାନ୍ତି ପାଇଁ ସମସ୍ତ ପ୍ରୟାସକୁ କରିବୁ ସମର୍ଥନ

ନୂଆଦିଲ୍ଲୀ,୧୭।୨: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନଙ୍କୁ ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରିବା ପାଇଁ ଭାରତକୁ ମଙ୍ଗଳବାର ସ୍ୱାଗତ କରିଛନ୍ତି। ପରେ ଫ୍ରାନ୍ସ ରାଷ୍ଟ୍ରପତିଙ୍କ ସହ ଏକ ମିଳିତ ସାମ୍ବାଦିକ ସମ୍ମିଳନୀ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, ଫ୍ରାନ୍ସ ଭାରତର ସବୁଠାରୁ ପୁରୁଣା ରଣନୈତିକ ଅଂଶୀଦାରମାନଙ୍କ ମଧ୍ୟରୁ ଅନ୍ୟତମ। ସେ କହିଛନ୍ତି, 'ଆଜି ଆମେ ଏକ ବିଶେଷ, ବିଶ୍ୱସ୍ତରୀୟ, ରଣନୈତିକ ସହଭାଗୀତା ଭାବରେ ଆମର ସମ୍ପର୍କକୁ ସ୍ଥାପନ କରୁଛୁ। ଏହା ବିଶ୍ୱ ସ୍ଥିରତା ଏବଂ ଉନ୍ନତି ପାଇଁ ଏକ ସହଭାଗିତା। ରାଷ୍ଟ୍ରପତି ମାକ୍ରନଙ୍କ ସହିତ ମିଶି, ଆମେ ଏହି ରଣନୈତିକ ସହଭାଗିତାକୁ ଅଭୂତପୂର୍ବ ଗଭୀରତା ଏବଂ ଶକ୍ତି ପ୍ରଦାନ କରିଛୁ।'ଏଚ୍-୧୨୫ ହେଲିକପ୍ଟର ବିଷୟରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, 'ଆମେ ଗର୍ବିତ ଯେ ଭାରତ ଏବଂ ଫ୍ରାନ୍ସ ମିଳିତ ଭାବରେ ମାଉଣ୍ଟ ଏଭରେଷ୍ଟର ଉଚ୍ଚତାରେ ଉଡ଼ିବା ପାଇଁ ସକ୍ଷମ । ଏଥିପାଇଁ ଉଭୟ ଦେଶ ବିଶ୍ୱର ପ୍ରଥମ ହେଲିକପ୍ଟର ନିର୍ମାଣ କରିବେ। ଆମେ ଏହାକୁ ସମଗ୍ର ବିଶ୍ୱକୁ ରପ୍ତାନି କରିବୁ । ଭାରତ ଏବଂ ଫ୍ରାନ୍ସ ମଧ୍ୟରେ କୌଣସି ସୀମା ନାହିଁ। କିଛି ଦିନ ପୂର୍ବରୁ, ଆମେ ୟୁରୋପିୟନ ୟୁନିୟନ ସହିତ ଏକ ମୁକ୍ତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରିଛୁ। ଏହି ମୁକ୍ତ ବାଣିଜ୍ୟ ଚୁକ୍ତି ଭାରତ-ଫ୍ରାନ୍ସ ସମ୍ପର୍କରେ ଅଭୂତପୂର୍ବ ବେଗ ଆଣିବ। ଇନୋଭେସନ ଆଇସୋଲେସନ ମାଧ୍ୟମରେ ନୁହେଁ, ବରଂ କୋଲାବରେସନ ମାଧ୍ୟମରେ ହୁଏ। ଆମେ ପ୍ରତ୍ୟେକ କ୍ଷେତ୍ରରେ ଆମର ଗବେଷଣା ଏବଂ ଇନୋଭେସନକୁ ଏକତ୍ର କରିବୁ। ଆମେ ଆମର ଛାତ୍ର ଏବଂ ଗବେଷଣାର ଆଦାନ ପ୍ରଦାନକୁ ସହଜ କରିବୁ। ଆଜି ବିଶ୍ୱ ଅନିଶ୍ଚିତତାର ସମୟ ଦେଇ ଗତି କରୁଛି, ଏବଂ ଆମେ ଅନ୍ତର୍ଜାତୀୟ ସୌର ମେଣ୍ଟ ଏବଂ ଆଇଏମଇସି ମାଧ୍ୟମରେ ସମୃଦ୍ଧିକୁ ପ୍ରୋତ୍ସାହିତ କରିବୁ। ପ୍ରଧାନମନ୍ତ୍ରୀ ମୋଦି ବିଶ୍ୱର ବିଭିନ୍ନ ଅଞ୍ଚଳରେ ଆତଙ୍କବାଦର ବିପଦ ଏବଂ ଯୁଦ୍ଧର ବିପଦକୁ ଦର୍ଶାଇଛନ୍ତି। ସେ କହିଛନ୍ତି ଯେ, 'ୟୁକ୍ରେନ, ପଶ୍ଚିମ ଏସିଆ କିମ୍ବା ଭାରତ-ପ୍ରଶାନ୍ତ ମହାସାଗର ହେଉ, ଆମେ ପ୍ରତ୍ୟେକ କ୍ଷେତ୍ରରେ ଶାନ୍ତି ପାଇଁ ସମସ୍ତ ପ୍ରୟାସକୁ ସମର୍ଥନ କରିବୁ। ସମସ୍ତ ପ୍ରକାର ଏବଂ ପ୍ରକାଶନରେ ଆତଙ୍କବାଦକୁ ମୂଳୋତ୍ପାଟନ କରିବା ଆମର ମିଳିତ ପ୍ରତିବଦ୍ଧତା। ଆମେ ଶୀଘ୍ର ଫ୍ରାନ୍ସରେ ସ୍ୱାମୀ ବିବେକାନନ୍ଦ ସଂସ୍କୃତି କେନ୍ଦ୍ର ଖୋଲିବୁ ।'



## ମାଟ୍ରିକ: ସାଢ଼େ ନଅଟା ସୁଦ୍ଧା ଆସିଲେ ପରୀକ୍ଷା ଦେଇପାରିବେ

- ପରୀକ୍ଷା ପାଇଁ ୩୭ଟି ସ୍ୱତନ୍ତ୍ର ସ୍କ୍ୱାଡ୍
- ସମସ୍ତ ସେଣ୍ଟରରେ ସିସିଟିଭି ବ୍ୟବସ୍ଥା
- ବୋର୍ଡ଼ର କମାଣ୍ଡ କଣ୍ଟ୍ରୋଲ ରୁମରୁ ହେବ ପରୀକ୍ଷା ନିୟନ୍ତ୍ରଣ

କଟକ,୧୭।୨(ନିପ୍ର): ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ଼) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଗୁରୁବାର ଠାରୁ ଆରମ୍ଭ ହେବ । ରାଜ୍ୟରେ ୫ଲକ୍ଷ ୬୧ହଜାର ୯୭୯ଜଣ ଛାତ୍ରଛାତ୍ରୀ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେବେ । ଏଥିପାଇଁ ୩୦୮୨ଟି ପରୀକ୍ଷା କେନ୍ଦ୍ରର ବ୍ୟବସ୍ଥା କରାଯାଇଛି । ପ୍ରତିଦିନ ଗୋଟିଏ ସିଟିଂରେ ପୂର୍ବାହ୍ନ ୯ଟାରୁ ୧୧.୩୦ ମିନିଟ ପର୍ଯ୍ୟନ୍ତ ପରୀକ୍ଷା କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ପରୀକ୍ଷା ସୁଚାରୁରୂପେ ପରିଚାଳନା ପାଇଁ ବୋର୍ଡ଼ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି । ୯ଟା ୩୦ ମିନିଟ ପର୍ଯ୍ୟନ୍ତ ସେଣ୍ଟରକୁ ଛାତ୍ରଛାତ୍ରୀମାନେ ଆସିଲେ ପରୀକ୍ଷା ଦେଇପାରିବେ ବୋଲି ବୋର୍ଡ଼ ସଭାପତି କହିଛନ୍ତି । ପୂର୍ବରୁ ୯ଟା ୧୫ ମିନିଟ ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ ହୋଇଥିଲା । ଏଥିରେ ଆଉ ୧୫ମିନିଟ ବୃଦ୍ଧି କରାଯାଇଛି ବୋଲି ବୋର୍ଡ଼ ସଭାପତି କହିଛନ୍ତି । କପି ଯୋଗାଇଲେ କିମ୍ବା କିଛି ଅନିୟମିତତା କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଚଳିତ ବର୍ଷ ବୋର୍ଡ଼ ପକ୍ଷରୁ ୩୭ଟି ସ୍କ୍ୱାର୍ଡ଼ ଗଠନ କରାଯାଇଛି । ପ୍ରତି ସ୍କ୍ୱାଡ୍‌ରେ ୨ଜଣ ଲେଖାଏ ସଦସ୍ୟ ରହିଛନ୍ତି । ପ୍ରଥମ ପର୍ଯ୍ୟାୟରେ ବୋର୍ଡ଼ ପକ୍ଷରୁ ୭୪ଜଣ ସଦସ୍ୟଙ୍କୁ ନେଇ ୩୭ଟି ଦଳ ଗଠିତ କରାଯାଇଛି । ପରୀକ୍ଷା କେନ୍ଦ୍ରରେ କେଉଁ କେଉଁ ସୁବିଧା ରହିବ, ପ୍ରଶ୍ନପତ୍ର ଏବଂ ଉତ୍ତରଖାତା କିଭଳି ନିର୍ଦ୍ଧାରିତ ସମୟ ଅନୁଯାୟୀ ପହଞ୍ଚିବ, ସେଥିପାଇଁ କରାଯାଇଥିବା ବ୍ୟବସ୍ଥାକୁ ଅନୁପାଳନ ନିମନ୍ତେ କୁହାଯାଇଛି । ଗତ ୧୦ ତାରିଖ ଠାରୁ ନୋଡ଼ାଲ ସେଣ୍ଟରଗୁଡ଼ିକୁ ବୋର୍ଡ଼ ମୁଖ୍ୟ କାର୍ଯ୍ୟାଳୟରୁ ପ୍ରଶ୍ନପତ୍ର ପଠା କାର୍ଯ୍ୟ ଆରମ୍ଭ ହୋଇଥିଲା । ମଂଗଳବାର ସବୁ ନୋଡ଼ାଲ କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚିବା ନେଇ ସୂଚନା ମିଳିଛି ।ସୂଚନା ମୁତାବକ, ରାଜ୍ୟରେ ଚଳିତବର୍ଷ ୫ଲକ୍ଷ ୬୧ହଜାର ୯୭୯ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବେ । ଏଥିପାଇଁ ୩୦୮୨ଟି ପରୀକ୍ଷା କେନ୍ଦ୍ରର ବ୍ୟବସ୍ଥା କରାଯାଇଛି ।




## ଆଜିଠୁ ଯୁକ୍ତ ୨ ପରୀକ୍ଷା

- ପ୍ରଥମ ଥର: ଜିପିଏସ ବ୍ୟବସ୍ଥାରେ ପଠାଗଲା ପ୍ରଶ୍ନପତ୍ର
- ଶାନ୍ତ ମନ ଓ ଆତ୍ମବିଶ୍ୱାସର ସହ ଦିଅନ୍ତୁ ପରୀକ୍ଷା : ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର,୧୭।୨(ନିପ୍ର)ବୁଧବାରଠାରୁ ଯୁକ୍ତ ୨ ପରୀକ୍ଷା ଆରମ୍ଭ ହେବ। ୨୮ ମାର୍ଚ୍ଚ ପର୍ଯ୍ୟନ୍ତ ଏହା ଚାଲିବ। ୧୩୬୪ଟି ପରୀକ୍ଷା କେନ୍ଦ୍ରରେ ଆୟୋଜିତ ହେବ ଏବଂ ୪,୦୧,୬୨୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ।କପି ରୋକିବା ସହ ନକଲମୁକ୍ତ ପରୀକ୍ଷା ପାଇଁ ୫ଟି ସ୍ତରରେ ୧୦୨ଟି ସ୍କ୍ୱାଡ୍ ଟିମ୍ ଗଠନ କରାଯାଇଛି, ଯେଉଁମାନେ ହଠାତ୍ ପରୀକ୍ଷା କେନ୍ଦ୍ର ପହଞ୍ଚି ଯାଞ୍ଚ କରିବେ। ଏଥର ପ୍ରଥମ ଥର ପାଇଁ ଜିପିଏସ ବ୍ୟବସ୍ଥାରେ ପ୍ରଶ୍ନପତ୍ର ଓ ଉତ୍ତରଖାତା ପଠାଯାଇଛି । ସମସ୍ତ ହବ୍‌ରେ ୨୪ଗୁଣନ୭ ଲାଇଭ୍ ଷ୍ଟ୍ରିମିଙ୍ଗ ବ୍ୟବସ୍ଥା କରାଯାଇଛି । ଏହାର ସିଧାସଳଖ ନିୟନ୍ତ୍ରଣ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦରେ ରହିଛି, ଯାହା ମାଧ୍ୟମରେ ପରୀକ୍ଷା ପ୍ରକ୍ରିୟାକୁ ତଦାରଖ କରିହେବ । ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପରୀକ୍ଷାର୍ଥୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ଲେଖିଛନ୍ତି ଏହି ପରୀକ୍ଷା ଆପଣମାନଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ। ଆପଣମାନଙ୍କର ଦୀର୍ଘ ଦିନର ପରିଶ୍ରମ, ନିଷ୍ଠା ଏବଂ ସଂକଳ୍ପ ନିଶ୍ଚିତ ଭାବେ ସଫଳତାରେ ପରିଣତ ହେବ ବୋଲି ମୋର ପୂର୍ଣ୍ଣ ଆଶା ଅଛି। ଶାନ୍ତ ମନ ଓ ଆତ୍ମବିଶ୍ୱାସର ସହ ସମସ୍ତେ ପରୀକ୍ଷା ଦିଅନ୍ତୁ। ରାଜ୍ୟ ସରକାରଙ୍କ ପକ୍ଷରୁ ପରୀକ୍ଷା ସୂଚାରୁ ଭାବେ ଆୟୋଜନ ପାଇଁ ସମସ୍ତ ପ୍ରସ୍ତୁତି କରାଯାଇଛି।



CMYK

# ହନୁମାନଙ୍କୁ ସିନ୍ଦୂର, ପୁଷ୍ପ ଚଢ଼ାଇ ପାରିବେ ମହିଳା



ହିନ୍ଦୁଙ୍କର ସବୁଠୁ ପ୍ରିୟ ଦେବତା ସଙ୍କଟମୋଚନ ହନୁମାନ। ବ୍ୟାଧି, ଭୟ, ସଙ୍କଟରୁ ମୁକ୍ତି ଲାଗି ନାରୀପୁରୁଷ ନିର୍ବିଶେଷରେ ହନୁମାନଙ୍କର ପୂଜା କରିଥାନ୍ତି । ତେବେ ହନୁମାନଙ୍କ ପୂଜା କରିବା ସମୟରେ ମହିଳାଙ୍କ ପାଇଁ ରହିଛି କିଛି ବାରଣ ରହିଛି। ଯାହା ଭେଦଭାବ ଭିତ୍ତିରେ ହୋଇ ନାହିଁ ପରନ୍ତୁ ଏହା ସମ୍ପୂର୍ଣ୍ଣ ଭାବେ 'ମର୍ଯ୍ୟାଦା' ପ୍ରତି ସମ୍ମାନର ପ୍ରତୀକ। ପୁରାଣ ଶାସ୍ତ୍ର ମୁତାବକ ହନୁମାନ୍ ପ୍ରଭୁ ଶ୍ରୀରାମଙ୍କର ପରମ ସେବକ । ସେ ଚିରଞ୍ଜୀବୀ ପୁଣି ଆଜନ୍ମ ବ୍ରହ୍ମଚାରୀ। କେବଳ ମାତା ସୀତା ନୁହନ୍ତି, ପ୍ରତ୍ୟେକ ନାରୀଙ୍କୁ ମାତୃଶକ୍ତି ସ୍ୱରୂପ ଭାବେ ବିବେଚନା କରନ୍ତି । ମା' ଯେପରି ସନ୍ତାନର ପାଦ ଛୁଏଁ ନାହିଁ, ସେହି ମର୍ଯ୍ୟାଦା ରକ୍ଷା ଲାଗି ମହିଳାମାନେ ହନୁମାନଙ୍କ ମୂର୍ତ୍ତି ନିକଟରେ ନତମସ୍ତକ ହେବା ସମୟରେ ତାଙ୍କ ପାଦ ସ୍ପର୍ଶ କରନ୍ତି ନାହିଁ ବା କରିବା ଅନୁଚିତ। ପୂଜା ବେଳେ ଯଦି ଜଣେ ମହିଳା ଚାହୁଁଛନ୍ତି ମୂର୍ତ୍ତିରେ ସିନ୍ଦୂର, ପୁଷ୍ପ ଚଢ଼ାଇବା ଲାଗି ତାହା ପୂଜକଙ୍କ ଜରିଆରେ ଅର୍ପଣ କରିବା ଶ୍ରେୟସ୍କର। ହନୁମାନ୍ ଚାଳିସା ପାଠ କରିବା ବା ସୁନ୍ଦରାକାଣ୍ଡ ପଢ଼ିବା ଇତ୍ୟାଦିରେ କୌଣସି ବାରଣ ମହିଳାମାନଙ୍କ ପ୍ରତି ଲାଗୁ ହୋଇ ନ ଥାଏ ।





# ଶିବଲିଙ୍ଗ



ସମଗ୍ର ଶିବ ପରିବାରର ପ୍ରତୀକ ଶିବଲିଙ୍ଗ ଭଗବାନ ଶିବଙ୍କୁ ପୂଜା କରାଯାଏ ନାହିଁ, ବରଂ ସମଗ୍ର ଶିବ ପରିବାରକୁ ଏକାଠି ପୂଜା କରାଯାଏ । ଶିବଙ୍କୁ କେବେ ଏକାକୀ ପୂଜା କରାଯାଏ ନାହିଁ । ବରଂ ତାଙ୍କୁ ଶିବ ପଞ୍ଚାୟତ ଏବଂ ଶିବ ପରିବାର ସହିତ ପୂଜା କରାଯାଏ । ଶିବ ପଞ୍ଚାୟତରେ ଅଛନ୍ତି ପାଞ୍ଚ ଦେବତା, ସେହିପରି ଶିବ ପରିବାରରେ ତାଙ୍କ ପରିବାର ଏବଂ ତାଙ୍କର ସମସ୍ତ ଗଣ ଅନ୍ତର୍ଭୁକ୍ତ । କିଛି ତାଙ୍କ ସହିତ ପ୍ରମୁଖ ଭାବରେ ଜଡ଼ିତ, ଅନ୍ୟ କିଛି ତାଙ୍କ ସହିତ ପ୍ରତୀକାତ୍ମକ ଭାବରେ ଜଡ଼ିତ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, ସମଗ୍ର ଶିବ ପରିବାର ଶିବଲିଙ୍ଗ ମଧ୍ୟରେ ଅନ୍ତର୍ଭୁକ୍ତ, ଯାହା ଭଗବାନ ଶିବଙ୍କ ପ୍ରତୀକ । ତେଣୁ, କୁହାଯାଏ ଯେ ସମଗ୍ର ଶିବ ପରିବାର ଶିବଙ୍କ କଳସ ମଧ୍ୟରେ ଅନ୍ତର୍ଭୁକ୍ତ ।ଏହା ଦୃଷ୍ଟିରୁ ସମଗ୍ର ବ୍ରହ୍ମାଣ୍ଡ ଶିବଲିଙ୍ଗ ଉପରେ ଥିବା କଳସ ମଧ୍ୟରେ ଅବସ୍ଥିତ । ଭକ୍ତମାନେ ଶିବଲିଙ୍ଗରେ ଜଳ, କ୍ଷୀର ଏବଂ ବେଲପତ୍ର ଅର୍ପଣ କରନ୍ତି, ଭଗବାନ ଶିବଙ୍କ ଅଭିଷେକ କରନ୍ତି । କିନ୍ତୁ, ବହୁତ କମ୍ ଲୋକ ଜାଣନ୍ତି ଯେ କେବଳ ମହାଦେବ ନୁହେଁ, ତାଙ୍କ ସମଗ୍ର ପରିବାର ଶିବଲିଙ୍ଗ ମଧ୍ୟରେ ବାସ କରନ୍ତି ବୋଲି ବିଶ୍ୱାସ କରାଯାଏ । ଧାର୍ମିକ ମାନ୍ୟତା ଅନୁସାରେ, ଶିବଲିଙ୍ଗର ଉପର ଅଂଶ ସ୍ୱୟଂ ଭଗବାନ ଶିବଙ୍କର ଏକ ପ୍ରକାଶ । ଏହାକୁ ଘେରି ରହିଥିବା ବୃତ୍ତାକାର ଜଳ ପାତ୍ରକୁ ଶକ୍ତି ଏବଂ ଶକ୍ତିର ଅବତାର ଦେବୀ ପାର୍ବତୀଙ୍କ ପ୍ରତୀକ ଭାବରେ ବିବେଚନା କରାଯାଏ । ପ୍ରଭୁ ଗଣେଶ ଜଳ ପାତ୍ରର ଡାହାଣ ପାର୍ଶ୍ୱରେ ଏବଂ ଭଗବାନ କାର୍ତ୍ତିକେୟ ବାମ ପାର୍ଶ୍ୱରେ ବାସ କରନ୍ତି ବୋଲି ବିଶ୍ୱାସ କରାଯାଏ। ମଧ୍ୟ ରେଖାଙ୍କୁ ଦେବୀ ଅଶୋକ ସୁନ୍ଦରୀଙ୍କ ବାସସ୍ଥାନ ବୋଲି କୁହାଯାଏ । ଶିବଲିଙ୍ଗର ତଳ ପାର୍ଶ୍ୱ ଦେବୀ ପାର୍ବତୀଙ୍କ 'ହାତ କମଳ' ଭାବରେ ମଧ୍ୟ ଜଣାଶୁଣା । ଉପରୁ ପଡୁଥିବା ଜଳ ପାତ୍ର ଶିବଙ୍କ ଜଟାରୁ ଉତ୍ପନ୍ନ ଦେବୀ ଗଙ୍ଗା ଏବଂ ତାଙ୍କ ମସ୍ତକରେ ଥିବା ଚନ୍ଦ୍ରଙ୍କ ପ୍ରତୀକ । ଶିବଲିଙ୍ଗ ଉପରେ ଥିବା ସର୍ପ ତାଙ୍କର ଶିଷ୍ୟ, ବାସୁକି, ଯିଏ ସମସ୍ତ ନାଗ ବଂଶ ସହିତ ଶିବଙ୍କ ସହିତ ଥାଆନ୍ତି । ଶାନ୍ତ ମୁଦ୍ରାରେ ରହିଛନ୍ତି ନନ୍ଦି, ଯିଏ ସିଧାସଳଖ ଶିବଲିଙ୍ଗ ସମ୍ମୁଖରେ ଅଛନ୍ତି । ଦେବୀ ପାର୍ବତୀଙ୍କ ବାହନ, ସିଂହ ସହିତ ଅଛନ୍ତି ।



## ଖାଲି ପେଟରେ କଞ୍ଚା ରସୁଣ ଓ ଉଷୁମ ପାଣି ସେବନ କରିବା ଉଚିତ

ଆଜିର ଏହି ବ୍ୟସ୍ତ ବହୁଳ ଜୀବନରେ କେହି ମଧ୍ୟ ନିଜ ଶରୀର ପ୍ରତି ଯତ୍ନବାନ ହେଉ ନାହାନ୍ତି । ସମସ୍ତଙ୍କୁ ବୁଝିବା ଜରୁରୀ ଅଟେ କି ଶରୀର ସୁସ୍ଥ ରହିଲେ ହିଁ ଆମେ ଜୀବନରେ ଆଗକୁ ବଢ଼ି ପାରିବା । ସାଧାରଣତଃ ରସୁଣକୁ ଆମେ ଖାଦ୍ୟରେ ସ୍ୱାଦ ବଢାଇବା ପାଇଁ ବ୍ୟବହାର କରିଥାଉ। ସକାଳୁ ଉଠି ଖାଲି ପେଟରେ କଞ୍ଚା ରସୁଣ ୨ ପାଖୁଡ଼ା ଖାଇ ଉଷୁମ ପାଣି ପିଇବା ଦ୍ୱାରା ଅନେକ ଫାଇଦା ମିଳିଥାଏ । ରସୁଣ ଆମ ଶରୀରର ପାଇଁ ବହୁତ ଉପକାରୀ ଅଟେ । ଯଦି ଆପଣ ପ୍ରତ୍ୟେକଦିନ ରସୁଣର ଗୋଟେ କିମ୍ବା ଦୁଇଟି କୋଷା ସେବନ କରୁଥିବେ, ତାହେଲେ ଏହା ଆପଣଙ୍କ ଶରୀର ପାଇଁ ଅମୃତ ସମାନ ହୋଇଥାଏ । ଏହାସହିତ ଯଦି ଆପଣଙ୍କର ଅର୍ଶ, କବଜ ଭଳି ସମସ୍ୟା ରହିଛି ତାହେଲେ, ନିଶ୍ଚିତ ଭାବରେ ଆପଣଙ୍କର ଏହି ସମସ୍ୟା ଦୂର ହୋଇଯିବ। ରସୁଣର ସେବନ କଲେ, ଭୋକ ବଢ଼ିଥାଏ ଏବଂ ମଧୁମୟ, ରକ୍ତଚାପ, ଆଦି ରୋଗ ଦୂର ହୋଇ ଯାଇଥାଏ ।



## ମହାନ୍ ଋଷିଗଣ



ଶ୍ରୀମଦ୍‌ଭଗବଦ୍ ଗୀତାରେ କୁହାଯାଇଛି ଯେ ଯାହାର ମନ ଦୁଃଖରେ ବିଚଳିତ ହୁଏ ନାହିଁ, ଯିଏ ସୁଖର ଇଚ୍ଛା କରିନଥାଏ। ଯିଏ ଦ୍ୱେଷ, ଭୟ ଏବଂ କ୍ରୋଧରୁ ମୁକ୍ତ ରହିଥାଏ, ସେପରି ନିଶ୍ଚଳ ବୁଦ୍ଧିସମ୍ପନ୍ନ ମନୁଷ୍ୟ ମୁନି ବା ଋଷି ବୋଲାଇବାର ଯୋଗ୍ୟ । ସନ୍ଥ, ସାଧୁ, ଋଷି, ଯତି, ତପସ୍ୱୀ, ଭିକ୍ଷୁ, ଶ୍ରମଣ ଆଦି ଅନେକ ନାମ ରହିଥିଲେ ବି ଏମାନେ ସମସ୍ତେ ଈଶ୍ୱରଙ୍କ ଅତି ନିକଟତର ବୋଲି ଶାସ୍ତ୍ରରେ ଏମାନଙ୍କ ମହିମା ବର୍ଣ୍ଣନା କରାଯାଇଛି । ଏମାନେ ସମାଜ କଲ୍ୟାଣ ପାଇଁ ବଳିଷ୍ଠ ଯୋଗଦାନ ଦେଇଛନ୍ତି । ବୈଦିକ ଏବଂ ପୌରାଣିକ କାଳରେ ଏପରି ଅନେକ ପ୍ରସିଦ୍ଧ ଋଷିଙ୍କ ସମ୍ପର୍କରେ ଉଲ୍ଲେଖ କରାଯାଇଛି ଯେଉଁମାନେ କୌଣସି ନା କୌଣସି କାରଣ ପାଇଁ ପ୍ରସିଦ୍ଧି ହାସଲ କରିଥିଲେ। ମହର୍ଷି ଅଙ୍ଗିରା ଥିଲେ ଋକ୍‌ବେଦର ପ୍ରସିଦ୍ଧ ଋଷି । ସେ ବ୍ରହ୍ମାଙ୍କ ପୁତ୍ର ଥିଲେ। ତାଙ୍କ ପୁତ୍ର ବୃହସ୍ପତି ଦେବତାମାନଙ୍କର ଗୁରୁ ଥିଲେ । ଋକ୍‌ବେଦ୍‌ରେ ଉଲ୍ଲେଖ ରହିଛି ଯେ ଋଷି ଅଙ୍ଗିରା ସର୍ବପ୍ରଥମେ ଅଗ୍ନି ଉତ୍ପନ୍ନ କରିଥିଲେ। ବିଶ୍ୱାମିତ୍ରଙ୍କୁ ଗାୟତ୍ରୀ ମନ୍ତ୍ରର ପ୍ରଣେତା ବୋଲି କୁହାଯାଏ । ବେଦମନ୍ତ୍ରର ସର୍ବପ୍ରଥମ ଦ୍ରଷ୍ଟାଙ୍କ ମଧ୍ୟରେ ତାଙ୍କୁ ଗଣନା କରାଯାଇଥାଏ । ଆୟୁର୍ବେଦାଚାର୍ଯ୍ୟ ସୁଶ୍ରୁତ ତାଙ୍କର ପୁତ୍ର ଥିଲେ । ବିଶ୍ୱାମିତ୍ରଙ୍କ ପରମ୍ପରାରେ ଚାଲୁଥିବା ଋଷିଗଣ ତାଙ୍କ ନାମ ଧାରଣ କରିଥିଲେ । ଏହି ପରମ୍ପରା ଅନ୍ୟ ଋଷିଙ୍କ ସହିତ ମଧ୍ୟ ଚାଲିଥାଏ। ବିଶ୍ୱାମିତ୍ରଙ୍କ ଅନ୍ୟନାମ କୌଶିକ ଥିଲା । ବେଦକାଳର ଅନ୍ୟଜଣେ ପ୍ରମୁଖ ଋଷି ଥିଲେ ବଶିଷ୍ଠ । ସେ ସପ୍ତର୍ଷିଙ୍କ ମଧ୍ୟରେ ଅନ୍ୟତମ । ସେ ଋକ୍‌ବେଦର ଅନେକ ମନ୍ତ୍ର ରଚନା କରିଥିଲେ। ତାଙ୍କୁ ମଧ୍ୟ ଗାୟତ୍ରୀ ମନ୍ତ୍ରର ସାଧକ କୁହାଯାଏ । ତାଙ୍କ ପତ୍ନୀ ଦେବୀ ଅରୁନ୍ଧତୀ ବୈଦିକ କର୍ମକାଣ୍ଡରେ ତାଙ୍କର ସହଭାଗିନୀ ଥିଲେ । ମହର୍ଷି କଶ୍ୟପ ବେଦ ଏବଂ ପୁରାଣ କାଳର ମହାନ ଋଷିଙ୍କ ମଧ୍ୟରେ ପରିଗଣିତ ହୋଇଥାନ୍ତି । ସେ ମାରୀଚ ଋଷିଙ୍କ ପୁତ୍ର ଥିଲେ।



## ମା' ସରସ୍ୱତୀଙ୍କ ଆବିର୍ଭାବ କାହାଣୀ

ପୁରାଣ ଅନୁସାରେ, ସୃଷ୍ଟି ଆରମ୍ଭ ବେଳେ ଭଗବାନ ବିଷ୍ଣୁଙ୍କ ଠାରୁ ଆଜ୍ଞା ପାଇ ସୃଷ୍ଟିକର୍ତ୍ତା ବ୍ରହ୍ମା ମନୁଷ୍ୟ ଯୋନିର ରଚନା କରିଥିଲେ। କିନ୍ତୁ ବ୍ରହ୍ମା ନିଜର ସର୍ଜନାରେ ସନ୍ତୁଷ୍ଟ ନଥିଲେ। କାରଣ କାହାର ବି ବାକ୍ ଶକ୍ତି ନଥିଲା । ତେଣୁ ସାରା ବିଶ୍ୱ ବ୍ରହ୍ମାଣ୍ଡ ଥିଲା ନିରବ, ନିସ୍ତବ୍ଧ । ଅନେକ ଚିନ୍ତା କରିବା ପରେ ବ୍ରହ୍ମା ନିଜ କମଣ୍ଡଳୁ ଜଳ ପୃଥିବୀ ଉପରେ ଛିଞ୍ଚିଥିଲେ, ଫଳରେ ପୃଥିବୀରେ କମ୍ପନ ହେବା ସହ ଅଦ୍ଭୁତ ଶକ୍ତି ରୂପରେ ଚର୍ତୁଭୁଜ ବିଶିଷ୍ଟ ସୁନ୍ଦର ନାରୀ ପ୍ରକଟ ହୋଇଥିଲେ। ତାଙ୍କର ଗୋଟିଏ ହାତରେ ଥିଲା ବୀଣା ଏବଂ ଅନ୍ୟ ହାତ ଆଶୀର୍ବାଦ ମୁଦ୍ରାରେ ରହିଥିଲା। ସେହିଭଳି ଅନ୍ୟ ଦୁଇ ହସ୍ତରେ ସେ ପୁସ୍ତକ ଏବଂ ମାଳି ଧାରଣ କରିଥିଲେ। ଦେବୀଙ୍କୁ ବ୍ରହ୍ମା ବୀଣା ବାଦନ କରିବାକୁ କହିଲେ। ଏହାପରେ ଦେବୀ ସରସ୍ୱତୀଙ୍କ ବୀଣାର ମଧୁର ଧ୍ୱନିରୁ ସଂସାରର ସମସ୍ତ ଜୀବଜନ୍ତୁଙ୍କୁ ବାଣୀ ବା ବାକ୍ ଶକ୍ତି ପ୍ରାପ୍ତ ହୋଇଥିଲା। ନଦୀ, ଝରଣା ସବୁ କଳ କଳ ନାଦରେ ବହିବାକୁ ଲାଗିଲେ। ପ୍ରକୃତିର ଅପରୂପ ଶୋଭାରେ ହସି ଉଠିଲା ସାରା ସଂସାର। ତେଣୁ ବ୍ରହ୍ମା ସନ୍ତୁଷ୍ଟ ହୋଇ ଏହି ସୁନ୍ଦରୀ ନାରୀଙ୍କ ନାମ ଦେଇଥିଲେ ସରସ୍ୱତୀ। ପୁରାଣ ଅନୁଯାୟୀ, ଭଗବାନ ଶ୍ରୀବିଷ୍ଣୁ ମା' ସରସ୍ୱତୀଙ୍କ ଉପରେ ଖୁସି ହୋଇ ବସନ୍ତ ପଞ୍ଚମୀ ଦିନକୁ ସରସ୍ୱତୀଙ୍କ ଜନ୍ମ ଦିବସ ଭାବେ ପାଳନ କରିବାକୁ ବରଦାନ ଦେଇଥିଲେ। ମାନ୍ୟତା ରହିଛି, ଏହିଦିନ କାମଦେବ ପତ୍ନୀ ରତିଙ୍କ ସହ ପୃଥିବୀପୃଷ୍ଠକୁ ଆସିଥାନ୍ତି। ଏଣୁ ଯେଉଁ ପତ୍ନିପତ୍ନୀ ଏହି ଦିନ କାମଦେବ ଓ ରତିଙ୍କୁ ପୂଜା କରିଥାନ୍ତି, ସେମାନଙ୍କ ବୈବାହିକ ଜୀବନ ଖୁସିରେ କଟିଥାଏ। ଏହି ଦିନ ଲକ୍ଷ୍ମୀ ଓ ଭଗବାନ ବିଷ୍ଣୁଙ୍କୁ ମଧ୍ୟ ପୂଜା କରିବା ବିଧି ରହିଛି।



## ସର୍ବଦା ପ୍ରସନ୍ନଚିତ୍ତ ରହିବାର ସୁଫଳ

*ସୁସ୍ଥ ରହିବା ଲାଗି ଶାରୀରିକ ସୁସ୍ଥତା ଜରୁରୀ ନୁହେଁ, ମନ ସୁସ୍ଥ ରହିବା ମଧ୍ୟ ସେତକି ଜରୁରୀ ଅଟେ । ସକାରାତ୍ମକ ହାସ୍ୟ ଦ୍ୱାରା ମନକୁ ଶାନ୍ତ ରଖାଯାଇପାରିବ ।*




ଭଗବାନ ଶ୍ରୀକୃଷ୍ଣ ଶ୍ରୀମଦ୍‌ଭଗବତ୍ ଗୀତାରେ କହିଛନ୍ତି, "ପ୍ରସାଦେ ସର୍ବଦୁଖାନା ହାନିରସ୍ୟୋ ପ୍ରଜାୟତେ । ପ୍ରସନ୍ନଚେତସୋ ହ୍ୟାଶୁ ବୁଦ୍ଧି ପର୍ଥ ବତିଷ୍ଠତେ"। ଅର୍ଥାତ୍ ଖୁସି ରହିବା ମାତ୍ରକେ ବୁଦ୍ଧି ସ୍ଥିର ହୋଇଯାଇଥାଏ । ମନ ବିଚଳିତ ହୁଏ ନାହିଁ । ଏକାଗ୍ରତ ବୃଦ୍ଧି ପାଇଥାଏ। ତେଣୁ ହେ ଅର୍ଜୁନ ଚିନ୍ତା ପରିତ୍ୟାଗ କରି ଏବଂ ପ୍ରସନ୍ନ ରୁହ । ଏହିପରି ଯେତେବେଳେ ଯୁଧିଷ୍ଠିରଙ୍କୁ ଯକ୍ଷ ପଚାରିଲେ ଯେ ଜୀବନ ପାଇଁ ସବୁଠୁ ମହତ୍ୱପୂର୍ଣ୍ଣ କ'ଣ ଅଟେ? ଯୁଧିଷ୍ଠିର କହିଥିଲେ ଯେ "ନିରୋଗୀ କାୟା"। ସୁସ୍ଥା ରହିବା ଲାଗି ଶାରୀରିକ ସୁସ୍ଥତା ଜରୁରୀ ନୁହେଁ, ମନ ସୁସ୍ଥ ରହିବା ମଧ୍ୟ ସେତକି ଜରୁରୀ ଅଟେ । ସକାରାତ୍ମକ ହାସ୍ୟ ଦ୍ୱାରା ମନକୁ ଶାନ୍ତ ରଖାଯାଇପାରିବ । ହାସ୍ୟ ବା ସୁଖ ଗମ୍ଭୀରତାକୁ ବିଲୋପ କରିଦେଇଥାଏ । ମୂର୍ଖତା ଦୂର ହୋଇଥାଏ । ଜୈନ ଧର୍ମର ଆରମ୍ଭ ହାସ୍ୟରୁ ହୋଇଥିଲା ବୋଲି ବିଶ୍ୱାସ କରାଯାଏ । ତେବେ ଭଗବାନ ବୁଦ୍ଧ କେବେ ହସିନଥିଲେ ବୋଲି କେହି କେହି କୁହନ୍ତି । କିନ୍ତୁ ଏହା ଗ୍ରହଣଯୋଗ୍ୟ କି? ଭଗବାନ ବୁଦ୍ଧ ସର୍ବଦା ପ୍ରସନ୍ନଚିତ୍ତ ରହୁଥିଲେ । ଭଗବାନ ବୁଦ୍ଧଙ୍କର ଜଣେ ଥିଲେ "ହୋତେଇ"। ସେ ନିଜ ହସ ପାଇଁ ପ୍ରସିଦ୍ଧ ଥିଲେ । ତାଙ୍କ ହସ କାରଣରୁ ତାଙ୍କ ନାମ ଲାଫିଙ୍ଗ ବୁଦ୍ଧା ହୋଇଥିଲା। ଚୀନ୍‌ରେ ଲାଫିଙ୍ଗ ବୁଦ୍ଧାଙ୍କୁ ପୂଜା କରାଯାଇଥାଏ। ସେ ନିଜ ଶିଷ୍ୟମାନଙ୍କୁ ଧ୍ୟାନ, ପ୍ରାର୍ଥନା ଶିଖାଇନଥିଲେ, କେବଳ ହସ ଶିଖାଇଥିଲେ। ହସରୁ ଧ୍ୟାନର ଏକ ବିଶେଷ ବିଧି ସେ ବିକଶିତ କରିଥିଲେ । ସବୁବେଳେ ସହାସ୍ୟ ଚିତ୍ତରେ ରହୁଥିବା ମଣିଷ ଜୀବନର ମାଧୁର୍ଯ୍ୟକୁ ଅନୁଭବ କରିପାରିଥାଏ ଏବଂ ନିଜ ଭିତରେ ଏକ ସହଜ ଅନୁଭୂତି ଲାଭ କରିଥାଏ। କୁହାଯାଏ ଯେ ମଣିଷ ଭିତରେ ଆତ୍ମବିଶ୍ୱାସ ରହିଥିଲେ ହିଁ ଯାଇ ସେ ହସିପାରିଥାଏ । ବହି ପଢୁଥିବା ଲୋକମାନେ ବୋଧହୁଏ ଏହା ଜାଣିଥିବେ ଯେ ପ୍ରସିଦ୍ଧି ଇଂରାଜୀ ନାଟ୍ୟକାର ୱିଲିୟମ ସେକ୍ସପିୟରଙ୍କ ନାଟକରେ ସବୁବେଳେ ଏକ ଜୋକର ରହୁଥିଲା। ସେ ହସି ହସି ସତ କହିଦେଉଥିଲା।, ଅନ୍ୟକୁ ଏହା ଖୁବ୍ ବାଧୁଥିଲା କିନ୍ତୁ ହସି ହସି ସେ ସବୁବେଳେ ସତ ହିଁ କହିଦେଉଥିଲା। ତେଣୁ ଏଠାରେ କୁହାଯାଇପାରେ ଯେ ହସନ୍ତୁ ଏବଂ ହସାନ୍ତୁ ଏବଂ ଖୁସି ବାଂଟନ୍ତୁ ।



## କୁହୁଡି ହେଲା କାଳ, ଦୁର୍ଘଟଣାରେ ୩ ଗୁରୁତର

ହିଞ୍ଜିଳିକାଟୁ,(ନିପ୍ର): ୫୯ ନଂ ଜାତୀୟ ରାଜପଥ ତଥା ହିଞ୍ଜିଳି ଥାନା ସମରଝୋଳ ଛକ ନିକଟରେ ମଙ୍ଗଳବାର ସକାଳେ ମୋଟର ସାଇକେଲ ଦୁର୍ଘଟଣା ଘଟି ୩ ଜଣ ଗୁରୁତର ଆହତ ହୋଇଛନ୍ତି । ଆହତମାନେ ହେଲେ ବଡଗଡ ଥାନା ଓଳମ୍ବା ଗ୍ରାମର ଶିବରାମ ଭୂୟାଁ (୨୧), ହାଡିଚିରା ଗ୍ରାମର ଫକିର ସ୍ୱାଇଁ (୨୧) ଓ ଶୁଭମ ବିଶୋୟୀ(୧୮) । ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସ ଯୋଗେ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି । ଖବର ପାଇ ହିଞ୍ଜିଳି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ମୋଟର ସାଇକେଲକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି । ପ୍ରକାଶ ଯେ, ମଙ୍ଗଳବାର ସକାଳେ ୩ ଜଣ ଯୁବକ ବ୍ରହ୍ମପୁର ଠାରୁ ଏକ ମୋଟର ସାଇକେଲ(କେଏ୫୩ ଜେବି ୧୫୯୬) ଯୋଗେ ଗ୍ରାମକୁ ଫେରୁଥିଲେ ।

## ଐତିହ୍ୟ ଚିହ୍ନ କାର୍ଯ୍ୟକ୍ରମ 'ପଶୁପତି'

ପୁରୀ,(ନିପ୍ର): ପୁରୀ ଜିଲ୍ଲା ସ୍ୱେଚ୍ଛାସେବୀ ସଂଗଠନ ସାମ୍ମୁଖ୍ୟ, ଦ ବେଲ୍ ଓ ଭାରତ ଯୋଗ କେନ୍ଦ୍ର ମିଳିତ ଆନୁକୁଲ୍ୟରେ ପୁରୀ ସହର ତଳି ବସ୍ତି ଅଞ୍ଚଳ ପିଲାଙ୍କ ପାଇଁ ମହାଶିବରାତ୍ରି ଜାଗର ଯାତ୍ରା ଉପଲକ୍ଷେ ପଶୁପକ୍ଷୀ ଐତିହ୍ୟଚିହ୍ନ କାର୍ଯ୍ୟକ୍ରମ 'ପଶୁପତି' ଅନୁଷ୍ଠିତ ହୋଇଯାଇଛି ।ପୁରୀ ବଳିଆ ପଣ୍ଡା ଅଞ୍ଚଳରେ ସାମାଜିକ ଅନୁଷ୍ଠାନ ଦ ବେଲ୍ ଦ୍ୱାରା ପରିଚାଳିତ ଏକ ଲବ୍ୟ ପାଠଶାଳାରେ ପଢୁଥିବା ପଚାଶରୁ ଊର୍ଦ୍ଧ୍ୱ ବସ୍ତି ଅଞ୍ଚଳ ପିଲା ମାନଙ୍କୁ ନନ୍ଦନ କାନନ ସହିତ ଧଉଳି ଗିରି, ଖଣ୍ଡ ଗିରି ଓ ବିଭିନ୍ନ ଧର୍ମୀୟ ଐତିହ୍ୟ ସ୍ଥଳ ବୁଲାଇବାକୁ ନିଆଯାଇଥିଲା । ଜାଗର ଯାତ୍ରାରେ ମନ୍ଦିର ସଫେଇ ,ଜଳ ଓ ପ୍ରସାଦ ବର୍ଣ୍ଟନ ବଦଳରେ ଏ ବର୍ଷ ଆମେ ଭିନ୍ନ ଭାବରେ ଏହାକୁ ପାଳନ କରିବା ପାଇଁ ନିଷ୍ପତ୍ତି ନେଇ ଥିଲା ବୋଲି କହିଛନ୍ତି ବେଲ୍ ଅଧକ୍ଷ ସିଦ୍ଧାର୍ଥ ରାୟ । ଜାଗର ଯାତ୍ରା ଅବସରରେ ପିଲାଙ୍କ ମନରେ ଧର୍ମୀୟ ଓ ସାଂସ୍କୃତିକ ଭାବଧାରାକୁ ଉଜାଗର କରିବା ପାଇଁ ଏହି ବ୍ୟବସ୍ଥା କରିଛୁ ବୋଲି ଏକଲବ୍ୟ ପାଠ ଶାଳାର ପରିଚାଳକ ଉମେଶ ଚନ୍ଦ୍ର ଦାସ କହିଛନ୍ତି ।ଏହି ପରିଦର୍ଶନ କାର୍ଯ୍ୟକ୍ରମକୁ କଲ୍ୟାଣୀ ସେଠୀ,ତୁଳସୀ ସ୍ୱାଇଁ,ରାଧିକା ଦାସ,ବିଜୟ ସାହୁ ପ୍ରଭୃତି ପରିଚାଳନା କରି ଥିଲେ ।

# ୧୧ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ କରିଛନ୍ତି ଶିକ୍ଷା ବିଭାଗର କିରାଣି !

## କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ଘଣ୍ଟ ଘୋଡାଇବାକୁ ମସୁଧା ଚଳାଇଛନ୍ତି ପଦାଧିକାରୀ, ଭିଜିଲାନ୍ସ ତଦନ୍ତ ଦାବି

ବୋଲଗଡ଼,(ନିପ୍ର): ଖୋର୍ଦ୍ଧା ଜିଲ୍ଲା ବୋଲଗଡ ଗୋଷ୍ଠୀ ଶିକ୍ଷା ବିଭାଗର ଜନୈକ କିରାଣୀ ୧୧ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ କରିଥିବା ନେଇ ଅଭିଯୋଗ ହୋଇଛି । ଅଭିଯୋଗ ପାଇବାପରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ଘଣ୍ଟ ଘୋଡାଇବାକୁ ମସୁଧା ଚଳାଇଛନ୍ତି ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ବିଭାଗର ଜଣେ ପଦାଧିକାରୀ। ସୂଚନା ଅନୁଯାୟୀ ବୋଲଗଡ ସରକାରୀ ଉଚ୍ଚ ବିଦ୍ୟାଳୟରେ ସପ୍ତାହରେ ଦୁଇ ଦିନ କାର୍ଯ୍ୟ କରୁଥିବା ସହିତ ଡେପୁଟେଶନରେ ବ୍ଲକ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ସପ୍ତାହରେ ୪ଦିନ ପାଇଁ ଦାୟିତ୍ୱରେ କାର୍ଯ୍ୟ କରନ୍ତି ଜନୈକ କିରାଣୀ । ଅବସରକାଳୀନ ପେନସନ ହେଉ ଅବା କାର୍ଯ୍ୟାଳୟର ବିଭିନ୍ନ ସରକାରୀ ଅନୁଦାନରୁ ବହୁ ଅର୍ଥ ହଡପ କରିଥିବା ନେଇ ଅଭିଯୋଗ ହେଉଥିଲେ ମଧ କାହା ଛତ୍ର ଛାୟା ତଳେ ରହି ଛପିଯାଆନ୍ତି । ଏବେ ୧୧ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଚଂଚଳତା କରିଥିବା କୁହାଯାଉଛି । ବୋଲଗଡ ସରକାରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଜଣେ ପ୍ରଧାନ ଶିକ୍ଷକଙ୍କ ଅବସର ପରେ ଉଚ୍ଚ ରକ୍ତଚାପ ରୋଗରେ ପୀଡ଼ିତ ହୋଇ ଶାରୀରିକ ଅକ୍ଷମତା ଅବସ୍ଥାରେ ପଡ଼ିଛନ୍ତି । ତାଙ୍କର ପାଇବାକୁ ଥିବା (ଇ ଏଲ୍) ନିଜର ଉପାର୍ଜିତ ଛୁଟି ଟଙ୍କା ପାଇବା ପାଇଁ ୧ବର୍ଷରୁ ଅଧିକ ହେବ ବିଲ ଆବେଦନ କରିଥିଲେ । ଆବେଦନ




ପରେ ସରକାରଙ୍କ ଟ୍ରେଜେରିରୁ ତାଙ୍କୁ ତାଙ୍କର ୧୧ଲକ୍ଷ ୨୨ହଜାର ୨ସହ ୬୫ ଟଙ୍କା ପ୍ରାପ୍ତ କରାଯାଇଥିଲା । ଏହି ଟଙ୍କାକୁ ଜନୈକ କିରାଣୀ ଚଞ୍ଚକତା କରି ନିଜ ସ୍ତ୍ରୀ ଆକାଉଣ୍ଟକୁ ହଡ଼ପ କରି ନେଇ ଯାଇଥିଲେ । ବାରମ୍ବାର ବିଲ କାହିଁକି ଆସୁନାହିଁ ବୋଲି କିରାଣିକୁ ପଚାରିବାରୁ ତୁମ ଟଙ୍କା ଏ ପର୍ଯ୍ୟନ୍ତ ପାସ୍ ହୋଇନାହିଁ ବୋଲି କହି ଠକି ଚାଲିଥିଲେ । ଏ ସଂକ୍ରାନ୍ତରେ ସ୍କୁଲର କାର୍ଯ୍ୟରତ ଜନୈକ ଶିକ୍ଷୟିତ୍ରୀଙ୍କୁ ପଚାରି ବୁଝିବାରେ ତଦନ୍ତ କରାଯାଇଥିଲା । ଜାଣିବାକୁ ପାଇଲେ ବିଗତ ଜାନୁୟାରୀ ମାସ ୯ତାରିଖରୁ ୧୧ଲକ୍ଷ ୨୨ହଜାର ୨୬୫ଟଙ୍କା ତାଙ୍କୁ ପ୍ରାପ୍ୟ ହୋଇ ସାରିଛି । ଉକ୍ତ ଟଙ୍କାକୁ କୌଶଳକ୍ରମେ ଜନୈକ କିରାଣୀ ହଡ଼ପ କରି ନେଇଯାଇଥିବା ଜାଣିବାକୁ ପାଇଥିଲେ । ଏ ସଂକ୍ରାନ୍ତରେ ଖୋର୍ଦ୍ଧାଜିଲ୍ଲା ପଦାଧିକାରୀଙ୍କୁ ଅବଗତ କରିଥିଲେ । ପଦାଧିକାରୀ ହଡ଼ପ ହୋଇଥିବା ଜାଣିବା ପରେ ଜନୈକ କିରାଣୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନ ନେଇ ଘଟଣାକୁ ଚପାଇ ଦେବା ପାଇଁ ଏହାକୁ ସମାଧାନ ପାଇଁ ବୁଝାଶୁଝା କରି ଛାଡ଼ିଦେଇଥିଲେ । ପ୍ରଧାନ ଶିକ୍ଷକ ରୋଗ ଶଯ୍ୟାରେ ଥାଇ ତାଙ୍କ ଧର୍ମ ପତ୍ନୀକୁ ପଠାଇଥିଲେ। ହେଲେ ତାଙ୍କୁ ଟଙ୍କା ମିଳିବା ପରିବର୍ତ୍ତେ ଧମକ ମିଳିଥିଲା ବୋଲି କୁହାଯାଇଛି । ଘଟଣା ପ୍ରଘଟ ହୋଇଥିଲେ ମଧ ଏ ପର୍ଯ୍ୟନ୍ତ ତାଙ୍କୁ ଟଙ୍କା ମିଳିପାରିନାହିଁ । ଏପରିକି ପଦାଧିକାରୀ ୧୧ଲକ୍ଷ ୨୨ହଜାର ହଡ଼ପ ଘଟଣା ଜାଣି ଶୁଣି ଚଂଚଳତା କରି ଠକି ଥିଲେ ମଧ କିରାଣୀଙ୍କୁ କିପରି ସହଯୋଗ କରିଥିଲେ ତାହା ସନ୍ଦେହଘେରରେ । ଏହି ଘଟଣାରୁ ଜଣାପଡୁଛି କି ମିଳିତ ଭାଗ ବାଣ୍ଟି ଟଙ୍କାକୁ ହଡ଼ପ କରିଥିବା ସାଧାରଣରେ ଚର୍ଚ୍ଚା ହେଉଛି । ଏହାକୁ ଭିଜିଲାନ୍ସ ତଦନ୍ତପୂର୍ବକ ସଂପୃକ୍ତ କିରାଣୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

## ୧୬ଙ୍କୁ ନୂତନ ଭାବେ ମଧୁବାବୁ ପେନସନ

କାଶୀନଗର,(ନିପ୍ର): କାଶୀନଗର ବ୍ଲକ ସ୍ଥିତ ପଞ୍ଚାୟତ ସମିତି କାର୍ଯ୍ୟାଳୟ ବୈଠକ ଗୃହ ଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶୁଣାଣିରେ ଗଜପତି ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ବନଖଣ୍ଡ ଅଧିକାରୀ ପାରଳାଖେମୁଣ୍ଡି କେ.ନାଗାରାଜୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ପୃଥ୍ୱୀରାଜ ମଣ୍ଡଳ, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା, ଅଂଶୁମାନ ମହାପାତ୍ର ଅଭିଯୋଗ ଶୁଣାଣିରେ ଯୋଗଦାନ କରି କାଶୀନଗର ପଞ୍ଚାୟତ ସମିତିର ସମୁଦାୟ ମୋଟ-୬୫ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା । ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୩୭ ଗୋଟି,ଗ୍ରାମ ଭିତ୍ତିକ ସମସ୍ୟା -୨୮ଗୋଟି ଅଭିଯୋଗ ଆସିଥିଲା । ଜିଲ୍ଲାପାଳ ଆସିବା ସମୟରେ ଶିଆଳି ସରପଞ୍ଚ ରାମ ପ୍ରସାଦ ପଟନାୟକ ବ୍ଲକର ଯୋଗ୍ୟ ବୃଦ୍ଧ ବୃଦ୍ଧାମାନଙ୍କୁ ବାର୍ଦ୍ଧକ୍ୟ ଭତ୍ତା, ରେସନ କାର୍ଡ, ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଦାବି ଉପସ୍ଥାପନା କରିଥିଲେ। ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ୧୬ଜଣଙ୍କୁ ନୂତନ ଭାବେ ମଧୁବାବୁ ପେନସନ ଯୋଜନାରେ ସାମିଲ୍ କରିବା ସହ ଏହି ବ୍ଲକର ଶ୍ୱେତା ଦୋରା ଓ ଡିନେଶ କୁମାର ସାହୁଙ୍କୁ କନ୍ୟା ବିବାହ ଯୋଜନା ଅନ୍ତର୍ଗତ ପ୍ରୋତ୍ସାହନ ରାଶି ଦୁଇ ଲକ୍ଷ ପଚାଶ ହଜାର ଟଙ୍କାର ଏକ ବ୍ୟାଙ୍କ ଚେକ ଜିଲ୍ଲା ପାଳ ପ୍ରଦାନ କରି କନ୍ୟା ବିବାହ ଯୋଜନାକୁ ସଫଳ କରିଥିଲେ ।

## ୪ କେନ୍ଦ୍ରରେ ପରୀକ୍ଷା ଦେବେ ୧୮୧୧ ପରୀକ୍ଷାର୍ଥୀ

ହିଞ୍ଜିଳିକାଟୁ,(ନିପ୍ର): ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ବର୍ଷର +୨ ପରୀକ୍ଷା ବୁଧବାର ଠାରୁ ଆରମ୍ଭ ହେବ । ପରୀକ୍ଷାକୁ ଶାନ୍ତି ଶୃଙ୍ଖଳାର ସହ ସମାପନ କରିବା ପାଇଁ ସମସ୍ତ ପ୍ରକାରର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି ।ହିଞ୍ଜିଳିକାଟୁ ବ୍ଲକର ୪ଟି ପରୀକ୍ଷା କେନ୍ଦ୍ରରେ ୧୮୧୧ ପରୀକ୍ଷାର୍ଥୀ ପରୀକ୍ଷା ଦେବା ପାଇଁ ସ୍ଥିରିକୃତ ହୋଇଛି । ହିଞ୍ଜିଳିକାଟୁ ସ୍ୱୟଂଶାସିତ ବିଜ୍ଞାନ ମହାବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୩୧୦ ପରୀକ୍ଷାର୍ଥୀ ପରୀକ୍ଷା ଦେବା ପାଇଁ ସ୍ଥିର କରାଯାଇଛି । ସେମାନଙ୍କ ମଧ୍ୟରୁ କଳା ବିଭାଗର ୩୮୮(ରେଗୁଲାର ୩୭୬ ଓ ଏକ୍ସ ରେଗୁଲାର ୧୨), ବାଣିଜ୍ୟ ବିଭାଗର ୩୦୯ (ରେଗୁଲାର ୩୦୧ ଓ ଏକ୍ସ ରେଗୁଲାର ୮), ବିଜ୍ଞାନ ବିଭାଗର ୫୭୮(ରେଗୁଲାର ୫୪୩ ଓ ଏକ୍ସ ରେଗୁଲାର ୩୫) ପରୀକ୍ଷା ଦେବେ । ହିଞ୍ଜିଳିକାଟୁ ସ୍ୱୟଂଶାସିତ ବିଜ୍ଞାନ ମହାବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ଏସଏମଆଇଟି, ବ୍ରହ୍ମପୁର ଓ କୁକୁଡାଖଣ୍ଡି ବ୍ଲକ ଲାଞ୍ଜିଆ ହର୍ଷବର୍ଦ୍ଧନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପରୀକ୍ଷାର୍ଥୀ ମାନେ ପରୀକ୍ଷା ଦେବେ । କଞ୍ଚରୁ ପିଏମଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ କଳା ବିଭାଗର ୧୦୮(ରେଗୁଲାର ୧୦୭ ଓ ଏକ୍ସ ରେଗୁଲାର ୧) ପରୀକ୍ଷାର୍ଥୀ ପରୀକ୍ଷା ଦେବେ ।

## କୋରାପୁଟ : ଏନ୍‌ଏଚ୍‌ଏମ୍ ପାରାମେଡିକଙ୍କ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

କୋରାପୁଟ,(ନିପ୍ର): ଅଲ୍ ଓଡ଼ିଶା କଣ୍ଟ୍ରାକଚୁଆଲ ପାରାମେଡିକ ଆସୋସିଏସନ ବ୍ୟାନରରେ କୋରାପୁଟ ଜିଲ୍ଲାରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଓ ମୋବାଇଲ ହେଲଥ ୟୁନିଟରେ କାର୍ଯ୍ୟରତ ପାରାମେଡିକାଲ କର୍ମଚାରୀଙ୍କ ପକ୍ଷରୁ ଚାକିରୀ ସମସ୍ୟା ନେଇ ଜିଲ୍ଲାପାଳ ଓ ସିଡିଏମଓଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଛି ।ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ ଓ ଆରବିଏସକେରେ କାର୍ଯ୍ୟରତ ଏଏନଏମ,ଫାର୍ମାସିଷ୍ଟ ଓ ଷ୍ଟାଫନର୍ସଙ୍କ ଏକ ପ୍ରତିନିଧି ମଣ୍ଡଳି ସୋମବାର କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ାଃ ରବୀନ୍ଦ୍ର ନାଥ ମିଶ୍ରଙ୍କୁ ଭେଟି ଦାବୀପତ୍ର ପ୍ରଦାନ କରିଥିଲେ। ଦୀର୍ଘ ୧୨ ରୁ ୨୦ବର୍ଷ ଧରି କାର୍ଯ୍ୟରତ ଏହି କର୍ମଚାରୀ ଦୁର୍ଗମ ଗ୍ରାମାଞ୍ଚଳରେ ଓ ସ୍କୁଲ ପିଲାଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଆସୁଛନ୍ତି। ସମୟୋଚିତ ଚିକିତ୍ସା ସହିତ ରେଫରାଲ,ଔଷଧ ବଣ୍ଟନ,ଟୀକାକରଣ,ସଚେତନତା, ଆବଶ୍ୟକ ସମୟରେ



ସ୍ୱାସ୍ଥ୍ୟକେନ୍ଦ୍ରର ଓପିଡି ଓ ଇଣ୍ଡୋରରେ ସେବା ଯୋଗାଇ ଆସୁଛନ୍ତି ଓ କୋଭିଡ ୧୯ ଭଳି ଦୁର୍ଦ୍ଦିନ ସମୟରେ ମଧ ଉଲ୍ଲେଖନୀୟ ସେବା ଯୋଗାଇ ଥିଲେ। ଜୀବନର ସର୍ବୋତ୍ତମ ସମୟ ସରକାରଙ୍କୁ ଦେଇଥିଲେ ମଧ ଓ ସରକାର ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଥିବା ଅନ୍ୟ ପାରାମେଡିକାଲ କର୍ମଚାରୀଙ୍କୁ ୨୦୧୯ରେ ନୂତନ ସେବା ସର୍ତ୍ତାବଳୀ କରି ନିୟମିତ କରିଥିଲେ ସୁଦ୍ଧା ଆରବିଏସକେ ଓ ଏମଏଚୟୁ କର୍ମଚାରୀଙ୍କୁ ଅଣଦେଖା କରିଛନ୍ତି ବୋଲି ଦାବିପତ୍ରରେ ଉଲ୍ଲେଖ କରି ସରକାର ମାନ୍ୟବର ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ସତ୍ତ୍ୱେ ନୀରବ ରହିଥିବା କହିଛନ୍ତି। ସଂଘର ଦାବି ଅନୁଯାୟୀ ସରକାର ସେମାନଙ୍କୁ ନିୟମିତ କର୍ମଚାରୀ ରୂପେ ଗ୍ରହଣ କରିବା,ଚାକିରୀ ସୁରକ୍ଷା,ପେନସନ ଓ ପଦୋନ୍ନତି ବ୍ୟବସ୍ଥା କରିବା,ସମାନ କାମକୁ ସମାନ ଦରମା ନୀତିରେ ନିୟମିତ କର୍ମଚାରୀଙ୍କ ଭଳି ସମକକ୍ଷ ବେତନ ଦେବା,କେବିକେ ପ୍ରୋତ୍ସାହନ ରାଶି ପ୍ରଦାନ, ଘରଭଡ଼ା ଓ ଡିଏ ବ୍ୟବସ୍ଥା ଏବଂ ଏମଏଚୟୁ କର୍ମଚାରୀଙ୍କୁ ଇପିଏଫ୍ ସୁବିଧା ଆଦି ଦେବାକୁ ନିବେଦନ କରାଯାଇଛି

## ଗଞ୍ଜାମ ଜିଲ୍ଲା ହାବିଲଦାର ଓ କନେଷ୍ଟବଳ ସଂଘ ନିର୍ବାଚନ

ହିଞ୍ଜିଳିକାଟୁ, (ନିପ୍ର): ଗଞ୍ଜାମ ଜିଲ୍ଲା ପୁଲିସ ହାବିଲଦାର ଓ କନେଷ୍ଟବଳ ସଂଘର ନିର୍ବାଚନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ହିଞ୍ଜିଳି ଥାନାର ଏକ ସ୍ୱତନ୍ତ୍ର ପ୍ରକୋଷ୍ଠରେ ମତଦାନ କେନ୍ଦ୍ର କରାଯାଇଥିଲା । ସକାଳ ୯ ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ମତଦାନ ଚାଲିଥିଲା । ଏଥିରେ ହିଞ୍ଜିଳି ଥାନା ସମେତ ଆଡପଡା ଓ ପିତଳ ଫାଣ୍ଡିରେ କାର୍ଯ୍ୟରତ ୨୯ ଜଣ ହାବିଲଦାର ଓ କନେଷ୍ଟବଳ ନିଜ ନିଜର ମତଦାନ ସାବ୍ୟସ୍ତ କରିଥିଲେ । ଥାନା ଆଇଆଇସି ଶ୍ରୀନିବାସ ସେଠି ପ୍ରିଜାଇଡିଂ ଅଫିସର ଓ ଏସଆଇ ସୁରେଶ କୁମାର ସାହୁ ପୁଲିଂ ଅଧିକାରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ ।

# ୩ ଏଆଇ ମହାଶକ୍ତି ମଧ୍ୟରେ ସ୍ଥାନ ପାଉ ଭାରତ: ମୋଦି

ଦେଶର ରାଜଧାନୀ ନୂଆଦିଲ୍ଲୀରେ ଇଣ୍ଡିଆ ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀ ଆରମ୍ଭ ହୋଇଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଖବର ସରବରାହ ସଂସ୍ଥା ଏଏନଆଇକୁ ଏକ ସ୍ୱତନ୍ତ୍ର ସାକ୍ଷାତକାର ଦେଇଛନ୍ତି । ଏଥିରେ ସେ ସମ୍ମିଳନୀର ବାର୍ତ୍ତା ସର୍ବଜନ ହିତାୟ, ସର୍ବଜନ ସୁଖାୟ (ସମସ୍ତଙ୍କ କଲ୍ୟାଣ, ସମସ୍ତଙ୍କ ଖୁସି) ଉପରେ ଆଲୋକପାତ କରିଛନ୍ତି । ଏହି ସାକ୍ଷାତକାରର ବିବରଣୀ ନିମ୍ନରେ ଦିଆଗଲା:

**ଏଏନଆଇ :** ଭାରତ ପ୍ରଥମ ଥର ପାଇଁ ଗ୍ଲୋବାଲ୍ ସାଉଥରେ ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀ ୨୦୨୬ ଆୟୋଜନ କରୁଛି। ଏହି ସମ୍ମିଳନୀର ମୂଳମନ୍ତ୍ର ହେଉଛି ''ସର୍ବଜନ ହିତାୟ, ସର୍ବଜନ ସୁଖାୟ' (ସମସ୍ତଙ୍କ କଲ୍ୟାଣ, ସମସ୍ତଙ୍କର ଖୁସି)। ଏହି ସମ୍ମିଳନୀର ଉଦ୍ଦେଶ୍ୟ କ'ଣ ଏବଂ ଏପରି ବାର୍ତ୍ତା କାହିଁକି ରଖାଯାଇଛି ?

**ପ୍ରଧାନମନ୍ତ୍ରୀ:** ଆଜି, ଏଆଇ ଏକ ସଭ୍ୟତାର ପରିବର୍ତ୍ତନ ବିନ୍ଦୁରେ ଠିଆ ହୋଇଛି । ଏହା ଅଭୂତପୂର୍ବ ଉପାୟରେ ମାନବ କ୍ଷମତାକୁ ବିସ୍ତାର କରିପାରିବ, କିନ୍ତୁ ଯଦି ଏହାକୁ ସଠିକ ମାର୍ଗଦର୍ଶନ କରା ନ ଯାଏ ତେବେ ଏହା ବର୍ତ୍ତମାନ ସାମାଜିକ ଭିତ୍ତିଭୂମିକୁ ମଧ୍ୟ କ୍ଷତିଗ୍ରସ୍ତ କରିପାରେ। ସେଥିପାଇଁ ଆମେ ଜାଣିଶୁଣି ଏହି ଶିଖର ସମ୍ମିଳନୀକୁ ଏପରି ପ୍ରସ୍ତୁତ କରିଛୁ ଯାହା କେବଳ ନବୋନ୍ମେଷ ନୁହେଁ ବରଂ ଅର୍ଥପୂର୍ଣ୍ଣ ଏବଂ ସମାନ ଫଳାଫଳ ସୁନିଶ୍ଚିତ କରେ। ସମ୍ମିଳନୀର ବାର୍ତ୍ତା, ''ସର୍ବଜନ ହିତାୟ, ସର୍ବଜନ ସୁଖାୟ'', ଭାରତର ସଭ୍ୟତାଗତ ଦର୍ଶନକୁ ପ୍ରତିଫଳିତ କରେ। ପ୍ରଯୁକ୍ତିର ଶେଷ ଲକ୍ଷ୍ୟ 'ସମସ୍ତଙ୍କ କଲ୍ୟାଣ, ସମସ୍ତଙ୍କର ଖୁସି' ହେବା ଉଚିତ। ପ୍ରଯୁକ୍ତିବିଦ୍ୟା ମାନବତାର ସେବା ପାଇଁ ରହିଛି, ଏହାକୁ ବଦଳାଇବା ପାଇଁ ନୁହେଁ। ଏହି ଶିଖର ସମ୍ମିଳନୀ ସାଧାରଣ ଲୋକ, ପୃଥିବୀ ଏବଂ ପ୍ରଗତି ଉପରେ ଆଧାରିତ। ଏଆଇ ସିଷ୍ଟମଗୁଡ଼ିକ ବିଶ୍ୱବ୍ୟାପୀ ସମାଜରେ ସୃଷ୍ଟି ହୋଇଥିବା ଜ୍ଞାନ ଏବଂ ତଥ୍ୟ ଉପରେ ନିର୍ଭର କରେ। ତେଣୁ, ଆମେ ଚାହୁଁଛୁ ଯେ ଏଆଇର ଲାଭ ସମସ୍ତଙ୍କ ନିକଟରେ ପହଞ୍ଚୁ ଏବଂ କେବଳ ପ୍ରାରମ୍ଭିକ ଗ୍ରହଣକାରୀଙ୍କ ପାଖରେ ସୀମିତ ନରହୁ। ଆମର ଦୃଷ୍ଟିକୋଣ ସ୍ପଷ୍ଟ: ଏଆଇ ଗଭୀର ଭାବରେ ମାନବ-କୈନ୍ଦ୍ରିକ ରହି ବିଶ୍ୱ ବିକାଶକୁ ତ୍ୱରାନ୍ୱିତ କରିବା ଉଚିତ।

**ଏଏନଆଇ :** ଆପଣ ସବୁବେଳେ ସଶକ୍ତିକରଣ ଏବଂ ବିକାଶ ପାଇଁ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବା ବିଷୟରେ କହିଛନ୍ତି। ୨୦୪୭ ମସିହାରେ ଏଆଇର ଭୂମିକାକୁ ଆପଣ କିପରି ଦେଖନ୍ତି ?

**ପ୍ରଧାନମନ୍ତ୍ରୀ:** ଏଆଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଅଭିମୁଖେ ଯାତ୍ରାରେ ଏକ ପରିବର୍ତ୍ତନକାରୀ ସୁଯୋଗକୁ ପ୍ରତିନିଧିତ୍ୱ କରେ। ଏକ ରଣନୀତିକ ଦୃଷ୍ଟିକୋଣ ସହିତ ଏଆଇକୁ ସଚେତନ ଭାବରେ ବ୍ୟବହାର କରିବା ଦ୍ୱାରା ସମ୍ପୂର୍ଣ୍ଣ ନୂତନ ଆର୍ଥିକ ସୁଯୋଗ ସୃଷ୍ଟି କରିବା ସହିତ ଗଭୀର ବିକାଶମୂଳକ ଆହ୍ୱାନଗୁଡ଼ିକୁ ମୁକାବିଲା କରିବାରେ ସାହାଯ୍ୟ ମିଳିଥାଏ। ଏହାଦ୍ୱାରା ସମାବେଶୀ ଅଭିବୃଦ୍ଧି ସକ୍ଷମ ହୋଇଥାଏ, ସହରାଞ୍ଚଳ-ଗ୍ରାମାଞ୍ଚଳ ବିଭାଜନ ଦୂର ହୁଏ ଏବଂ ସୁଯୋଗର ପ୍ରବେଶକୁ ବିସ୍ତାର କରାଯାଏ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ, ଏଆଇ ପୂର୍ବରୁ ପ୍ରଭାବ ବିସ୍ତାର କରି ଆସୁଛି । ଆମେ ପ୍ରାଥମିକ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରରେ ଯକ୍ଷ୍ମା, ମଧୁମେହ ରେଟିନୋପାଥି, ଏପିଲେପ୍ସି ଏବଂ ଅନ୍ୟାନ୍ୟ ରୋଗର ପ୍ରାରମ୍ଭିକ ଚିହ୍ନଟ ପାଇଁ ଏଆଇ-ଆଧାରିତ ସମାଧାନ ଦେଖୁଛୁ। ଶିକ୍ଷା କ୍ଷେତ୍ରରେ, ଭାରତୀୟ ଭାଷାରେ ଏଆଇ-ଚାଳିତ ବ୍ୟକ୍ତିଗତ ଶିକ୍ଷା ପ୍ଲାଟଫର୍ମ ଗ୍ରାମାଞ୍ଚଳ ଏବଂ ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସ୍ୱତନ୍ତ୍ର ଶୈକ୍ଷିକ ସହାୟତା ପାଇବାରେ ସାହାଯ୍ୟ କରୁଛି। ଏକ ଅତ୍ୟନ୍ତ ଅନନ୍ୟ ପଦକ୍ଷେପ କ୍ରମେ, ଅମୂଲ ହଜାର ହଜାର ଗ୍ରାମର ୩୬ଲକ୍ଷ ମହିଳା ଦୁଗ୍ଧ ଚାଷୀଙ୍କ ପାଖରେ ପହଞ୍ଚିବା ପାଇଁ ଏଆଇର ବ୍ୟବହାର କରୁଛି।

**ଏଏନଆଇ :** ପ୍ୟାରିସରେ ଏଆଇ ଆକ୍ସନ୍ ଶିଖର ସମ୍ମିଳନୀ ୨୦୨୫ରେ ଆପଣଙ୍କ ଅଭିଭାଷଣରେ, ଆପଣ ଏଆଇର ପକ୍ଷପାତିତା ଏବଂ ସୀମାବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହି ତୁଳନାରେ ବର୍ତ୍ତମାନ ପରିସ୍ଥିତି ବଦଳିଛି କି? ଭାରତ କିପରି ଏହି ସମସ୍ୟାର ସମାଧାନ କରିବ ବୋଲି ଆପଣ କିପରି ଚିନ୍ତା କରୁଛନ୍ତି ?

**ପ୍ରଧାନମନ୍ତ୍ରୀ:** ଏଆଇରେ ପକ୍ଷପାତିତା ଏବଂ ସୀମାବଦ୍ଧତା ସମ୍ପର୍କରେ ଚିନ୍ତା ଗଭୀର ଭାବରେ ପ୍ରାସଙ୍ଗିକ ରହିଛି। ଏଆଇ ଗ୍ରହଣୀୟତା ତ୍ୱରାନ୍ୱିତ ହେବା ସହିତ, ବିପଦ ମଧ୍ୟ ବୃଦ୍ଧି ପାଇଥାଏ। ଏଆଇ ସିଷ୍ଟମଗୁଡ଼ିକ ଅଜାଣତରେ ଲିଙ୍ଗ, ଭାଷା ଏବଂ ସାମାଜିକ-ଆର୍ଥିକ ପୃଷ୍ଠଭୂମି ସହିତ ଜଡ଼ିତ ପକ୍ଷପାତିତାକୁ ସ୍ଥାୟୀ କରିପାରେ। ଏଆଇ ଇମ୍ପାକ୍ଟ ସମ୍ମିଳନୀ ୨୦୨୬ ବିଭିନ୍ନ ଅଂଶୀଦାରମାନଙ୍କୁ ଏକାଠି କରୁଛି ଏବଂ ଏଆଇର ପକ୍ଷପାତିତା ଏବଂ ସୀମାବଦ୍ଧତା ଭଳି ବିଷୟଗୁଡ଼ିକ ଉପରେ ବିଶ୍ୱସ୍ତରରେ ସଚେତନତା ସୃଷ୍ଟି କରୁଛି। ଏହା ଏପରି ଏକ ସମସ୍ୟା ଯାହା ପାଇଁ ବିଶ୍ୱ ସହଯୋଗ ଆବଶ୍ୟକ। ବିଶେଷ କରି ଭାରତ ପାଇଁ, ଆମେ ଅଭିନବ ଆହ୍ୱାନ ଏବଂ ସୁଯୋଗର ସମ୍ମୁଖୀନ ହେଉଛୁ। ଆମର ବିବିଧତା - ଭାଷାଗତ, ସାଂସ୍କୃତିକ, ଆଞ୍ଚଳିକ - ଅର୍ଥ ହେଉଛି ଏଆଇ ପକ୍ଷପାତିତା ଏପରି ଉପାୟରେ ପ୍ରକାଶିତ ହୋଇପାରେ ଯାହା ପାଶ୍ଚାତ୍ୟ ପ୍ରସଙ୍ଗରେ ସ୍ପଷ୍ଟ ନ ହୋଇପାରେ।

**ଏଏନଆଇ:** ଆଧାର ଏବଂ ୟୁପିଆଇ ଭଳି କମ ମୂଲ୍ୟର ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି (ଡିପିଆଇ) ନିର୍ମାଣରେ ଭାରତର ସଫଳତା ଅଭୂତପୂର୍ବ। ଡିପିଆଇ ଏବଂ ଏଆଇର ସମନ୍ୱୟ ସାର୍ବଜନୀନ ସେବା ପ୍ରଦାନରେ ଉଲ୍ଲେଖନୀୟ ଉନ୍ନତି ଆଣିପାରେ। ଏଥିରେ ଭାରତ କ'ଣ ଶିଖୁଛି, ଯାହା ଗ୍ଲୋବାଲ୍ ସାଉଥକୁ ସାହାଯ୍ୟ କରିପାରିବ ?

**ପ୍ରଧାନମନ୍ତ୍ରୀ:** ଭାରତର ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି ଯାତ୍ରା ଗ୍ଲୋବାଲ୍ ସାଉଥ୍ ପାଇଁ ଗୁରୁତ୍ୱପୂର୍ଣ୍ଣ ଏବଂ ବ୍ୟବହାରିକ ଶିକ୍ଷା ପ୍ରଦାନ କରେ। ଡିପିଆଇ ଏବଂ ଏଆଇର ସମନ୍ୱୟ ହେଉଛି ସମାବେଶୀ ବିକାଶର ପରବର୍ତ୍ତୀ ସୀମା। ଆଧାର, ୟୁପିଆଇ ଏବଂ ଅନ୍ୟାନ୍ୟ ଡିଜିଟାଲ୍ ସାର୍ବଜନୀନ ସାମଗ୍ରୀ ସହିତ ଆମର ସଫଳତା ଆକସ୍ମିକ ନଥିଲା। ଏହା କିଛି ପ୍ରତିକୃତିଯୋଗ୍ୟ ନୀତିରୁ ଉତ୍ପନ୍ନ ହୋଇଛି। ପ୍ରଥମତଃ, ଆମେ ଏକ ସାର୍ବଜନୀନ ହିତ ଭାବେ ଡିଜିଟାଲ୍ ଭିତ୍ତିଭୂମି ନିର୍ମାଣ କରିଥିଲୁ, ଏକ ମାଲିକାନା ପ୍ଲାଟଫର୍ମ ଭାବେ ନୁହେଁ। ଏହି ଖୋଲା ଏବଂ ଆନ୍ତଃ-ପରିଚାଳନା ଆଧାରିତ ଢାଞ୍ଚା ଏକ ସାଧାରଣ ଆଧାର ସ୍ତର ଉପରେ ନବସୃଜନକୁ ପ୍ରସ୍ଫୁଟିତ କରିବାକୁ ଅନୁମତି ଦେଇଥିଲା। ଦ୍ୱିତୀୟତଃ, ଆମେ ଏହାକୁ ଆରମ୍ଭରୁ ବ୍ୟାପକତା ଏବଂ ଅନ୍ତର୍ଭୁକ୍ତିକରଣ ପାଇଁ ଡିଜାଇନ୍ କରିଥିଲୁ। ଆମର ବ୍ୟବସ୍ଥା ସାମାଜିକ-ଆର୍ଥିକ ସ୍ଥିତି, ସାକ୍ଷରତା ସ୍ତର, ଅଞ୍ଚଳ କିମ୍ବା ଭାଷା ନିର୍ବିଶେଷରେ ୧୪୦ କୋଟି ଲୋକଙ୍କ ପାଇଁ କାମ କରେ। ପ୍ରଯୁକ୍ତିବିଦ୍ୟା ଭୌଗଳିକ ସ୍ଥିତ, ଲିଙ୍ଗ କିମ୍ବା ଆୟ ନିର୍ବିଶେଷରେ ପ୍ରତ୍ୟେକ ନାଗରିକଙ୍କ ସେବା କରିବା ଉଚିତ । କେବଳ ନିଜସ୍ୱ ସ୍ୱାର୍ଥ ପାଇଁ ଏଆଇ ଗ୍ରହଣୀୟ ନୁହେଁ। ଏଆଇ ପ୍ରକୃତରେ ନାଗରିକମାନଙ୍କୁ ସଶକ୍ତ କରିବା ଉଚିତ୍ । ଏହା ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ର ହେବା ଦିଗରେ ଭାରତର ଯାତ୍ରାକୁ ତ୍ୱରାନ୍ୱିତ କରିବା ଆବଶ୍ୟକ ଏବଂ ଗ୍ଲୋବାଲ୍ ସାଉଥ୍ ପାଇଁ ଏକ ବ୍ୟାପକ ମଡେଲ ପ୍ରସ୍ତୁତ କରିବା ଆବଶ୍ୟକ।

**ଏଏନଆଇ:** ଭାରତ ଇଞ୍ଜିନିୟରିଂ ପ୍ରତିଭାର ଏକ ମହାଶକ୍ତି। ଆମେ ବିଶ୍ୱକୁ ବହୁସଂଖ୍ୟକ ପ୍ରଯୁକ୍ତିବିଦ୍ୟାରେ ଦକ୍ଷ କର୍ମଚାରୀ ଯୋଗାଇ ଦେଉଛୁ । ଏଆଇ ଯୁଗରେ ଆମେ ଏହାକୁ କିପରି ଆହୁରି ଗଭୀର କରିପାରିବା ?

**ପ୍ରଧାନମନ୍ତ୍ରୀ:** କେବଳ ଏକ ଗ୍ରାହକ ଭାବରେ ନୁହେଁ, ବରଂ ଏକ ସ୍ରଷ୍ଟା ଭାବରେ ଏକ ଏଆଇ ମହାଶକ୍ତି ହେବା ପାଇଁ ଭାରତରେ ପ୍ରତିଭା ଏବଂ ଉଦ୍ୟୋଗ ଶକ୍ତି ଅଛି। ଆମର ଷ୍ଟାର୍ଟଅପ୍, ଗବେଷଣା ପ୍ରତିଷ୍ଠାନ ଏବଂ ଟେକ୍ ଇକୋସିଷ୍ଟମ୍ ଏଆଇ ସମାଧାନ ନିର୍ମାଣ କରିପାରିବେ ଯାହା ଉତ୍ପାଦନକୁ ବୃଦ୍ଧି କରିପାରିବ, ଶାସନକୁ ଉନ୍ନତ କରିବା ସହ ନୂତନ ନିଯୁକ୍ତି ସୃଷ୍ଟି କରିପାରିବ। ମୁଁ ନିଶ୍ଚିତ ଯେ ଆମର ଯୁବପିଢ଼ି ଭାରତୀୟ ବାସ୍ତବତା ପାଇଁ ଏଆଇ ସମାଧାନ ନିର୍ମାଣ କରିପାରିବେ, ଯାହା ଚାଷୀ, ଏମଏସଏମଇ, ମହିଳା ଉଦ୍ୟୋଗୀ ଏବଂ ତୃଣମୂଳ ସ୍ତରର ଉଦ୍ଭାବକଙ୍କ ପାଇଁ ଡିଜାଇନ୍ କରାଯାଇଛି ।କେନ୍ଦ୍ରୀୟ ବଜେଟ୍ ୨୦୨୬-୨୭ ଏହି ଦୃଷ୍ଟିକୋଣକୁ ସୁଦୃଢ଼ କରେ। ଏହା ଡାଟା ସେଣ୍ଟର ଏବଂ କ୍ଲାଉଡ୍ ଭିତ୍ତିଭୂମି ପାଇଁ ସମର୍ଥନକୁ ବିସ୍ତାର କରେ, ଘରୋଇ କମ୍ପ୍ୟୁଟ୍ କ୍ଷମତାକୁ ମଜବୁତ କରେ। ଇଣ୍ଡିଆ ଏଆଇ ଫ୍ରେମୱାର୍କ ଅଧୀନରେ, ଷ୍ଟାର୍ଟଅପ୍ ଏବଂ ଗବେଷଣା ପ୍ରତିଷ୍ଠାନଗୁଡ଼ିକୁ ଉଚ୍ଚ-କର୍ମକ୍ଷମ ଏଆଇ କମ୍ପ୍ୟୁଟ୍ ସମ୍ବଳଗୁଡ଼ିକର ଉପଲବ୍ଧତା ସହିତ ସମର୍ଥନ କରାଯାଉଛି ।ସଂକ୍ଷେପରେ, ଆମେ କେବଳ ପ୍ରତିଭାକୁ ପ୍ରୋତ୍ସାହିତ କରୁନାହୁଁ, ବରଂ ଭାରତକୁ ଏଆଇ ବିପ୍ଳବରେ ଅଂଶଗ୍ରହଣ କରିବାରୁ ଏହାକୁ ଗଠନ କରିବା ପାଇଁ ଆବଶ୍ୟକ ଭିତ୍ତିଭୂମି, ନୀତିଗତ ଇକୋସିଷ୍ଟମ ଏବଂ ଦକ୍ଷତା ଆଧାର ନିର୍ମାଣ କରୁଛୁ।

**ଏଏନଆଇ:** ଭାରତରେ ଏକ ସକ୍ରିୟ ଆଇଟି କ୍ଷେତ୍ର ରହିଛି ଯାହା ଆମର ସେବା ରପ୍ତାନିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଛି। ଏଆଇ ଆମ ଆଇଟି କ୍ଷେତ୍ରକୁ ପ୍ରଭାବିତ କରିବାକୁ ଆପଣ କିପରି ଦେଖୁଛନ୍ତି ?

**ପ୍ରଧାନମନ୍ତ୍ରୀ:** ଭାରତର ଆଇଟି କ୍ଷେତ୍ର ଆମ ସେବା ରପ୍ତାନିର ମେରୁଦଣ୍ଡ ଏବଂ ଆର୍ଥିକ ଅଭିବୃଦ୍ଧିର ଏକ ପ୍ରମୁଖ ଚାଳକ ହୋଇଛି। ଏଆଇ ଏହି କ୍ଷେତ୍ର ପାଇଁ ବିପୁଳ ସୁଯୋଗ ଏବଂ ଆହ୍ୱାନ ଉଭୟ ଉପସ୍ଥାପନ କରିଥାଏ। ଏଆଇ ବଜାର ଆକଳନ ଦର୍ଶାଉଛି ଯେ ଏଆଇ-ସକ୍ଷମ ଆଉଟସୋର୍ସିଂ ଏବଂ ଡୋମେନ୍ ଆଧାରିତ ଅଟୋମେସନର ନୂତନ ତରଙ୍ଗ ଦ୍ୱାରା ଭାରତର ଆଇଟି କ୍ଷେତ୍ର ୨୦୩୦ ସୁଦ୍ଧା ୪୦୦ ବିଲିୟନ ଡଲାରରେ ପହଞ୍ଚିପାରେ। ମୌଳିକ ପରିବର୍ତ୍ତନ ହେଉଛି ଯେ ଆଇଟି କ୍ଷେତ୍ରକୁ ଏଆଇ ବଦଳାଇ ନାହିଁ। ବରଂ ଏହାକୁ ରୂପାନ୍ତରିତ କରୁଛି। ଆମେ ଚାହୁଁଛୁ ଯେ ଆମର ଆଇଟି କ୍ଷେତ୍ର କେବଳ ସେବା ପ୍ରଦାନରେ ନୁହେଁ ବରଂ ଭାରତ ଏବଂ ବିଶ୍ୱ ପାଇଁ କାମ କରୁଥିବା ଏଆଇ ଉତ୍ପାଦ, ପ୍ଲାଟଫର୍ମ ଏବଂ ସମାଧାନ ନିର୍ମାଣରେ ନେତୃତ୍ୱ ନେଉ।

**ଏଏନଆଇ:** ଆମେ ଏଆଇର ଅପବ୍ୟବହାର ହେବାର ଅନେକ ଉଦାହରଣ ଦେଖୁଛୁ। ଏଆଇ ପ୍ରଯୁକ୍ତିର ସମ୍ଭାବ୍ୟ କ୍ଷତିରୁ ଆମେ ଭାରତୀୟମାନଙ୍କୁ କିପରି ସୁରକ୍ଷା



ପ୍ରଦାନ କରିପାରିବା ?

**ପ୍ରଧାନମନ୍ତ୍ରୀ:** ପ୍ରଯୁକ୍ତିବିଦ୍ୟା ଏକ ଶକ୍ତିଶାଳୀ ଉପକରଣ, କିନ୍ତୁ ଏହା କେବଳ ମାନବ ଉଦ୍ଦେଶ୍ୟ ପାଇଁ ଏକ ପ୍ରୋତ୍ସାହନକାରୀ। ଏଆଇକୁ ଏକ ଲାଭଦାୟକ ଶକ୍ତିରେ ପରିଣତ କରିବା ଆମ ଉପରେ ନିର୍ଭର କରେ । ଯଦିଓ ଏଆଇ ମାନବ କ୍ଷମତାକୁ ବୃଦ୍ଧି କରିପାରେ, ନିଷ୍ପତ୍ତି ନେବାର ଚୂଡ଼ାନ୍ତ ଦାୟିତ୍ୱ ସର୍ବଦା ମଣିଷଙ୍କ ପାଖରେ ରହିବା ଉଚିତ। ସାରା ବିଶ୍ୱରେ, ସମାଜଗୁଡ଼ିକ ଏଆଇ କିପରି ବ୍ୟବହାର ଏବଂ ଶାସିତ ହେବା ଉଚିତ ତାହା ଉପରେ ବିତର୍କ କରୁଛନ୍ତି। ଭାରତ ଏହି ଆଲୋଚନାକୁ ରୂପ ଦେବାରେ ସାହାଯ୍ୟ କରୁଛି । ଏହା ଦେଖାଇ ଯେ ଦୃଢ଼ ସୁରକ୍ଷା ବ୍ୟବସ୍ଥା ନିରନ୍ତର ନବସୃଜନ ସହିତ ସହାବସ୍ଥାନ କରିପାରିବ। ଏଥିପାଇଁ, ଆମକୁ କିଛି ମୌଳିକ ନୀତି ଉପରେ ନିର୍ମିତ ଏଆଇ ଉପରେ ଏକ ବିଶ୍ୱସ୍ତରୀୟ ଚୁକ୍ତି ଆବଶ୍ୟକ। ଏଥିରେ ପ୍ରଭାବଶାଳୀ ମାନବ ତଦାରଖ, ଡିଜାଇନ୍ ମାଧ୍ୟମରେ ସୁରକ୍ଷା, ସ୍ୱଚ୍ଛତା ଓ ଡିପ୍ ଫେକ୍, ଅପରାଧ ଓ ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ଏଆଇ ବ୍ୟବହାର ଉପରେ କଠୋର କଟକଣା ଅନ୍ତର୍ଭୁକ୍ତ ହେବା ଉଚିତ। ଭାରତ ଏଆଇ ନିୟମରେ ଏକ ଅଧିକ ଢାଞ୍ଚାଗତ ଶାସନ ପଦ୍ଧତି ଆଡକୁ ଅଗ୍ରସର ହେଉଛି। ଜାନୁଆରୀ ୨୦୨୫ରେ ଇଣ୍ଡିଆଏଆଇ ସୁରକ୍ଷା ପ୍ରତିଷ୍ଠାନର ଶୁଭାରମ୍ଭ ସହିତ, ଦେଶ ଏଆଇ ସିଷ୍ଟମର ନୈତିକ, ନିରାପଦ ଏବଂ ଦାୟିତ୍ୱପୂର୍ଣ୍ଣ ନିୟୋଜନକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଉତ୍ସର୍ଗୀକୃତ ବ୍ୟବସ୍ଥା ସୃଷ୍ଟି କରିଥିଲା।

ଏଆଇ ଅଧିକ ଉନ୍ନତ ହେବା ସହିତ, ଆମର ଦାୟିତ୍ୱବୋଧକୁ ଆହୁରି ଦୃଢ଼ ହେବାକୁ ପଡିବ। ଭାରତର ଆଭିମୁଖ୍ୟକୁ ସ୍ୱତନ୍ତ୍ର କରୁଥିବା ବିଷୟ ହେଉଛି ସ୍ଥାନୀୟ ବିପଦ ଏବଂ ସାମାଜିକ ବାସ୍ତବତା ଉପରେ ଧ୍ୟାନ। ପରିବର୍ତ୍ତିତ ବିପଦ ମୂଲ୍ୟାଙ୍କନ ଢାଞ୍ଚା ଜାତୀୟ ସୁରକ୍ଷା ଚିନ୍ତା ଏବଂ ଦୁର୍ବଳ ଗୋଷ୍ଠୀର କ୍ଷତିକୁ ବିଚାର କରେ, ଯେଉଁଥିରେ ମହିଳାମାନଙ୍କୁ ଟାର୍ଗେଟ କରୁଥିବା ଡିପଫେକ୍, ଶିଶୁ ସୁରକ୍ଷା ବିପଦ ଏବଂ ବୟସ୍କମାନଙ୍କୁ ପ୍ରଭାବିତ କରୁଥିବା ବିପଦ ଅନ୍ତର୍ଭୁକ୍ତ ।ଭାରତର ପ୍ରତିବଦ୍ଧତା ମଧ ବିଶ୍ୱବ୍ୟାପୀ ବିସ୍ତାରିତ। ଯେପରି ସୀମାପାର ସୁରକ୍ଷା ଏବଂ ଦାୟିତ୍ୱ ସୁନିଶ୍ଚିତ କରିବା ପାଇଁ ବିମାନ ଚଳାଚଳ ଏବଂ ପରିବହନରେ ବିଶ୍ୱସ୍ତରୀୟ ମାନଦଣ୍ଡ ଅଛି, ସେହିପରି ବିଶ୍ୱକୁ ଏଆଇରେ ସାଧାରଣ ନୀତି ଏବଂ ମାନଦଣ୍ଡ ପ୍ରତି କାର୍ଯ୍ୟ କରିବାକୁ ପଡିବ। ୨୦୨୩ ଜିପିଏଆଇ ଘୋଷଣାରେ ଏହାର ଭୂମିକା, ପ୍ୟାରିସ୍ ଏଆଇ ଆଲୋଚନା କିମ୍ବା ବର୍ତ୍ତମାନର ଶିଖର ସମ୍ମିଳନୀରେ, ଭାରତ ନିରାପଦ ଏବଂ ସମାବେଶୀ ଏଆଇ (ଏଆଇ ଫର୍ ଅଲ୍) ପାଇଁ ସୁରକ୍ଷା ବ୍ୟବସ୍ଥା ନିର୍ମାଣ କରିବା ସହିତ ନବୋନ୍ମେଷ ଆଗକୁ ବଢ଼ାଇବାର ଏକ ସନ୍ତୁଳିତ ପଥକୁ ନିରନ୍ତର ସମର୍ଥନ କରିଛି।

**ଏନଏଆଇ:** ଏଆଇ ସେମାନଙ୍କର ଚାକିରି ଛଡ଼େଇ ନେବ ବୋଲି ଯୁବବର୍ଗଙ୍କ ମଧ୍ୟରେ ଭୟ ରହିଛି। ଯଦି ଏପରି ହୁଏ, ତେବେ ଭାରତର ଜନସଂଖ୍ୟାଗତ ଲାଭାଂଶକୁ ବ୍ୟବହାର କରିବା କଷ୍ଟକର ହୋଇଯିବ। ଭାରତ ସରକାର ଏହି ଚ୍ୟାଲେଞ୍ଜକୁ କିପରି ମୁକାବିଲା କରୁଛନ୍ତି ?

**ପ୍ରଧାନମନ୍ତ୍ରୀ:** ଚାକିରି ବଜାରରେ ଏଆଇ ପରିଚାଳିତ ବାଧା ବିଷୟରେ ଆମ ଯୁବପିଢ଼ିଙ୍କ ଚିନ୍ତା ମୁଁ ବୁଝିପାରୁଛି। ଭୟର ସର୍ବୋତ୍ତମ ପ୍ରତିଷେଧକ ହେଉଛି ପ୍ରସ୍ତୁତି। ସେଥିପାଇଁ ଆମେ ଏଆଇ ଚାଳିତ ଭବିଷ୍ୟତ ପାଇଁ ଆମ ଲୋକଙ୍କୁ ଦକ୍ଷତା ଏବଂ ଅତିରିକ୍ତ ଦକ୍ଷତା ପ୍ରଦାନରେ ନିବେଶ କରୁଛୁ। ସରକାର ବିଶ୍ୱର ସବୁଠାରୁ ମହତ୍ୱାକାଂକ୍ଷୀ ଦକ୍ଷତା ବିକାଶ ପଦକ୍ଷେପଗୁଡ଼ିକ ମଧ୍ୟରୁ ଅନ୍ୟତମ ଆରମ୍ଭ କରିଛନ୍ତି। ଆମେ ଏହାକୁ ଭବିଷ୍ୟତର ସମସ୍ୟା ଭାବରେ ଦେଖୁନାହୁଁ ବରଂ ଆମେ ଏହାକୁ ଏକ ବର୍ତ୍ତମାନର ଜରୁରିକାଳୀନ ଆବଶ୍ୟକତା ଭାବରେ ଦେଖୁଛୁ। ମୁଁ ଏଆଇକୁ ଏକ ଶକ୍ତି ବୃଦ୍ଧିକାରୀ ଭାବରେ ଦେଖିଥାଏ ଯାହା ଆମକୁ ଆମେ ଯାହା ସମ୍ଭବ ଭାବିଥିଲୁ ତାହାର ସୀମାକୁ ଆଗକୁ ବଢାଇବାରେ ସାହାଯ୍ୟ କରିବ। ଷ୍ଟାନଫୋର୍ଡ ଗ୍ଲୋବାଲ୍ ଏଆଇ ଭାଇବ୍ରାନ୍ସି ଇଣ୍ଡେକ୍ସ ୨୦୨୫ରେ, ଭାରତ ଏଆଇ ଗବେଷଣା ଓ ବିକାଶ, ପ୍ରତିଭା ଓ ଅର୍ଥବ୍ୟବସ୍ଥାରେ ଦୃଢ଼ ଅଭିବୃଦ୍ଧିକୁ ପ୍ରତିଫଳିତ କରି ତୃତୀୟ ସ୍ଥାନରେ ରହିଛି।

**ଏଏନଆଇ:** ଆପଣଙ୍କ ନେତୃତ୍ୱରେ, ଭାରତ ଫୋରଜି-ଫାଇଭ୍‌ଜି, ଡ୍ରୋନ ଜ୍ଞାନକୌଶଳ ଭଳି ସ୍ୱଦେଶୀ ପ୍ରଯୁକ୍ତି ବିକାଶ କରିଛି। ଆତ୍ମନିର୍ଭର ଭାରତ ପାଇଁ ଆପଣଙ୍କର ଦୃଷ୍ଟିକୋଣ କ'ଣ ?

**ପ୍ରଧାନମନ୍ତ୍ରୀ:** ଆତ୍ମନିର୍ଭର ଭାରତ ଆଡ଼କୁ ଆମର ଯାତ୍ରା ଏକ ମୌଳିକ ନୀତି ଉପରେ ନିର୍ମିତ ହୋଇଛି, ତାହା ହେଲା ଭାରତ କେବଳ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବ ନାହିଁ ବରଂ ଏହାକୁ ସୃଷ୍ଟି କରିବ। ଆତ୍ମନିର୍ଭର ଭାରତରେ ଏଆଇ ପାଇଁ ମୋର ଦୃଷ୍ଟିକୋଣ ତିନୋଟି ସ୍ତମ୍ଭ ଉପରେ ନିର୍ଭର କରେ: ସାର୍ବଭୌମତ୍ୱ, ଅନ୍ତର୍ଭୁକ୍ତିକରଣ ଏବଂ ନବସୃଜନ।

ମୋର ଦୃଷ୍ଟିକୋଣ ହେଉଛି ଭାରତ କେବଳ ଏଆଇ ବ୍ୟବହାରରେ ନୁହେଁ ବରଂ ସୃଷ୍ଟିରେ ବିଶ୍ୱସ୍ତରରେ ଶ୍ରେଷ୍ଠ ତିନୋଟି ଏଆଇ ମହାଶକ୍ତି ମଧ୍ୟରେ ରହିବା ଉଚିତ। ଆମର ଏଆଇ ମଡେଲଗୁଡ଼ିକୁ ବିଶ୍ୱବ୍ୟାପୀ ନିୟୋଜିତ କରାଯିବ ତଥା କୋଟି କୋଟି ଲୋକଙ୍କୁ ସେମାନଙ୍କର ମାତୃଭାଷାରେ ସେବା ଯୋଗାଇବ। ଆମର ଏଆଇ ଷ୍ଟାର୍ଟଅପଗୁଡ଼ିକର ମୂଲ୍ୟ ଶହ ଶହ କୋଟିରେ ପହଞ୍ଚିବ ଏବଂ ଏଗୁଡ଼ିକ ଜରିଆରେ ଲକ୍ଷ ଲକ୍ଷ ଉଚ୍ଚମାନର ନିଯୁକ୍ତି ସୃଷ୍ଟି ହେବ ।ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପ୍ରତ୍ୟେକ ଭାରତୀୟ ଏଆଇକୁ ସୁଯୋଗର ସମର୍ଥକ, କ୍ଷମତାର ଗୁଣକ ଏବଂ ମାନବ ମର୍ଯ୍ୟାଦାର ସେବକ ଭାବରେ ଅନୁଭବ କରିବେ, ସେମାନଙ୍କ ଜୀବିକା ପାଇଁ ବିପଦ କିମ୍ବା ନିୟନ୍ତ୍ରଣର ଏକ ଉପକରଣ ଭାବରେ ନୁହେଁ।

ଏଆଇରେ ଆତ୍ମନିର୍ଭର ଭାରତ ଅର୍ଥ ହେଉଛି ଡିଜିଟାଲ୍ ଶତାବ୍ଦୀ ପାଇଁ ଭାରତ ନିଜର କୋଡ୍ ଲେଖିବା, ଏବଂ ଇଣ୍ଡିଆ ଏଆଇ ମିଶନ ମାଧ୍ୟମରେ, ଆମେ ସୁନିଶ୍ଚିତ କରୁଛୁ ଯେ କୋଡ୍ ଆମର ମୂଲ୍ୟବୋଧକୁ ପ୍ରତିଫଳିତ କରିବ। ଏହା ଆମ ଲୋକଙ୍କ ସେବା କରିବ ଏବଂ ଭାରତକୁ ବିଶ୍ୱ ପାଇଁ ଏକ ଉତ୍ତରଦାୟୀ ଏଆଇ ନେତୃତ୍ୱ ରୂପେ ସ୍ଥାନିତ କରିବ। (ଏଏନଆଇକୁ ପ୍ରଧାନମନ୍ତ୍ରୀଙ୍କ ସ୍ୱତନ୍ତ୍ର ସାକ୍ଷାତକାର)

ତିଥି : (ପ୍ରତିପଦ) : (ଶତଭିଷା କୁମ୍ଭ)
ଅମୃତବେଳା: ଦିବା ଘ.୭।୫୩ ମଧ୍ୟେ ୧୨।୪୧ ଗତେ

## ଆଜିର ଅନୁଚିନ୍ତନ

ପ୍ରକୃତିଜନିତ ଗୁଣ ଦ୍ୱାରା ଅତ୍ୟନ୍ତ ମୋହିତ ଅଜ୍ଞାନୀ ମନୁଷ୍ୟ ଗୁଣ ଓ କର୍ମରେ ଆସକ୍ତ ରହନ୍ତି। ଅଳ୍ପଜ୍ଞ ତଥା ମନ୍ଦବୁଦ୍ଧିଯୁକ୍ତ ସେହି ଅଜ୍ଞାନମାନଙ୍କୁ ପୂର୍ଣ୍ଣରୂପେ ଜାଣିଥିବା ଜ୍ଞାନୀ ମନୁଷ୍ୟ ବିଚଳିତ ନ ହେବା ଉଚିତ।

।। - ଶ୍ରୀମଦ୍ ଭଗବଦ୍ ଗୀତା

# ଏଆଇ ଓ ବିଶ୍ୱ କଲ୍ୟାଣ ସାଧନ

ନୂଆଦିଲ୍ଲୀରେ ଆରମ୍ଭ ହୋଇଥିବା ପାଞ୍ଚଦିନିଆ ଇଣ୍ଡିଆ ଏଆଇ ଇମ୍ପାକ୍ଟ ଶିଖର ସମ୍ମେଳନ -୨୦୨୬ ବିଶ୍ୱର ଦକ୍ଷିଣ ଗୋଲାର୍ଦ୍ଧରେ ଆୟୋଜିତ ହୋଇଥିବା ଏ ସଂପର୍କିତ ସବୁଠୁ ବୃହତ୍ ସମ୍ମିଳନୀ। ସମ୍ମେଳନର ଯେଉଁ ଗୁରୁତ୍ୱପୂର୍ଣ୍ଣ ଦିଗ ସାମ୍ନାକୁ ଆସେ ତାହା ମଧ୍ୟରେ ରହିଛି ପ୍ରଥମରେ ୪୦ଟି ବଡ଼ ବଡ଼ କଂପାନୀର ସିଇଓଙ୍କ ଯୋଗଦାନ, ଏଆଇ ଇମ୍ପାକ୍ଟ ଏକ୍ସପୋରେ ୬ଶହରୁ ଅଧିକ ଉଚ୍ଚକ୍ଷମତାସଂପନ୍ନ ଷ୍ଟାର୍ଟଅପ୍, ୩ହଜାରରୁ ଅଧିକ ଦୂରଦର୍ଶୀ ବକ୍ତା ଓ ପ୍ୟାନେଲ ସଦସ୍ୟ, ୫ଶହରୁ ଅଧିକ ଅଧିବେଶନରେ ଏମାନଙ୍କ ଯୋଗଦାନ ବ୍ୟବସ୍ଥା, ଏଆଇ ଇମ୍ପାକ୍ଟ ଏକ୍ସପୋରେ ୩ଶହରୁ ଅଧିକ ଲାଇଭ୍ ପ୍ରଦର୍ଶନ, ସର୍ବୋପରି ୫୦ରୁ ଅଧିକ ଦେଶର ମନ୍ତ୍ରୀମାନଙ୍କ ଯୋଗଦାନ ଇତ୍ୟାଦି। ମୋଟ ଉପରେ ଏହି ସମ୍ମେଳନରେ ଅଂଶଗ୍ରହଣକାରୀ ଓ ବିଶେଷଜ୍ଞମାନେ ଯେଉଁ ମାନସ ମନ୍ଥନ ଆରମ୍ଭ କରିଛନ୍ତି ତାହାର ନିର୍ଯାସ ଜନହିତରେ କେତେଦୂର ସାମର୍ଥ୍ୟ ପ୍ରଦର୍ଶନ କରିବ ତାହା ଭବିଷ୍ୟତ କହିବ। ତେବେ ଆମେ ଚାହିଁବା ଏହା ବିଶ୍ୱ କଲ୍ୟାଣମୁଖୀ ହେଉ।

କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଭାରତ ପ୍ରମୁଖ ହବ୍ (ପେଣ୍ଟ) ହେବ ବୋଲି ପ୍ରଧାନମନ୍ତ୍ରୀ ମୋଦି ଉଦ୍‌ଘାଟନ ଅବସରରେ ଦୃଢ଼ ଆଶା ଓ ଆସ୍ଥା ପ୍ରକଟ କରିଛନ୍ତି। ତାହା ସକାରାତ୍ମକ ସନ୍ଦେଶ ରଖେ। ସ୍ମରଣ କରାଯାଇପାରେ ଯେ ସୁଇଜରଲାଣ୍ଡର ଡାଭୋସ ଠାରେ ଗତ ଜାନୁଆରୀରେ ଆୟୋଜିତ ବିଶ୍ୱ ଅର୍ଥନୈତିକ ଫୋରମ୍‌ରେ କେନ୍ଦ୍ର ସୂଚନା ଓ ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସ୍ପଷ୍ଟ ଭାବରେ ଉଲ୍ଲେଖ କରିଥିଲେ ଏଆଇ ପ୍ରସ୍ତୁତିରେ ଭାରତ ଆଗ ଧାଡ଼ିରେ ରହିଛି। କେବଳ ସେତିକି ନୁହେଁ ଏଆଇ ଉପଯୋଗରେ ଭାରତ ଦ୍ୱିତୀୟ ପର୍ଯ୍ୟାୟ ରାଷ୍ଟ୍ର ତାଲିକାରେ ରହିବା ନେଇ ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ଏବଂ ମୁଖିଆ କରିଥିବା ଆକଳନ ଖଣ୍ଡନ ପୂର୍ବକ ଷ୍ଟାନଫୋର୍ଡ ଆଧାରିତ ରିପୋର୍ଟରେ ଯୁକ୍ତି ଉଠାଇଥିଲେ ପ୍ରଯୁକ୍ତି ମନ୍ତ୍ରୀ। ଷ୍ଟାନଫୋର୍ଡ ଦର୍ଶାଇଥିଲା ଆଜିର ଭାରତ ଏଆଇ ବ୍ୟବହାର କରିବା ସହିତ ଚିପ୍‌ରୁ ଆରମ୍ଭ କରି ନିଜର ଏଆଇ ଦୁନିଆ (ଇକୋସିଷ୍ଟମ୍) ପ୍ରସ୍ତୁତି କରୁଛି ଓ ଏଆଇ ପ୍ରସ୍ତୁତିରେ ବିଶ୍ୱରେ ଆଗଧାଡ଼ିରେ ରହିଛି।

ଏହା ଜଣାଶୁଣା ଯେ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି ଓ ବ୍ୟବସାୟିକ ସେବାରେ ଏଆଇର ସେବା ଆମ ଦେଶରେ ଆରମ୍ଭ ହୋଇସାରିଛି। ଯଦିଓ ଏନେଇ କିଛି ମହଲର ଆଶଙ୍କା ଯେ ମଣିଷର କାର୍ଯ୍ୟ ସାମର୍ଥ୍ୟକୁ ପରାଜିତ କରି ଏହା ବେରୋଜଗାରି ଆଣିଦେବ। ଏ ଆଶଙ୍କା ସେହି ସମୟରେ ଦୂର ହେବ ଯଦି ଏହା ମାନବସମ୍ବଳର ବିକାଶମୁଖୀ ସୃଜନଶୀଳତାକୁ ସର୍ବପ୍ରାଥମିକତା ଦେବା ସହ ନିଯୁକ୍ତି ସୁଯୋଗ ଅଧିକ ସୃଷ୍ଟି କରିବ। ଉଲ୍ଲେଖ କରାଯାଇପାରେ ଯେ ଏକଦା ଡେଲୋଏଟ୍‌ର ପୂର୍ବାନୁମାନ ମୁତାବକ ୨୦୨୬ ସୁଦ୍ଧା ବିଶ୍ୱରେ ଏଆଇ କମ୍ପ୍ୟୁଟର ତିନି ଭାଗରୁ ଦୁଇ ଭାଗରେ ପହଞ୍ଚିବ। ଏହି ପୂର୍ବାନୁମାନ ମୁତାବକ ଏପରି କମ୍ପ୍ୟୁଟରର ଯଥାର୍ଥ ଉପଯୋଗିତା ତଥା ମାନବହିତ ଅଭିମୁଖୀ ହେବା ଜରୁରୀ। ଏହାର ଯେପରି ଦୁରୁପଯୋଗ ନହୁଏ ସେଥିପ୍ରତି ସତର୍କ ରହିବାକୁ ପଡ଼ିବ। କୁହାଯାଉଛି ଯେ ହାଇପର ଅଟୋମେସନ ଜରିଆରେ ଏଆଇ, ପ୍ରୋସେସ ମାଇନିଂ ଓ ରୋବୋଟିକ୍ସର ମିଶ୍ରଣରେ ଜଟିଳ କାର୍ଯ୍ୟଗୁଡ଼ିକ ସମ୍ପାଦିତ ହେବ।

ଆମେ ଆଶା ରଖିବା ଯେ ଦିଲ୍ଲୀ ଏଆଇ ମହାକୁମ୍ଭ ଆଧାରରେ ଏଆଇର ବ୍ୟାପକ ପରିଚାଳନା ଆଗକୁ ଏଭଳି ସମନ୍ୱିତ ଭାବରେ ହେଉ, ଯାହାଦ୍ୱାରା ମାନବ ସମାଜର କଲ୍ୟାଣ ହିଁ ସାଧିତ ହେବ।

# ସ୍ୱାସ୍ଥ୍ୟ ସେବା ପାଇଁ ଏକ ନୈତିକ ସଂକଟ

## ସୌମ୍ୟ ରଞ୍ଜନ ଦାଶ

ଚିକିତ୍ସା ବିଜ୍ଞାନ କେବଳ ଏକ ବୃତ୍ତି ନୁହେଁ, ଏହା ମାନବିକତାର ସର୍ବୋଚ୍ଚ ସେବା ଏବଂ ବିଶ୍ୱାସର ଏକ ପବିତ୍ର ବନ୍ଧନ। ଯେତେବେଳେ ଜଣେ ରୋଗୀ ଡାକ୍ତରଙ୍କ ପାଖକୁ ଆସେ, ସେ ନିଜର ଜୀବନକୁ ସେହି ଡାକ୍ତରଙ୍କ ଜ୍ଞାନ ଓ ଦକ୍ଷତା ଉପରେ ସମର୍ପି ଦିଏ। ଯଦି ପ୍ରବେଶିକା ପରୀକ୍ଷାରେ ଯୋଗ୍ୟତା ମାନଦଣ୍ଡକୁ ଅଣଦେଖା କରାଯାଏ, ତେବେ ଏହା ସେହି ସାଧାରଣ ଜନତାଙ୍କ ଅକଳ୍ପନୀୟ ବିଶ୍ୱାସ ପ୍ରତି ଏକ ବିଶ୍ୱାସଘାତକତା ହେବ। ମେଧାକୁ ବଳି ଦେଇ କେବଳ ସଂଖ୍ୟା ବଢ଼ାଇବା ଦ୍ୱାରା ଚିକିତ୍ସା କ୍ଷେତ୍ରରେ ଯେଉଁ 'ନୈତିକ ଶୂନ୍ୟତା' ସୃଷ୍ଟି ହେବ, ତାହା ଭବିଷ୍ୟତରେ ଏକ ଭୟଙ୍କର ସାମାଜିକ ସଂକଟର ରୂପ ନେବ। ଦକ୍ଷତା ବିହୀନ ଡାକ୍ତରୀ ଶିକ୍ଷା କେବଳ ପ୍ରେସକ୍ରିପସନ୍ ଲେଖିପାରେ, କିନ୍ତୁ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ କରିପାରିବ ନାହିଁ। ତେଣୁ, ଆମ ଶିକ୍ଷା ବ୍ୟବସ୍ଥା ଏପରି ହେବା ଉଚିତ ଯେଉଁଠାରେ ଡାକ୍ତରୀ ଡିଗ୍ରୀଟିଏ ସମ୍ମାନର ସହିତ ସାମର୍ଥ୍ୟର ପ୍ରମାଣ ଦେଉଥିବ, କେବଳ ଅର୍ଥ ବଳରେ କିଣାଯାଇଥିବା ଏକ କାଗଜର ଖଣ୍ଡ ହୋଇ ରହିବ ନାହିଁ।

ଏହି ସମସ୍ୟାର ସମାଧାନ କେବଳ ମାନଦଣ୍ଡ ହ୍ରାସ କରିବାରେ ନାହିଁ। ଯଦି ସରକାର ସତରେ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ସଂସ୍କାର ଚାହୁଁଛନ୍ତି, ତେବେ ସରକାରୀ ମେଡିକାଲ କଲେଜରେ ସିଟ୍ ସଂଖ୍ୟା ବୃଦ୍ଧି କରିବା ଏବଂ ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକର ଶୁଳ୍କ ଉପରେ କଠୋର ନିୟନ୍ତ୍ରଣ ରଖିବା ପ୍ରଥମ ପଦକ୍ଷେପ ହେବା ଉଚିତ। ଗ୍ରାମାଞ୍ଚଳରେ ଡାକ୍ତରଙ୍କ ଅଭାବ ଦୂର କରିବା ପାଇଁ ପିଜି ଆଡମିସନକୁ ବାଧ୍ୟତାମୂଳକ ଗ୍ରାମୀଣ ସେବା ସହିତ ଯୋଡ଼ାଯାଇପାରିବ। କିନ୍ତୁ ସେହି ସବୁ କଠିନ ପଦକ୍ଷେପ ନେବା ପରିବର୍ତ୍ତେ କ୍ୱାଲିଫାଇଙ୍ଗ୍ ମାର୍କକୁ କମାଇ ଦେବା ହେଉଛି ଏକ 'ସର୍ଟକଟ୍' ବା ସହଜ ରାସ୍ତା, ଯାହା ଶେଷରେ ସମାଜ ପାଇଁ ମହଙ୍ଗା ସାବ୍ୟସ୍ତ ହେବ। ମେଡିକାଲ ପିଜି ସିଟ୍ ଭର୍ତ୍ତି ହେବାର ପରିସଂଖ୍ୟାନ ଅପେକ୍ଷା ସେହି ସିଟ୍‌ରେ ବସୁଥିବା ଛାତ୍ରର ମାନସିକ ଓ ବୈଷୟିକ ଦୃଢ଼ତା ଅଧିକ ଗୁରୁତ୍ୱପୂର୍ଣ୍ଣ।



ଭାରତ ଭଳି ଏକ ଜନବହୁଳ ଦେଶରେ, ଯେଉଁଠାରେ ସାଧାରଣ ଜନତା ସରକାରୀ ଓ ଘରୋଇ ଚିକିତ୍ସା ବ୍ୟବସ୍ଥା ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ, ସେଠାରେ 'କ୍ୱାଲିଟି' ବଦଳରେ 'କ୍ୱାଣ୍ଟିଟି' ବା ସଂଖ୍ୟାକୁ ଗୁରୁତ୍ୱ ଦେବା ଏକ ମାରାତ୍ମକ ପ୍ରବୃତ୍ତି। ଡାକ୍ତରୀ ପେସାରେ ମାନବିକତା ସହିତ ଅପରିହାର୍ଯ୍ୟ ଭାବେ ଜଡ଼ିତ ଥାଏ ଶିକ୍ଷାଗତ ଶ୍ରେଷ୍ଠତା। ଯଦି ଏହି ମୂଳଦୁଆ ଦୋହଲିଯାଏ, ତେବେ ସମଗ୍ର ସ୍ୱାସ୍ଥ୍ୟ ଭିତ୍ତିଭୂମି ଭୁଶୁଡ଼ି ପଡ଼ିବ। ତେଣୁ ସରକାର ଏବଂ ନ୍ୟାସନାଲ ମେଡିକାଲ କମିଶନକୁ ଏକଥା ବୁଝିବାକୁ ହେବ ଯେ, ମେଡିକାଲ ସିଟ୍ ଗୁଡ଼ିକ କେବଳ ରାଜସ୍ୱ ଆଦାୟର ମାଧ୍ୟମ ନୁହେଁ। ରିଜର୍ଭେସନର ଲକ୍ଷ୍ୟ ଅବହେଳିତଙ୍କୁ ଉପରକୁ ଉଠାଇବା ହେଉ, କିନ୍ତୁ ତାହା ଯେପରି ସ୍ୱାସ୍ଥ୍ୟ ସେବାର ମାନକୁ ତଳକୁ ନ ଖସାଏ। ଶେଷରେ ପ୍ରଶ୍ନ କେତେ ଜଣ ଡାକ୍ତର ବାହାରିଲେ ତାହା ନୁହେଁ, ବରଂ କେତେ ଜଣ 'ଯୋଗ୍ୟ' ଡାକ୍ତର ବାହାରିଲେ ତାହା ହିଁ ଗଣତନ୍ତ୍ର ଏବଂ ମାନବିକତାର ପ୍ରକୃତ କଷଟି ପଥ। ସରକାର ଯଦି ଏହି ନୀତିଗତ ବିଚ୍ୟୁତିକୁ ସଂଶୋଧନ ନ କରନ୍ତି, ତେବେ ଆଗାମୀ କାଲିର ନୀରବ ଓ ନିର୍ଦ୍ଦୋଷ ରୋଗୀମାନେ ଏହି ବ୍ୟବସ୍ଥାଗତ ବିଫଳତାର ଶିକାର ହେବେ।

(ଶେଷ ଭାଗ)

ଯାଜପୁର,ମୋ :୮୮୯୫୯୫୨୩୧୫

**୨୦୨୪ରେ ବିଦ୍ରୋହ ଏବଂ ହାସିନା ଭାରତରେ ଆଶ୍ରୟ ନେବା ପରେ ବାଂଲାରେ ହିନ୍ଦୁଙ୍କ ଉପରେ ଅତ୍ୟାଚାର ବଢିଚାଲିଛି। ଇତି ମଧ୍ୟରେ ୧୩ଜଣ ହିନ୍ଦୁଙ୍କ ଉପରେ ଅତ୍ୟାଚାର ବଢିଚାଲିଛି। ଇତି ମଧ୍ୟରେ ୧୩ଜଣ ହିନ୍ଦୁଙ୍କୁ ହତ୍ୟା କରାଯାଇଥିବାବେଳେ ବହୁ ହିନ୍ଦୁଙ୍କ ଘର ଜାଳି ଦିଆଯାଇଛି। ହିନ୍ଦୁଙ୍କ ଉପରେ ହତ୍ୟା, ଦୁଷ୍କର୍ମ, ଅତ୍ୟାଚାର ବଢିଚାଲିଛି। ଯାହାକୁ ନେଇ ଭାରତରେ ତୀବ୍ର ପ୍ରତିକ୍ରିୟା ପାଇଛି। ଭାରତ ସରକାର ପ୍ରତିବାଦ ସ୍ୱରୂପ ଦୂତାବାସ ଅଧିକାରୀଙ୍କ ପରିବାର ବର୍ଗଙ୍କୁ ଫେରାଇ ଆଣିଛନ୍ତି। ଏହାର ପ୍ରଭାବ ମଧ୍ୟ କ୍ରିକେଟ ଉପରେ ପଡିଛି। ଭାରତ ମାଟିରେ ନ ଖେଳିବା ନିଷ୍ପତିରେ ଟି ୨୦ ବିଶ୍ୱକପକୁ ବର୍ଜନ ବାଂଲା କ୍ରିକେଟ ବୋର୍ଡ ବର୍ଜନ କରିଛି। ଏପରି ସ୍ଥଳେ ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ କ୍ରିକେଟ ବୋର୍ଡ ବର୍ଜନ କରିଛି।**

# ତାରିକ ସରକାର ପାଇଁ ଚ୍ୟାଲେଞ୍ଜ

## ସୌଭାଗ୍ୟ ରଂଜନ ମହାନ୍ତି

ପଡୋଶୀ ବଙ୍ଗଳାଦେଶର ତ୍ରୟୋଦଶତମ ଜାତୀୟ ପାର୍ଲିଆମେଣ୍ଟ ନିର୍ବାଚନରେ ବଙ୍ଗଳାଦେଶ ନ୍ୟାଶନାଲ ପାର୍ଟି (ବିଏନପି) ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ହାସଲ କରି ନୂତନ ସରକାର ଗଠନ କରିବାକୁ ଯାଉଛି। ୨୯୯ ଜଣିଆ ସଦସ୍ୟ ବିଶିଷ୍ଟ ସଂସଦରେ ବିଏନପି ଏକାକୀ ୨୦୯ଟି ଆସନରେ ବିଜୟୀ ହୋଇଥିଲାବେଳେ ଏହାର ନେତୃତ୍ୱାଧୀନ ମେଣ୍ଟ ୨୦୨ଟି ଆସନ ହାସଲ ବାଂଲା ନିର୍ବାଚନିକ ଇତିହାସରେ ନୂତନ ରେକର୍ଡ ସୃଷ୍ଟି କରିଛି। ବିଏନପିର ଅଧ୍ୟକ୍ଷ ତାରିକ ରହମାନ ବଙ୍ଗଳାଦେଶର ନୂତନ ପ୍ରଧାନମନ୍ତ୍ରୀ ହେବେ।

ଏହି ନିର୍ବାଚନରୁ ବାଂଲାର ପ୍ରତିଷ୍ଠାତା ସ୍ୱର୍ଗତ ମୁଜିବାର ରହମାନଙ୍କ ପ୍ରତିଷ୍ଠିତ ଆୱାମୀଲିଗ୍‌କୁ ପ୍ରତିଦ୍ୱନ୍ଦିତା କରିବାରୁ ବଂଚିତ କରାଯାଇଥିବାରୁ ଦଳର ନେତ୍ରୀ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା 'ଫାର୍ସ' ବୋଲି ଦର୍ଶାଇଛନ୍ତି। ଅନ୍ୟପକ୍ଷରେ କଠୋରପନ୍ଥୀ ତଥା ମୌଳବାଦୀ ରାଜନୈତିକ ଭାବେ ପରିଚିତ ଜାମାତ-ଇ-ଇସଲାମୀ ଯାହାର ଉପରେ ଗତ ୨୦୨୪ ଅଗଷ୍ଟରେ ଦେଶରେ ସଂଗଠିତ ଜେଡ-ଜେନ ବିଦ୍ରୋହୀଙ୍କ ପୂର୍ଣ୍ଣ ସମର୍ଥନ ରହିଥିଲା, ବିଜୟୀ ହେବା ସମ୍ଭାବନା ଉଜ୍ଜ୍ୱଳ ଥିବା ବେଳେ ମୌଳବାଦୀ ନୀତି ଯୋଗୁଁ ଦଳ ୭୭ଟି ଆସନରେ ସୀମିତ ରହି ମୁଖ୍ୟ ବିରୋଧୀ ଦଳର ଭୂମିକା ନିର୍ବାହ କରିବ। ଆହୁରି ବାଂଲାର ଭୋଟଦାତା ସମ୍ବିଧାନ, ନ୍ୟାୟପାଳିକା, ପୋଲିସ, ନିର୍ବାଚନ କମିଶନରେ ସଂସ୍କାର ପାଇଁ ଗଣଭୋଟ ଦ୍ୱାରା ମତାମତ ଦେଇଛନ୍ତି। ଗୋଟିଏ ପଟେ ଶେଖ୍ ହାସିନାଙ୍କ ଆୱାମୀ ଲିଗ, ଅନ୍ୟ ପଟେ ଜମାତା-ଇ-ଇସଲାମ ପରି ମୌଳବାଦୀ ଦଳ ଦେଶର ଆର୍ଥିକ ଓ ଆଭ୍ୟନ୍ତରୀଣ ଆଇନ ଶୃଙ୍ଖଳା ପରିସ୍ଥିତି, ଦରଦାମ, ବେକାରି, ସାମାଜିକ ସଂହତି, ରାଜନୈତିକ ଅସ୍ଥିରତା ଏବଂ ମୌଳବାଦୀ ରାଷ୍ଟ୍ରର ଖ୍ୟାତି ରହମାନଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। ଏହା ନିଃସନ୍ଦେହ ଯେ, ବଙ୍ଗଳାଦେଶର ନୂତନ ସରକାର ଭାରତ ପାଇଁ ଭୌଗୋଳିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ , ପ୍ରଥମତଃ ବଙ୍ଗଳାଦେଶ ଭାରତ ପଡୋଶୀ ଏବଂ ୨୩ ପ୍ରତିଶତ ହିନ୍ଦୁ ବସବାସ କରନ୍ତି।

ସେହିପରି ଦେଶର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକୁ ସାମଗ୍ରୀ ପରିବହନ ପାଇଁ ବଙ୍ଗଳାଦେଶ ଭୂଖଣ୍ଡ ଦେଇଯିବା ଏକମାତ୍ର ପଥ। କେବଳ ଏତିକି ନୁହେଁ, ବଙ୍ଗଳାଦେଶ ସହ ଭାରତର ସମ୍ପର୍କ ଅତି ପୁରୁଣା ଓ ନିବିଡ଼। ପୂର୍ବ ପାକିସ୍ଥାନରୁ ସ୍ୱତନ୍ତ୍ର ବଙ୍ଗଳାଦେଶ ଗଠନ କେବଳ ଭାରତ ପାଇଁ ସମ୍ଭବପର ହୋଇପାରିଛି ବୋଲି କହିଲେ ଅତିରଂଜିତ ହୋଇନପାରେ। ବିଏନପିର ଅଧ୍ୟକ୍ଷ ରହମାନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଭିନନ୍ଦନ ଜଣାଇବା ସହ ଦୁଇଦେଶର ସମ୍ପର୍କରେ ଉନ୍ନତି ପାଇଁ ଦୃଢ଼ ଆଶା ପ୍ରକଟ କରିଛନ୍ତି। ଭାରତ ସହ ସମ୍ପର୍କକୁ ଆହୁରି ଦୃଢ଼ୀଭୂତ କରିବା ଲାଗି ରହମାନ ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। କିନ୍ତୁ ଭାରତ-ବାଂଲା ସମ୍ପର୍କରେ ପୂର୍ବତନ ପ୍ରଧାନମନ୍ତ୍ରୀ ହାସିନା ବାଧକ ସାଜିବା ଆଶଙ୍କାକୁ ଅଣଦେଖା କରାଯାଇନପାରେ।



ଉଲ୍ଲେଖଯୋଗ୍ୟ ଯେ, ଗାଦିଚ୍ୟୁତ ପରେ ହାସିନା ଭାରତରେ ଆଶ୍ରୟ ନେଇଛନ୍ତି। ଇତିମଧ୍ୟରେ ବିଭିନ୍ନ ମାଲାରେ ବାଂଲା ଅଦାଲତ ତାଙ୍କୁ ଜେଲଦଣ୍ଡ ଠାରୁ ଆରମ୍ଭ କରି ମୃତ୍ୟୁଦଣ୍ଡାଦେଶ ପ୍ରଦାନ କରିଛନ୍ତି। ରାଜନୈତିକ ଦୃଷ୍ଟିକୋଣରୁ ବିଏନପିର ମୁଖ୍ୟ ଶତ୍ରୁ ହେଉଛି ଆୱାମୀ ଲିଗ୍। ହାସିନା ପ୍ରଧାନମନ୍ତ୍ରୀ ଥିବାବେଳେ ବିଭିନ୍ନ ମାମଲାରେ ତାରିକ ମାତା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଖାଲେଦା ଦିଆଙ୍କୁ ଜେଲରେ ରଖିଥିବାବେଳେ ଗିରଫ ଭୟରେ ତାରିକ ଇଂଲଣ୍ଡରେ ନିର୍ବାଚିତ ଭାବେ ଦୀର୍ଘ ୧୭ବର୍ଷ ଧରି ରହିଥିଲେ। ଏବେ ସେ ପ୍ରଧାନମନ୍ତ୍ରୀ ହେବାକୁ ଯାଉଥିବାବେଳେ ହାସିନାଙ୍କ ପ୍ରତ୍ୟର୍ପଣ ଦାବି କରିଛନ୍ତି। ପୂର୍ବରୁ କାମଚଳା ୟୁନୁସ ସରକାର ମଧ୍ୟ ହାସିନାଙ୍କ ପ୍ରତ୍ୟର୍ପଣ ପାଇଁ ବାରମ୍ବାର ଦାବି କରିବା ସହ ଚେତାବନୀ ମଧ୍ୟ ଦେଇଥିଲେ। ହାସିନାଙ୍କୁ ଭାରତରୁ ବାଂଲାଦେଶକୁ ପ୍ରତ୍ୟର୍ପଣ କରାଯିବା ଲାଗି ବିଏନପି ତା'ର ନିର୍ବାଚନ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଥିବାବେଳେ ଭାରତ ଯଦି ଉତ୍ତମ ସମ୍ପର୍କ ରଖିବାକୁ ଚାହୁଁଛି, ତେବେ ହାସିନାଙ୍କୁ ପ୍ରଥମେ ପ୍ରତ୍ୟାର୍ପଣ କରୁ ବୋଲି କରିସାରିଲେଣି। କିନ୍ତୁ ଭାରତ ସରକାର ସ୍ପଷ୍ଟ କରିଦେଇଛନ୍ତି ଯେ, ହାସିନା ନିଜ ଇଚ୍ଛାରେ ଭାରତ ଆସିଥିବା ବେଳେ ସ୍ୱଦେଶ ଫେରିବା ତାଙ୍କ ଇଚ୍ଛା ଉପରେ ନିର୍ଭର କରେ। ନିଜ ଜୀବନ ପ୍ରତି ବିପଦ ଥିବାରୁ ହାସିନା କେବେହେଲେ ବାଂଲାକୁ ଫେରିବାକୁ ଚାହିଁବେ ନାହିଁ। ତେବେ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଆହୁରି ଖରାପ ହେବା ଆଶଙ୍କା କରାଯାଏ।

ଉଲ୍ଲେଖଯୋଗ୍ୟ ଯେ, ୨୦୨୪ରେ ବିଦ୍ରୋହ ଏବଂ ହାସିନା ଭାରତରେ ଆଶ୍ରୟ ନେବା ପରେ ବାଂଲାରେ ହିନ୍ଦୁଙ୍କ ଉପରେ ଅତ୍ୟାଚାର ବଢିଚାଲିଛି। ଇତି ମଧ୍ୟରେ ୧୩ଜଣ ହିନ୍ଦୁଙ୍କ ଉପରେ ଅତ୍ୟାଚାର ବଢିଚାଲିଛି। ଇତି ମଧ୍ୟରେ ୧୩ଜଣ ହିନ୍ଦୁଙ୍କୁ ହତ୍ୟା କରାଯାଇଥିବାବେଳେ ବହୁ ହିନ୍ଦୁଙ୍କ ଘର ଜାଳି ଦିଆଯାଇଛି। ହିନ୍ଦୁଙ୍କ ଉପରେ ହତ୍ୟା, ଦୁଷ୍କର୍ମ, ଅତ୍ୟାଚାର ବଢିଚାଲିଛି। ଯାହାକୁ ନେଇ ଭାରତରେ ତୀବ୍ର ପ୍ରତିକ୍ରିୟା ପାଇଛି। ଭାରତ ସରକାର ପ୍ରତିବାଦ ସ୍ୱରୂପ ଦୂତାବାସ ଅଧିକାରୀଙ୍କ ପରିବାର ବର୍ଗଙ୍କୁ ଫେରାଇ ଆଣିଛନ୍ତି। ଏହାର ପ୍ରଭାବ ମଧ୍ୟ କ୍ରିକେଟ ଉପରେ ପଡିଛି। ଭାରତ ମାଟିରେ ନ ଖେଳିବା ନିଷ୍ପତିରେ ଟି ୨୦ ବିଶ୍ୱକପକୁ ବର୍ଜନ ବାଂଲା କ୍ରିକେଟ ବୋର୍ଡ ବର୍ଜନ କରିଛି। ଏପରି ସ୍ଥଳେ ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ କ୍ରିକେଟ ବୋର୍ଡ ବର୍ଜନ କରିଛି। ଏପରି ସ୍ଥଳେ ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କରେ ଉନ୍ନତି ଆଶା କରାଯାଇନପାରେ।

ମୋ-୯୪୩୭୯୯୪୩୭୯

**ସମାଜ ବିଶୃଙ୍ଖଳିତ ହେଲେ ଏହାର କୁପ୍ରଭାବ ମଧ୍ୟ ବିଦ୍ୟାଳୟରେ ପ୍ରତିଫଳିତ ହେବା ସ୍ୱାଭାବିକ। ଅବଶ୍ୟ ଏଭଳି କିଛି ବ୍ୟକ୍ତି ବା ଅନୁଷ୍ଠାନ ନିଜ ବ୍ୟକ୍ତିତ୍ୱ ଓ ପ୍ରତିଭା ବଳରେ ସାମାଜିକ ପରିବର୍ତ୍ତନ ଆଣିବାରେ ସଫଳ ହୋଇପାରିଛନ୍ତି । ଏଭଳି ବ୍ୟକ୍ତିଙ୍କ ସଂଖ୍ୟା ନିଶ୍ଚିତ ଭାବରେ ବହୁତ କମ୍ । ବେଳେ ବେଳେ ସମାଜର ନୈତିକ ଅଧଃପତନର କୁପ୍ରଭାବ ମଧ୍ୟ ବିଦ୍ୟାଳୟରେ ପ୍ରତିଫଳିତ ହୋଇଥାଏ। ସମାଜର ଅଧିକାଂଶ ଲୋକ ଯେତେବେଳେ ବିପଥଗାମୀ ହେବେ ଏହା ନିଶ୍ଚିତ ଯେ ବିଦ୍ୟାଳୟଗୁଡ଼ିକ ଏହାଦ୍ୱାରା ପ୍ରଭାବିତ ହେବ । ବର୍ତ୍ତମାନ ସମାଜରେ ବସ୍ତୁବାଦୀ ସଭ୍ୟତାର ବିକାଶ ଘଟିଛି । ଦୟା, କ୍ଷମା , ତ୍ୟାଗ ଓ ସହନଶୀଳତା ଭଳି ପ୍ରକୃତ ଜୀବନାଦର୍ଶର ଧାରା କ୍ଷୀଣ ହୋଇଆସୁଛି । ଅନ୍ୟପକ୍ଷରେ ଭୋଗ ଓ ଲାଳସା ଭଳି ବସ୍ତୁବାଦୀ ବିଚାରଧାରା ବଢି ଚାଲିଛି । ଆଜି ଅନେକ ଲୋକ ମଦ୍ୟପାନ କରୁଛନ୍ତି । ଶିକ୍ଷିତ -ଅଶିକ୍ଷିତ, ଯୁବକ- ବୃଦ୍ଧ ସମସ୍ତେ ମଦ୍ୟପାନ କରିବା ଏକ ସଉକ ହୋଇଛି ।**

# ଆମ ବିଦ୍ୟାଳୟ

## ରବୀନ୍ଦ୍ରନାଥ ଯୋଷୀ

ବିଦ୍ୟାଳୟକୁ ଦେବାଳୟ ସହିତ ତୁଳନା କରାଯାଏ । ଛାତ୍ରଛାତ୍ରୀଙ୍କ ଚରିତ୍ର ନିର୍ମାଣ ସହିତ ରାଷ୍ଟ୍ର ନିର୍ମାଣ ଓ ସାମାଜିକ ସଂସ୍କାର ଆଣିବାରେ ପ୍ରମୁଖ ଭୂମିକା ନିର୍ବାହ କରିଥାଏ ବିଦ୍ୟାଳୟ । ପୁରାଣ ଯୁଗରେ ବିଦ୍ୟାଳୟ ଆଦର୍ଶ ଶାସନ କର୍ତ୍ତା, ବୀର ଯୋଦ୍ଧା ଓ ସୁଗୁଣସଂପନ୍ନ ନାଗରିକ ନିର୍ମାଣ କରିବାରେ ବଳିଷ୍ଠ ଭୂମିକା ଗ୍ରହଣ କରୁଥିଲା । ବିଦ୍ୟାଳୟମାନଙ୍କରେ ଏକ ସ୍ୱତନ୍ତ୍ର ନୀତି ନିୟମ ଥିଲା। ସଂସ୍କାର ଥିଲା। ଆଦର୍ଶ ବିଚାରବୋଧ ଥିଲା । ଉଭୟ ଗୁରୁ ଓ ଶିଷ୍ୟ ଏହି ଆଚରଣବିଧିକୁ ସମ୍ମାନର ସହିତ ଅନୁପାଳନ କରୁଥିଲେ । ବିଦ୍ୟାଳୟ ପ୍ରତି ସମାଜର ମଧ୍ୟ ସମ୍ମାନ ଓ କର୍ତ୍ତବ୍ୟବୋଧ ରହିଥିଲା । ପ୍ରାକ୍-ସ୍ୱାଧୀନତା ସମୟରେ ବିଦ୍ୟାଳୟଗୁଡ଼ିକ ଜାତୀୟତା ଭାବ ସୃଷ୍ଟି କରିବା ସହିତ ସାମାଜିକ ଓ ମାନବିକ ଦାୟିତ୍ୱ ନିର୍ବାହ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ପ୍ରଦାନ କରୁଥିଲା । ଶିକ୍ଷକ ବା ଗୁରୁମାନେ ଆଦର୍ଶ ବିଚାରବୋଧର ଏକ ଦୃଷ୍ଟାନ୍ତ ଥିଲେ । ଶିଷ୍ୟମାନେ ମଧ୍ୟ କର୍ତ୍ତବ୍ୟ ପରାୟଣ ଥିଲେ । ରାଷ୍ଟ୍ରପ୍ରତି ତ୍ୟାଗ ଓ ସମର୍ପଣ ଭାବ ଥିଲା । ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସତ୍ୟବାଦୀ ବନ ବିଦ୍ୟାଳୟକୁ ଏକ ଉଦାହରଣ ଭାବରେ ନିଆଯାଇପାରେ । ଭାରତର ମୁକ୍ତି ସଂଗ୍ରାମରେ ଜନଜାଗରଣ ସୃଷ୍ଟିକରିବାରେ ପ୍ରମୁଖ ଭୂମିକା ନିର୍ବାହ କରୁଥିଲା ଏହି ବିଦ୍ୟାଳୟ । ସ୍ୱାଧୀନତା ପରବର୍ତ୍ତୀ ସମୟରେ ମଧ୍ୟ ବିଦ୍ୟାଳୟ ଗୁଡ଼ିକ ଉତ୍ତମ ନାଗରିକ ନିର୍ମାଣ କରିବା ସହିତ ଛାତ୍ରଛାତ୍ରୀଙ୍କ ଚରିତ୍ର ନିର୍ମାଣ ଓ ମାନବୀୟ ମୂଲ୍ୟବୋଧ ସୃଷ୍ଟି କରିବାରେ ଏକ ଶୃଙ୍ଖଳିତ ପରିବେଶ ସୃଷ୍ଟି କରିବାର ଗୁରୁଦାୟିତ୍ୱ ବହନ କରିଛି । ଆଜି ମଧ୍ୟ ବିଦ୍ୟାଳୟ ଗୁଡ଼ିକ ସେହି ବିଚାରାଧାରାରେ ପରିଚାଳିତ ହେଉଛି । ଆଜି ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବା ଉଦ୍ଦେଶ୍ୟରେ ସରକାର ଧନ୍ଦାମୂଳକ ଶିକ୍ଷାକୁ ବିଶେଷ ଗୁରୁତ୍ୱ ଦେଇଛନ୍ତି । ପୁର୍ବ ଅପେକ୍ଷା ବର୍ତ୍ତମାନ ବିଦ୍ୟାଳୟ ଗୁଡ଼ିକ ଅଧିକ ଛାତ୍ରକୈନ୍ଦ୍ରୀକ ହୋଇଛି । ଭୟଶୂନ୍ୟ ବାତାବରଣରେ ପଢିବାପାଇଁ ବିଦ୍ୟାଳୟ ଦଣ୍ଡମୁକ୍ତ ଅଂଚଳ ଭାବରେ ପରିଗଣିତ ହୋଇଛି । ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶ ପାଇଁ ଅନେକ ଶିକ୍ଷଣ ଉପାଦାନର ବନ୍ଦୋବସ୍ତ କରାଯାଇଛି । କିନ୍ତୁ ପୂର୍ବାପେକ୍ଷା ବର୍ତ୍ତମାନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶୃଙ୍ଖଳିତ ଆଚରଣ ଦୃଶ୍ୟମାନ ହେବାର ପରିଲକ୍ଷିତ ହେଉଛି। ବର୍ତ୍ତମାନର ଛାତ୍ର ଅଧିକ ସ୍ମାର୍ଟ ହୋଇଛି ସତ, କିନ୍ତୁ ଶୃଙ୍ଖଳା ଓ ମାନବୀୟ ମୂଲ୍ୟବୋଧରୁ ଦୂରେଇ ଗଲା ଭଳି ଅନୁଭବ ହେଉଛି । ଶିକ୍ଷକଟିଏ ମଧ୍ୟ ନିଜ ବ୍ୟକ୍ତିତ୍ୱକୁ ବିଶେଷ ଭାବରେ ଗୁରୁତ୍ୱ ଦେଉନାହିଁ । କେବଳ ଶିକ୍ଷାଦାନରେ ନିଜକୁ ସୀମିତ ରଖିବା ସହିତ ସାମାଜିକ ପରିବର୍ତ୍ତନ ପାଇଁ ନିଜର ଯେଉଁ ଗୁରୁଦାୟିତ୍ୱ ଅଛି ତାହା ନିର୍ବାହ କରିବା ପାଇଁ ପାଶ୍ଚାତ୍‌ପଦ ହେଉଥିବା ଉପଲବ୍ଧି ହେଉଛି ( ସମସ୍ତ ଶିକ୍ଷକ ନୁହନ୍ତି )। ଅବଶ୍ୟ ସମୟ ଓ ପରିସ୍ଥିତିର ବାଧ୍ୟବାଧକତା ଏଥିପାଇଁ କିଛିକାଂଶରେ ଦାୟୀ। ଆମେ ଏ ପ୍ରସଙ୍ଗ ସହିତ ସଂପର୍କିତ ଏଭଳି କିଛି ଘଟଣା ଯାହା ଗଣମାଧ୍ୟମ ଅଥବା ସାମାଜିକ ଗଣମାଧ୍ୟମରେ ବହୁଳ ଭାବରେ ପ୍ରସାରିତ ହୋଇଛି ତାହା ଆଲୋଚନା କରିବା ।

କିଛିଦିନ ତଳର ଘଟଣା । ବାଲେଶ୍ୱର ଜିଲ୍ଲା ରେମୁଣା ଅଞ୍ଚଳରେ ଏକ ଉଚ୍ଚ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀର ଛାତ୍ରଙ୍କ ବ୍ୟାଗରୁ ଏକ ବନ୍ଧୁକ ବାହାରିବା ଘଟଣା ସମଗ୍ର ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ସେହିପରି ଦଶପଲ୍ଲା ଅଞ୍ଚଳର ଏକ ବିଦ୍ୟାଳୟରେ ସପ୍ତମ ଶ୍ରେଣୀର ଦୁଇ ଛାତ୍ର ମଦ୍ୟପାନ କରି ବିଦ୍ୟାଳୟକୁ ଆସିବା ଓ ସେଠାରେ ଚେତାଶୂନ୍ୟ ହୋଇପଡ଼ିଯିବା ଘଟଣା ମଧ୍ୟ ବିଶେଷ ଭାବରେ ବୁଦ୍ଧିଜୀବୀଙ୍କୁ ବ୍ୟଥିତ କରିଛି । ଏହି ଦୁଇ ଘଟଣା ଗୋଟିଏ ଗୋଟିଏ ଉଦାହରଣ ମାତ୍ର । ଏଭଳି ଅନେକ ଛାତ୍ର ବିଭିନ୍ନ ପ୍ରକାର ନିଶାଦ୍ରବ୍ୟ ଗ୍ରହଣ କରିବା ଅଥବା ଅପରାଧିକ କାର୍ଯ୍ୟରେ ସଂଶ୍ଳିଷ୍ଟ ରହିବା ବିରଳ ନୁହେଁ । ଛାତ୍ରଟିଏ ଯେଉଁ ବୟସରେ ଆନନ୍ଦ ଓ ଉଲ୍ଲାସରେ ପାଠ ପଢାରେ ନିଜକୁ ନିୟୋଜିତ କରି ନିଜ ଭବିଷ୍ୟତ ନିର୍ମାଣ ପାଇଁ ଚିନ୍ତିତ ରହିବା କଥା ସେହି ସମୟରେ ଏଭଳି ଅସାମାଜିକ କ୍ରିୟା ପ୍ରତି ଆଗ୍ରହୀ ହେଉଛି କାହିଁକି ? ଅନ୍ୟ ପକ୍ଷରେ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକମାନଙ୍କ କଥା ମଧ୍ୟ ଏଠାରେ ଉପସ୍ଥାପନା କରିବା ଉଚିତ ମଣୁଛି । କଟକ ଭଳି ସଭ୍ୟ ଓ ସଂସ୍କୃତି ସଂପନ୍ନ ଜିଲ୍ଲାରେ ମଧ୍ୟ ଏକ ବିଦ୍ୟାଳୟରେ ମଦ୍ୟପାନ କରି ଜନୈକ ପ୍ରଧାନ ଶିକ୍ଷକ ତୁମୁଳକାଣ୍ଡ ଘଟାଇଥିବା ଗଣମାଧ୍ୟମରେ ପ୍ରସାରିତ ହୋଇ ସମାଲୋଚିତ ହୋଇଛି। ଅନୁରୂପ ଏକ ଘଟଣାରେ କନ୍ଧମାଳ ଜିଲ୍ଲାରେ ମଧ୍ୟ ଜଣେ ଶିକ୍ଷକ ମଦ୍ୟପାନ କରି ଚୂର୍ ହୋଇଥିବାବେଳେ ତାଙ୍କୁ ଗ୍ରାମବାସୀ ଟେକି ନେଇ ଘରେ ଛାଡ଼ିଛନ୍ତି । ଏହି ସମସ୍ତ ଘଟଣା ଗୋଟିଏ ଗୋଟିଏ ଉଦାହରଣ ମାତ୍ର। ଏଭଳି ଅନେକ ଘଟଣା ହୁଏତ ଲୋକଲୋଚନକୁ ଆସି ପାରୁନାହିଁ । କିନ୍ତୁ ଏହି ପ୍ରକାର ଅସାମାଜିକତା ଯେ ବଢିଛି ଏହା ସ୍ୱୀକାର କରିବାକୁ ପଡ଼ିବ । ଅବଶ୍ୟ ଏବେବି ଅନେକ ଉତ୍ସର୍ଗୀକୃତ ଶିକ୍ଷକ ବିଦ୍ୟାଳୟରେ ନିଜକୁ ସମର୍ପିତ କରି ଶିକ୍ଷକକତାର ପବିତ୍ରତାକୁ ବଜାୟ ରଖିଛନ୍ତି । ସେମାନଙ୍କୁ ମୁଁ ହୃଦୟରୁ ସମ୍ମାନ ଦେଉଛି। କିନ୍ତୁ ଉପରୋକ୍ତ ଘଟଣାରେ ନିଶ୍ଚୟ ଉଭୟ ଶିକ୍ଷକ ଓ ଛାତ୍ରଙ୍କ ମାନସିକ ସ୍ଖଳନ ଘଟିଛି । ଯାହାକି ଶିକ୍ଷାର ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ପ୍ରତିହତ କରୁଛି । ଏହା କଣ ପାଇଁ ଘଟୁଛି ? ଏଥିପାଇଁ ଦାୟୀ କିଏ ?



ଶିକ୍ଷା ତିନୋଟି ବିନ୍ଦୁକୁ ସମନ୍ୱୟ କରୁଥିବା ଏକ ତ୍ରିଭୁଜ ଅଟେ । ବିଦ୍ୟାଳୟ ,ପରିବାର ଓ ସମାଜ ଏହି ତିନି ବିନ୍ଦୁର ସମାହାରରେ ଏକ ସୁସ୍ଥ ଓ ସୁନ୍ଦର ଶିକ୍ଷାର ପରିକଳ୍ପନା କରାଯାଏ । ଏହି ତିନିଟି ଅନୁଷ୍ଠାନ ପରସ୍ପର ପରିପୂରକ ଅଟନ୍ତି । ଏକ ସୁସ୍ଥ ପରିବାର ଓ ସମାଜ ଗଠନ ପାଇଁ ବିଦ୍ୟାଳୟର ଯେପରି ପ୍ରମୁଖ ଭୂମିକା ରହିଛି । ସୁସ୍ଥ ବିଦ୍ୟାଳୟ ଗଠନ ପାଇଁ ମଧ୍ୟ ଉଭୟ ପରିବାର ଓ ସମାଜର ଗୁରୁ ଦାୟିତ୍ୱ ରହିଛି । ଶିଶୁଟିଏ ପ୍ରଥମେ ପରିବାରରେ ବଢେ । ପରିବାରର ସଦସ୍ୟମାନଙ୍କ ଠାରୁ ଅନେକ କଥା ଶିଖେ । ପରେ ବିଦ୍ୟାଳୟକୁ ଶିକ୍ଷା ଗ୍ରହଣ ପାଇଁ ଆସିଥାଏ । ତେଣୁ ନିଜ ପରିବାରର ବ୍ୟବହାର, ଚାଲିଚଳଣି ତା ଉପରେ ପ୍ରଭାବ ପକାଇଥାଏ । ବିଦ୍ୟାଳୟ ଯିବାପରେ ସେଠାକାର ଶିକ୍ଷକ ଶିକ୍ଷୟିତ୍ରୀ ସହପାଠୀ ସହପାଠିନୀମାନଙ୍କ ସଂସ୍ପର୍ଶରେ ଆସି ସେମାନଙ୍କ ଦ୍ୱାରା ପ୍ରଭାବିତ ହୋଇଥାଏ । ଶିଶୁଟିଏ ସମାଜରେ ବସବାସ କରୁଥିବାହେତୁ ସାମାଜିକ ପ୍ରଭାବ ମଧ୍ୟ ତା ଉପରେ ଅନୁଭୂତ ହୋଇଥାଏ । ପରିବାରର ସ୍ନେହ ,ମମତା ଓ ଅନୁଶାସନ ତା ପାଇଁ ଭଲ ମଣିଷ ହେବାର ସୁଯୋଗ ସୃଷ୍ଟି କରେ । ସୁସ୍ଥ ଓ ଶୃଙ୍ଖଳିତ ସମାଜ ତାକୁ ପଥଚ୍ୟୁତ ହେବାର ବିପଦରୁ ସୁରକ୍ଷା ପ୍ରଦାନ କରେ। କିନ୍ତୁ ପରିବାର କିମ୍ବା ସମାଜ ଯଦି ଏହି ସୁଯୋଗ ଦେବାରେ ବିଫଳ ହୁଅନ୍ତି ତେବେ ଶିଶୁଟିଏ ପଥଚ୍ୟୁତ ହେବାର ଆଶଙ୍କା ଅଧିକ । ଏ ସମୟରେ କେବଳ ବିଦ୍ୟାଳୟର ପରିବେଶ ହିଁ ତାର ଏକମାତ୍ର ଭରସା ହୋଇଥାଏ । ଅନ୍ୟପକ୍ଷରେ ବିଦ୍ୟାଳୟ ତାର ମୂଳଲକ୍ଷ୍ୟରୁ ବିଚ୍ୟୁତ ଘଟିଲେ ସମାଜ ବିଶୃଙ୍ଖଳିତ ହେବାର ଆଶଙ୍କା ଅଧିକ। ସମାଜ ବିଶୃଙ୍ଖଳିତ ହେଲେ ଏହାର କୁପ୍ରଭାବ ମଧ୍ୟ ବିଦ୍ୟାଳୟରେ ପ୍ରତିଫଳିତ ହେବା ସ୍ୱାଭାବିକ। ଅବଶ୍ୟ ଏଭଳି କିଛି ବ୍ୟକ୍ତି ବା ଅନୁଷ୍ଠାନ ନିଜ ବ୍ୟକ୍ତିତ୍ୱ ଓ ପ୍ରତିଭା ବଳରେ ସାମାଜିକ ପରିବର୍ତ୍ତନ ଆଣିବାରେ ସଫଳ ହୋଇପାରିଛନ୍ତି। ଏଭଳି ବ୍ୟକ୍ତିଙ୍କ ସଂଖ୍ୟା ନିଶ୍ଚିତ ଭାବରେ ବହୁତ କମ୍ । ବେଳେ ବେଳେ ସମାଜର ନୈତିକ ଅଧଃପତନର କୁପ୍ରଭାବ ମଧ୍ୟ ବିଦ୍ୟାଳୟରେ ପ୍ରତିଫଳିତ ହୋଇଥାଏ । ସମାଜର ଅଧିକାଂଶ ଲୋକ ଯେତେବେଳେ ବିପଥଗାମୀ ହେବେ ଏହା ନିଶ୍ଚିତ ଯେ ବିଦ୍ୟାଳୟଗୁଡ଼ିକ ଏହାଦ୍ୱାରା ପ୍ରଭାବିତ ହେବ। ବର୍ତ୍ତମାନ ସମାଜରେ ବସ୍ତୁବାଦୀ ସଭ୍ୟତାର ବିକାଶ ଘଟିଛି । ଦୟା, କ୍ଷମା , ତ୍ୟାଗ ଓ ସହନଶୀଳତା ଭଳି ପ୍ରକୃତ ଜୀବନାଦର୍ଶର ଧାରା କ୍ଷୀଣ ହୋଇଆସୁଛି। ଅନ୍ୟପକ୍ଷରେ ଭୋଗ ଓ ଲାଳସା ଭଳି ବସ୍ତୁବାଦୀ ବିଚାରଧାରା ବଢି ଚାଲିଛି । ଆଜି ଅନେକ ଲୋକ ମଦ୍ୟପାନ କରୁଛନ୍ତି । ଶିକ୍ଷିତ -ଅଶିକ୍ଷିତ, ଯୁବକ- ବୃଦ୍ଧ ସମସ୍ତେ ମଦ୍ୟପାନ କରିବା ଏକ ସଉକ ହୋଇଛି। ଶିକ୍ଷକ ଭଳି ଏକ ବୌଦ୍ଧିକ ବିକାଶର ଗୁରୁଦାୟିତ୍ୱ ବହନ କରୁଥିବା ଜାତି ମଧ୍ୟ ଏହି ସୁରାପାନରୁ ମୁକ୍ତ ନୁହେଁ । ତେବେ ଛାତ୍ର ବା କାହିଁକି ମଦ୍ୟପାନ କରିବ ନାହିଁ ? ପ୍ରଥମ କଥାଟି ହେଲା ମଦ୍ୟପାନ କରିବା ଆଜି ଏକ ସାମାଜିକ କଳଙ୍କ ବୋଲି କେହି ଭାବୁନାହାନ୍ତି। ଦ୍ୱିତୀୟରେ ସରକାରୀ ସ୍ତରରେ ମଧ୍ୟ ରାଜସ୍ୱ ବୃଦ୍ଧି ନିମିତ୍ତ ମଦ୍ୟପାନକୁ ପ୍ରୋତ୍ସାହିତ କରାଯାଇଛି । ତେଣୁ ଏହାର କୁପ୍ରଭାବ ଶିକ୍ଷକ ହେଉ କି ଛାତ୍ର ହେଉ ନିଶ୍ଚୟ ପଡ଼ିବ । ଯେଉଁଠି ଆବଶ୍ୟକ ଛାତ୍ରଛାତ୍ରୀଙ୍କ ଆଳରେ ହଜାର ହଜାର ଶିକ୍ଷାନୁଷ୍ଠାନ ବନ୍ଦ ହୋଇଯାଏ ଅଥଚ ସୁବିଧାରେ ଲୋକଙ୍କୁ ମଦ ଯୋଗାଇ ଦେବା ପାଇଁ ଶହ ଶହ ମଦ ଦୋକାନ ଖୋଲିବା ପାଇଁ ଖୋଦ୍ ସରକାର ଅନୁମତି ଦିଅନ୍ତି । ଯେଉଁଠି ପ୍ରତି ଗାଁରେ ,ପ୍ରତି ପଡ଼ାରେ ମଦ ଦୋକାନ ଉପଲବ୍ଧ ସେଠାରେ ଛାତ୍ର ହେଉ କି ଶିକ୍ଷକ ଏହି ମଦ୍ୟପାନରୁ ବିରତ ହେବେ କାହିଁକି । ଅଭିଭାବକଟିଏ ନିଜ ଶିଶୁକୁ ଏଭଳି କୁକାର୍ଯ୍ୟରୁ ନିବୃତ୍ତ ରଖିବାର ପ୍ରୟାସ କରିବା ଅପେକ୍ଷା ନିଜେ ମଦ୍ୟପ ସାଜେ, ତେବେ ଏହାର କୁପରିଣାମ ଯାହା ହେଉନା କାହିଁକି ତାର ଶିଶୁ ବା କାହିଁକି ମଦ୍ୟପାନ ନ କରିବ ?

ସିନାପାଲ,ନୂଆପଡ଼ା

ମୋ - ୮୦୧୮୧୮୦୩୮୧

# କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ବୈଠକ

କାଶୀନଗର,୧୭।୨ (ନିପ୍ର); କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ସାଧାରଣ କାଉନସିଲ ବୈଠକ ପରିଷଦ କାର୍ଯ୍ୟାଳୟ ବୈଠକ ଗୃହ ମଧ୍ୟରେ ପରିଷଦର ଅଧ୍ୟକ୍ଷା ଏମ. ସୁଧାରାଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏନ.ଏ.ସିର ଗୋଷ୍ଠୀ ସଂଗଠିକା ଉଜ୍ଜ୍ୱଳତା ସ୍ୱାଇଁ ସିଂ ପୂର୍ବ ବୈଠକରେ ହୋଇଥିବା ଉନ୍ନୟନ କାମ ବିଷୟରେ ପ୍ରାକ ବିବରଣୀ ପାଠ କରି ଶୁଣେଇଥିଲେ। ଏହା ପରେ ଆକାଉଣ୍ଟାଣ୍ଟ ଶିବ ପ୍ରସାଦ ମାହାଙ୍କୁଡ ଆୟ ବ୍ୟୟ ଅଟକଳ ବିବରଣୀ ପାଠ କରିବା ପରେ ୨୦୨୬/୨୭ ବର୍ଷ ନିମନ୍ତେ ଖର୍ଚ୍ଚ ଅଟକଳ ପ୍ରାୟ ୧୫ କୋଟି ଟଙ୍କାର ବ୍ୟୟ ବରାଦ ରଖିଥିବା ଅଧିବେଶନ ରେ ଉଲ୍ଲେଖ କରିଥିଲେ। ବିଭିନ୍ନ ୱାର୍ଡର ଉନ୍ନୟନ ମୂଳକ କାମ ବିଷୟରେ ଆଲୋଚନା ହୋଇଥିଲା। ୨୦୫୫ ମସିହା ବେଳକୁ କାଶୀନଗର ବିଜ୍ଞାପିତ ଅଞ୍ଚଳର ଭୌଗୋଳିକ ପରିସୀମା ବୃଦ୍ଧି ଘଟିବା ସହ ଲୋକସଂଖ୍ୟା ମଧ୍ୟ ବୃଦ୍ଧି ପାଇବା ଦୃଷ୍ଟି କୁ ରଖି ଅଖିଳ ଭାରତୀୟ ସ୍ଥାନୀୟ ସ୍ୱୟଂଶାସନ ପ୍ରତିଷ୍ଠାନର କିଛି ସଦସ୍ୟ କାଶୀନଗର ଏନଏସିର ପ୍ରତ୍ୟେକ ୱାର୍ଡର ବ୍ୟବହୃତ ହେଉଥିବା ବ୍ୟାପକ ଜଳ ନିଷ୍କାସନ ମାଷ୍ଟର ପ୍ଲାନ ଉପରେ ଉପସ୍ଥାପନା ପ୍ରୋଜେକ୍ଟର ମାଧ୍ୟମରେ କୋଉନସିଲ ବୋର୍ଡିଙ୍କ ଉପସ୍ଥିତରେ ଉପସ୍ଥାପନା କରି ଏହି ମାଷ୍ଟର ପ୍ଲାନକୁ କାଶୀନଗର ସାହରରେ କାର୍ଯ୍ୟକାରୀ କରିବା ପାଇଁ ସମସ୍ତଙ୍କ ସହଯୋଗର ଆବଶ୍ୟକତା ଥିବା ପ୍ରକାଶ କରିଥିଲେ।

# ମେଧାବୀ ପୁରସ୍କାର ପ୍ରଦାନ

ନିରାକାରପୁର,୧୭।୨ (ନିପ୍ର); ଖୋର୍ଦ୍ଧା ଜିଲ୍ଲା ବାରଘରପଟଣାସ୍ଥିତ ଗତିଶ୍ୱର ମନ୍ଦିରଠାରେ ୩୫ତମ ଜାଗର ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ହଜାର ହଜାର ଭକ୍ତ ସମାଗମ ହୋଇ ପ୍ରଦୀପ ଜାଳି ମାନସିକ କାମନା କରିଛନ୍ତି। ଏହି ଅବସରରେ ଏକ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଗ୍ରାମର ବିଶିଷ୍ଟ ଶିକ୍ଷାବିତ ଦିବଂଗତ ହରେକୃଷ୍ଣ ନନ୍ଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ପୂର୍ବ ବର୍ଷ ଭଳି ବାରଘରପଟଣାସ୍ଥିତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ପଞ୍ଚମ, ଷଷ୍ଠ ଓ ସପ୍ତମ ଶ୍ରେଣୀରେ ସର୍ବାଧିକ ନମ୍ବର ରଖିଥିବା ୪ଜଣ ବିଦ୍ୟାର୍ଥୀମାନଙ୍କୁ ପୁରସ୍କାର ନଗଦ ରାଶି, ମାନପତ୍ର ଏବଂ ସ୍ମୃତିଫଳକ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟରେ ସ୍ୱଚ୍ଛ ଜଳର ସୁବନ୍ଦୋବସ୍ତ କରିବା ପାଇଁ ନଗଦ ଅର୍ଥ ରାଶି ମଧ୍ୟ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତ ହରେକୃଷ୍ଣ ନନ୍ଦଙ୍କ ତିନି ପୁତ୍ର ନରେନ୍ଦ୍ର କୁମାର ନନ୍ଦ, ଦେବେନ୍ଦ୍ର କୁମାର ନନ୍ଦ ଏବଂ ଜିତେନ୍ଦ୍ର କୁମାର ନନ୍ଦ ଯୋଗ ଦେଇଥିଲେ। ଅଂଚଳବାସୀ ଏହି କାର୍ଯ୍ୟକ୍ରମର ଭୁୟସୀ ପ୍ରଶଂସା କରିଥିଲେ।

# ୨୨ରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ସହ ମିଳିବ ଔଷଧ

ନିରାକାରପୁର,୧୭।୨ (ନିପ୍ର): ଖୋର୍ଦ୍ଧା ଜିଲ୍ଲା ବଡ଼ପୋଖରିଆ ପଞ୍ଚାୟତ ଅନ୍ତର୍ଗତ ବୋଡ଼ଙ୍ଗରାର ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ 'ବରଦାନୀ ଭବନ' ଏବଂ ନୀଳଗିରି ପାଟଣାର ନିଗମାନନ୍ଦ ସରସ୍ୱତୀ ଚିନ୍ତାମଣୀ ସେବାଶ୍ରମର ମିଳିତ ସହଯୋଗରେ ଏକ ବିଶାଳ ସ୍ୱାସ୍ଥ୍ୟସେବା ଶିବିର ଆୟୋଜିତ ହେବାକୁ ଯାଉଛି। ନବେତମ ସ୍ୱର୍ଣ୍ଣିମ ଶିବ ଜୟନ୍ତୀ ଅବସରରେ ଫେବ୍ରୁଆରୀ ୨୨ ତାରିଖ (ରବିବାର)ଏହି ଶିବିର ଅନୁଷ୍ଠିତ ହେବ। ଚିନ୍ତାମଣୀ ସେବାଶ୍ରମ, ନୀଳଗିରି ପାଟଣା, ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଏହି ସ୍ୱାସ୍ଥ୍ୟସେବା ଶିବିର ଚାଲିବ । ଏହି ଶିବିରରେ ଭୁବନେଶ୍ୱର ସ୍ଥିତ ହାଇଟେକ ମେଡିକାଲ କଲେଜ ଓ ହସ୍ପିଟାଲର ବିଭିନ୍ନ ବିଭାଗର ବରିଷ୍ଠ ବିଶେଷଜ୍ଞ ଡାକ୍ତରମାନେ ଯୋଗଦେବେ। ସେମାନେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଉଚିତ୍ ପରାମର୍ଶ ଦେବେ। ଏହି ଜନକଲ୍ୟାଣକାରୀ ଶିବିରରେ ଜନସାଧାରଣମାନେ ସମ୍ପୂର୍ଣ୍ଣ ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇପାରିବେ। ଏହା ସହିତ ରୋଗୀମାନଙ୍କୁ ଆବଶ୍ୟକ ଔଷଧ ମଧ୍ୟ ମାଗଣାରେ ଯୋଗାଇ ଦିଆଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏଣୁ ବଡ଼ପୋଖରିଆ ପଞ୍ଚାୟତ ଓ ଆଖପାଖ ଅଞ୍ଚଳର ଜନସାଧାରଣ ଏହି ସୁଯୋଗର ଲାଭ ଉଠାଇବା ପାଇଁ ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ଏବଂ ଚିନ୍ତାମଣୀ ସେବାଶ୍ରମ ପକ୍ଷରୁ ଅନୁରୋଧ କରାଯାଇଛି।

# ଡାକରଡା ପଞ୍ଚାୟତରେ ୧୩ ଅଭିଯୋଗ ଶୁଣିଲେ ବିଡିଓ

ଶେରଗଡ,୧୭।୨ (ନିପ୍ର): ଶେରଗଡ ବ୍ଲକ ଡାକରଡା ପଞ୍ଚାୟତ ର ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ତୃପ୍ତିମୟୀ ଜେନା ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୁଣାଣିରେ ମାତ୍ର ୧୩ଟି ଅଭିଯୋଗ ଆସିଥିଲା। ଉକ୍ତ ୧୩ଟି ଅଭିଯୋଗ ସମ୍ପୃକ୍ତ ବିଭାଗକୁ ସମାଧାନ ନିମନ୍ତେ ପଠାଇ ଦେଇଛନ୍ତି ବିଡ଼ିଓ। ଅଭିଯୋଗ ଗୁଡିକ ମଧ୍ୟରେ ଆବାସ ଯୋଜନା ପାଇଁ ୩ଟି , ଭତ୍ତା ପାଇଁ ,ଘରବାରି ପଟା ଓ ପାଇଖାନା ପାଇଁ ୧ଟି ଲେଖାଏଁ, ଅନ୍ୟାନ୍ୟ ପାଇଁ ୪ଟି ଅଭିଯୋଗ ଆସିଥିଲା। ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ଅତିରିକ୍ତ ତହସିଲଦାର ଲକ୍ଷ୍ମୀପ୍ରିୟା ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ରଶ୍ମିତା ଶବର, ସିଡ଼ିପିଓ ମମତାଞ୍ଜଳି ପଣ୍ଡା, ଥାନାଧିକାରୀ ବରେନ୍ଦ୍ର ସିଆଳ ଉପସ୍ଥିତ ଥିଲେ । ଜିପିଓ ଦାୟିତ୍ୱରେ ଜି ରବି କୁମାର,ଡାକରଡା ପଞ୍ଚାୟତ କାର୍ଯ୍ୟାଳୟରେ କାର୍ଯ୍ୟ ନିର୍ବାହ ଅଧିକାରୀ ବିନାୟକ ତ୍ରିପାଠୀ ସହଯୋଗ କରିଥିଲେ ।ଜଳ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ଶଶାଙ୍କ ଶେଖର ପାଢ଼ୀ, ବିଇଓ ଦିବାକର ଗମାଙ୍ଗ, ସମେତ ଜଳସେଚନ, ପୂର୍ତ୍ତ ବିଭାଗ, କ୍ଷୁଦ୍ର ଜଳସେଚନ, କୃଷି,ମିଶନ ଶକ୍ତି, ଶିକ୍ଷା, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରକାଶକ ପରିଭ୍ରମଣ କାର୍ଯ୍ୟକ୍ରମ

ଦାମନଯୋଡି,୧୮।୨ (ନିପ୍ର):ପି.ଏମ.ଶ୍ରୀ ମାଲୁସାନ୍ତା ସରକାରୀ ନୋଡାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଏକ ପ୍ରକାଶକ ପରିଭ୍ରମଣ କାର୍ଯ୍ୟକ୍ରମ (ଏକ୍ସପୋଜର ଭିଜିଟ) ଅନୁଷ୍ଠିତ ହୋଇଯାଇଛି । ସରକାରଙ୍କ ସହାୟତାରେ ପି.ଏମ.ଶ୍ରୀ ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଏହା ଅନ୍ୟତମ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଷଷ୍ଠ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କୁ ଧନ୍ଦାମୂଳକ କାର୍ଯ୍ୟ ସହ ପରିଚିତ କରାଯାଇଥିଲା । ଦୁଇଦିନ ଧରି ଏହି ପରିଦର୍ଶନ କାର୍ଯ୍ୟକ୍ରମ ଜାରି ରହିଥିଲା । ପ୍ରଥମ ଦିବସରେ ଷଷ୍ଠରୁ ଅଷ୍ଟମ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ପଟାଙ୍ଗୀ ସ୍ଥିତ ସରକାରୀ ଶିଳ୍ପ ଓ ତାଲିମ ଅନୁଷ୍ଠାନ ପରିଦର୍ଶନ କରିଥିଲେ । ସେଠାରେ ସେମାନେ ବିଭିନ୍ନ ଯନ୍ତ୍ରପାତିର କାର୍ଯ୍ୟ ଓ ବ୍ୟବହାର ଅନୁଧ୍ୟାନ କରିଥିଲେ । ପରିଦର୍ଶନର ଦ୍ୱିତୀୟ ଦିବସରେ ନବମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ସାମନ୍ତ ଚନ୍ଦ୍ରଶେଖର ବୈଷୟିକ ମହାବିଦ୍ୟାଳୟ ପରିଦର୍ଶନ କରିଥିଲେ । ସେଠାରେ ବିଭିନ୍ନ ବିଭାଗ ଯଥା ସିଭିଲ, ଇଲେକ୍ଟ୍ରିକାଲ ଆଦିର ଯନ୍ତ୍ରପାତିର ଉପଯୋଗିତା ଜାଣିଥିଲେ । ବିଦ୍ୟାଳୟର ପ୍ରାୟ ୫୪୦ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଉପକୃତ ହୋଇଥିଲେ । ଜିଲ୍ଲାପାଳଙ୍କ ଅନୁମତି କ୍ରମେ ଆରଟିଓ ବିଭାଗର ସହାୟତାରେ ଯାନବାହନର ଆୟୋଜନ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଶ୍ମିରଞ୍ଜନ ସେଠୀଙ୍କ ତତ୍ତ୍ୱାବଧାନରେ ସମସ୍ତ କର୍ମକର୍ତ୍ତାଙ୍କ ସହାୟତାରେ ଏହି କାର୍ଯ୍ୟକ୍ରମ ସୁଚାରୁ ରୂପେ ସମ୍ପାଦିତ ହୋଇଥିଲା ।

# ଗ୍ରାମ୍ୟମୁଖୀ ପ୍ରଶାସନ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି

କାଶୀନଗର,୧୭।୨ (ନିପ୍ର): କାଶୀନଗର ବ୍ଲକ ସ୍ଥିତ ପଞ୍ଚାୟତ ସମିତି କାର୍ଯ୍ୟାଳୟ ବୈଠକ ଗୃହଠାରେ ଗ୍ରାମ୍ୟମୁଖୀ ପ୍ରଶାସନ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶୁଣାଣିରେ ଗଜପତି ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ବନଖଣ୍ଡ ଅଧିକାରୀ ପାରଳାଖେମୁଣ୍ଡି କେ.ନାଗାରାଜୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ପୃଥ୍ୱୀରାଜ ମଣ୍ଡଳ, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା, ଅଂଶୁମାନ ମହାପାତ୍ର ଅଭିଯୋଗ ଶୁଣାଣୀରେ ଯୋଗଦାନ କରି କାଶୀନଗର ପଞ୍ଚାୟତ ସମିତିର ସମୁଦାୟ ମୋଟ-୬୫ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୩୭ ଗୋଟି,ଗ୍ରାମ ଭିତ୍ତିକ ସମସ୍ୟା -୨୮ଗୋଟି ଅଭିଯୋଗ ଆସିଥିଲା । ଜିଲ୍ଲାପାଳ ଆସିବା ସମୟରେ ଶିଆଳି ସରପଞ୍ଚ ରାମ ପ୍ରସାଦ ପଟନାୟକ ବ୍ଲକର ଯୋଗ୍ୟ ବୃଦ୍ଧବୃଦ୍ଧାମାଙ୍କୁ ବାର୍ଦ୍ଧକ୍ୟ ଭତ୍ତା, ରେସନ କାର୍ଡ, ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଦାବି ଉପସ୍ଥାପନା କରିଥିଲେ. ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ୧୬ଜଣଙ୍କୁ ନୂତନ ଭାବେ ମଧୁବାବୁ ପେନସନ ଯୋଜନାରେ ସାମିଲ୍ କରିବା ସହ ଏହି ବ୍ଲକର ଶ୍ୱେତା ଦୋରା ଓ ଡିନେଶ କୁମାର ସାହୁଙ୍କୁ କନ୍ୟା ବିବାହ ଯୋଜନା ଅନ୍ତର୍ଗତ ପ୍ରୋତ୍ସାହନ ରାଶି ଦୁଇ ଲକ୍ଷ ପଚାଶ ହଜାର ଟଙ୍କାର ଏକ ବ୍ୟାଙ୍କ ଚେକ ଜିଲ୍ଲା ପାଳ ପ୍ରଦାନ କରି କନ୍ୟା ବିବାହ ଯୋଜନାକୁ ସଫଳ କରିଥିଲେ। ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା,ଜମି ପଟ୍ଟା, ମନରେଗା, ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ ରାସ୍ତା ଓ ସ୍ୱାସ୍ଥ୍ୟ ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା ।

# ରାଉରକେଲା ଝିରପାଣି ମୁଖ୍ୟ ରାସ୍ତାର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

ରାଉରକେଲା,୧୭।୨ (ନିପ୍ର): ସହରର କୋଏଲନଗର ଠାରୁ ଝିରପାଣି ସେତୁ ପର୍ଯ୍ୟନ୍ତ ଝିରପାଣି ମୁଖ୍ୟ ରାସ୍ତା ଉନ୍ନତିକରଣ ପାଇଁ ବହୁ ସମୟରେ ଲୋକଙ୍କ ଅଭିଯୋଗ ହୋଇ ଆସୁଥିଲା। ଏହି ମୁଖ୍ୟ ରାସ୍ତା ଦେଇ ନୂଆଗାଁ ବ୍ଲକ ଅଧୀନରେ ଥିବା ସମସ୍ତ ଗ୍ରାମର ଜନସାଧାରଣ ଯିବା ଆସିବା କରିବା ସହିତ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ଜନସାଧାରଣଙ୍କ ଅସୁବିଧାକୁ ଆଖିରେ ରଖି ରାଉରକେଲା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ରାଜ୍ୟ ସରକାରଙ୍କୁ ଅବଗତ କରାଇଥିଲେ। ଗତକାଲି ଫେବୃଆରୀ ୧୬ ତାରିଖରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକଙ୍କ ତତ୍ତ୍ୱାଧାନରେ ରାସ୍ତା ଉନ୍ନତିକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇ ରାସ୍ତା ନିର୍ମାଣ ପାଇଁ ଶୁଭାରମ୍ଭ କରାଯାଇଥିଲା। କୋଏଲନଗର ଠାରୁ ଝିରପାଣି ସେତୁ ପର୍ଯ୍ୟନ୍ତ ପ୍ରାୟ ୧ କିଲୋମିଟର ୩୬୮ ମିଟର ଠାରୁ ୨ କିଲୋମିଟର ୯୬୮ ମିଟର ରାସ୍ତାର ଉନ୍ନତିକରଣ ପାଇଁ ସରକାରଙ୍କ ପିଡବ୍ଲୁଡି ବିଭାଗ ପକ୍ଷରୁ ୧୦୫.୩୭ ଲକ୍ଷ ଟଙ୍କା ଅଟକଳ କରାଯାଇ ୨୦୨୫-୨୬ ଆର୍ଥିକ ବର୍ଷରେ ଅନୁମୋଦନ ଲାଭ କରିଥିଲା। ଗତକାଲି ଫେବୃଆରୀ ୧୬ ତାରିଖ ଦିନ ରାସ୍ତା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ସମୟରେ ରାଜ୍ୟ ସରକାରଙ୍କ ପିଡବ୍ଲୁଡି ଜେଇ ଓମପ୍ରକାଶ ଜେନା, ଏସଡିଓ ନିତ୍ୟାନନ୍ଦ ସିଂ, ଜିଲ୍ଲାପରିଷଦ ସଭ୍ୟ ହାଲୁ ମୁଣ୍ଡାରୀ, ସମିତି ସଭ୍ୟା ପ୍ରତିମା ପାତ୍ର, ମିତ୍ରଭାନୁ ପଣ୍ଡା, ରଞ୍ଜିତ ବୋଷ, ସୁଶୀଲ କିଣ୍ଡୋ, ଜୟନ୍ତ ପତି, ଚକ୍ରଧର ମଲ୍ଲିକ, ବିଚିତ୍ରା ନନ୍ଦ କର, ଅଶ୍ୱିନୀ ପଣ୍ଡା, ଜୟନ୍ତୀ ତନ୍ତି, ଭାରତୀ ତନ୍ତିଙ୍କ ସମେତ ଅନ୍ୟାନ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତରେ ରାସ୍ତା ନିର୍ମାଣ କାର୍ଯ୍ୟ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି।



# ବିକଶିତ ଭାରତ ଗଠନ ପାଇଁ ଗବେଷଣାମୁଖୀ ଶିକ୍ଷାକୁ ଗୁରୁତ୍ୱ ଦେବା ଆବଶ୍ୟକ

ରାୟଗଡ଼,୧୭।୨(ନିପ୍ର);ରାୟଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ, ରାୟଗଡାର ବାଣିଜ୍ୟ ବିଭାଗ ପକ୍ଷରୁ ଓଡ଼ିଶା ବାଣିଜ୍ୟ ସଂଗଠନର ସହଯୋଗରେ "ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା : ଏକ ବିକାଶ ଓ ଅନ୍ତର୍ଭୁକ୍ତ ବୃଦ୍ଧି ଦିଗରେ" ଶୀର୍ଷକରେ ଦିନିକିଆ ଜାତୀୟ ସଂପାନ ଆୟୋଜିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼. ସରସ୍ୱତୀ ରାୟ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । ଅଧ୍ୟକ୍ଷା ଡ଼. ରାୟ ନିଜ ଅଧ୍ୟକ୍ଷୀୟ ଉଦ୍‌ବୋଧନରେ କହିଥିଲେ ଯେ, ବିକଶିତ ଭାରତ ଗଠନ ପାଇଁ ଉଚ୍ଚ ଶିକ୍ଷା ସଂସ୍ଥାମାନେ ଗବେଷଣାମୁଖୀ ଶିକ୍ଷାକୁ ଗୁରୁତ୍ୱ ଦେବା ସହ ସମାଜମୁଖୀ ଉନ୍ନତି ଦିଗରେ କାମ କରିବା ଆବଶ୍ୟକ । ଛାତ୍ରଛାତ୍ରୀମାନେ ନୂତନ ଚିନ୍ତାଧାରା ଓ ନବୀନ ଉଦ୍ୟମ ମାଧ୍ୟମରେ ରାଜ୍ୟ ଓ ଦେଶର ଉନ୍ନତିରେ ଅଂଶୀଦାର ହେବାକୁ ସେ ଆହ୍ୱାନ ଜଣାଇଥିଲେ । ମୁଖ୍ୟ ଅତିଥି ଭାବେ ଝାରଖଣ୍ଡ, ରାଞ୍ଚିସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସହାୟକ ପ୍ରାଧ୍ୟାପକ ଡ଼. କେ . ବି. ସିଂ ଯୋଗଦେଇ ତାଙ୍କ ଉଦ୍‌ବୋଧନରେ ସମାବେଶୀ ଅର୍ଥନୈତିକ ବୃଦ୍ଧିର ଗୁରୁତ୍ୱ ଉପସ୍ଥାପନ କରି କହିଥିଲେ ଯେ, ଗ୍ରାମୀଣ ଓ ଅନୁନ୍ନତ ଅଞ୍ଚଳର ଉନ୍ନତି ବିନା ବିକଶିତ ଭାରତର ସ୍ୱପ୍ନ ସାକାର ହେବ ନାହିଁ । ସେ ଡିଜିଟାଲ୍ ଅର୍ଥନୀତି, କୌଶଳ ବିକାଶ ଓ ଯୁବପିଢ଼ିର ଭୂମିକାକୁ ଉଲ୍ଲେଖ କରିଥିଲେ । ମୁଖ୍ୟ ବକ୍ତା ଭାବେ ପ୍ରଫେସର କିଶୋର ଚନ୍ଦ୍ର ରାଉତ, ଅବସରପ୍ରାପ୍ତ ପ୍ରାଧ୍ୟାପକ , ବ୍ରହ୍ମପୁର ବାଣିଜ୍ୟ ଶିକ୍ଷାର ବିକାଶ ଓ ଉଦ୍ୟମ ସୃଷ୍ଟିରେ ଶିକ୍ଷାନୁଷ୍ଠାନମାନଙ୍କ ଭୂମିକା ବିଷୟରେ ବ୍ୟାପକ ଆଲୋଚନା କରିଥିଲେ । ସେ କହିଥିଲେ ଯେ, ନୂତନ ଆର୍ଥିକ ନୀତି, ଷ୍ଟାର୍ଟଅପ୍ ସଂସ୍କୃତି ଓ ସ୍ଥାନୀୟ ସମ୍ପଦର ସଠିକ୍ ବ୍ୟବହାର ଓଡ଼ିଶାକୁ ଆର୍ଥିକ ଭାବେ ସଶକ୍ତ କରିପାରିବ । ସମ୍ମାନିତ ଅତିଥି ପ୍ରଫେସର ବିଶ୍ୱମୋହନ ଜେନା, ଓଡ଼ିଶା ବାଣିଜ୍ୟ ସଙ୍ଗଠନ ମତ ପ୍ରକାଶ କରି କହିଥିଲେ ଯେ ଶିକ୍ଷକ, ଗବେଷକ ଓ ଶିଳ୍ପ ମଧ୍ୟରେ ସମନ୍ୱୟ ସୃଷ୍ଟି ହେଲେ ସମାବେଶୀ ବିକାଶ ସମ୍ଭବ । ସେ ଏପରି ଜାତୀୟ ପାଠଚକ୍ର ଜ୍ଞାନ ବିନିମୟର ଏକ ଶକ୍ତିଶାଳୀ ମଞ୍ଚ ବୋଲି ମତ ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ଗଞ୍ଜାମ ଜିଲ୍ଲା ହିଞ୍ଜିଳିକଟ ବିଜ୍ଞାନ ମହାବିଦ୍ୟାଳୟ, ବାଣିଜ୍ୟ ବିଭାଗର ଅଧ୍ୟାପକ ପ୍ରଫେସର ପ୍ରଫୁଲ୍ଲ ରଥ ଅର୍ଥନୈତିକ ବିକାଶ ଓ ଆଧୁନିକ ବାଣିଜ୍ୟ ବ୍ୟବସ୍ଥାର ଭୂମିକା ବିଷୟରେ ମୂଲ୍ୟବାନ ଉଦ୍‌ବୋଧନ ରଖିଥିଲେ । ବାଣିଜ୍ୟ ବିଭାଗର ବିଭାଗ ମୁଖ୍ୟ ଅଧ୍ୟାପକ ସୁବ୍ରତ ପ୍ରଧାନ କାର୍ଯ୍ୟକ୍ରମ ସମନ୍ୱୟକାରୀ ଭାବେ ସଂପାନକୁ ପରିଚାଳନା କରିଥିଲେ । ଉଦ୍‌ଘାଟନୀ ଅଧିବେଶନ ଡ଼ଃ ମାନସୀ ମହାନ୍ତି ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିବା ସହିତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଉଦ୍‌ଘାଟନ ପରେ ମୋଟ ୪ଟି ପ୍ରାଯୁକ୍ତିକ ଅଧିବେଶନ ଅନଲାଇନ୍ ଓ ଅଫଲାଇନ୍ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଦେଶର ବିଭିନ୍ନ ସ୍ଥାନରୁ ଯୋଗଦେଇଥିବା ଗବେଷକ, ଅଧ୍ୟାପକ ଓ ଛାତ୍ରଛାତ୍ରୀମାନେ ନିଜ ଗବେଷଣା ପତ୍ର ଉପସ୍ଥାପନ କରିଥିଲେ। ପରେ ସମାପନୀ ଅଧିବେଶନ ଆୟୋଜିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଡ଼. ପ୍ରଣୟ ପରାଶର, ସହାୟକ ପ୍ରାଧ୍ୟାପକ, କେନ୍ଦ୍ରୀୟ ବିଶ୍ୱିଦ୍ୟାଳୟ, ଝାଡ଼ଖଣ୍ଡ ଯୋଗ ଦେଇଥିଲେ। ଶେଷରେ ସଂପାନରେ ଅନଲାଇନ୍ ଓ ଅଫଲାଇନ୍ ମାଧ୍ୟମରେ ଯୋଗଦେଇ ଗବେଷଣା ପତ୍ର ପ୍ରସ୍ତୁତ କରିଥିବା ସମସ୍ତ ଅଂଶ ଗ୍ରହଣକାରଙ୍କୁ ଅଂଶଗ୍ରହଣ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ପି.ଜି. କାଉନସିଲ୍ ଚେୟାରମେନ ପି. ଅରୁଣ କୁମାର ଧନ୍ୟବାଦ ଜ୍ଞାପନ କରି ସମସ୍ତ ଅତିଥି, ଅଂଶଗ୍ରହଣକାରୀ ଓ ଆୟୋଜକମାନଙ୍କୁ କୃତଜ୍ଞତା ଜଣାଇଥିଲେ ।

# ରାଜ୍ୟସ୍ତରୀୟ ଅର୍ଥଶାସ୍ତ୍ର ସେମିନାର୍

ବୁଗୁଡ଼ା,୧୭।୨ (ନିପ୍ର): ସ୍ଥାନୀୟ ପିପୁଲ୍ସ କଲେଜର ଅର୍ଥଶାସ୍ତ୍ର ବିଭାଗ ପକ୍ଷରୁ "ଭାରତରେ ଅରେଞ୍ଜ ଇକୋନୋମି ବଜେଟ୍ ପ୍ରାଥମିକତା ଏବଂ ଅର୍ଥନୈତିକ ପ୍ରଭାବ" ଶୀର୍ଷକ ଏକ ରାଜ୍ୟସ୍ତରୀୟ ସେମିନାର୍ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଏସ୍.ବି.ଆର ସରକାରୀ ମହିଳା ମହାବିଦ୍ୟାଳୟର ଅର୍ଥଶାସ୍ତ୍ର ବିଭାଗୀୟ ମୁଖ୍ୟ ଡକ୍ଟର ଜଗନ୍ନାଥ ବେହେରା ଯୋଗଦେଇ ସୃଜନଶୀଳ ଅର୍ଥନୀତିର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେମିନାରରେ ବିଶେଷ କରି କଣ୍ଟେଣ୍ଟ କ୍ରିଏଟର, ବୌଦ୍ଧିକ ସମ୍ପତ୍ତି ଅଧିକାର ଏବଂ ସ୍ଥାନୀୟ ସୃଜନଶୀଳ ଶିଳ୍ପଗୁଡ଼ିକ କିଭଳି ବିଶ୍ୱ ବଜାର ସହ ଜଡ଼ିତ, ସେ ବିଷୟରେ ଆଲୋଚନା କରାଯାଇଥିଲା। ଭାରତର ଜିଡିପି ବୃଦ୍ଧିରେ ଏହି ନୂତନ ଅର୍ଥନୈତିକ ଧାରାର ଅବଦାନ ସମ୍ପର୍କରେ ଛାତ୍ରଛାତ୍ରୀମାନେ ଅବଗତ ହୋଇଥିଲେ।ଏହି ଅବସରରେ ବିଭାଗର ସଫଳ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଚାଷୀଙ୍କ ପାଇଁ ଅଲୋଡ଼ା ହେଲା ନଡ଼ା ଓ ପାଳ

ଭାପୁର,୧୭।୨ (ନିପ୍ର); ଭାପୁର ବ୍ଲକ ଏକ କୃଷି ପ୍ରଧାନ ଅଞ୍ଚଳ ହୋଇଥିବାରୁ ଶତକଡା ୮୦ ଭାଗ ଲୋକ କୃଷିଉପରେ ନିର୍ଭର କରି ଚଳିଥାନ୍ତି। ବିଶେଷକରି,ଭାପୁର ବ୍ଲକ ଅଂଚଳରେ ଧାନ ଫସଲ ଅଧିକ ପରିମାଣରେ ହୋଇଥାଏ। ଅତୀତରେ, ଧାନ ସହିତ ନଡା ଓ ପାଳର ଚାହିଦା ଅଧିକ ରହିଥିଲା କିନ୍ତୁ,ବର୍ତ୍ତମାନ ରାଜ୍ୟ ସରକାର ମାଗଣାରେ ଚାଉଳ ଯୋଗେଇବା ପରେ ଚାଷୀ ମାନେ ଧାନକୁ ବ୍ୟବହାର ନ କରି ମଣ୍ଡିରେ ଦେଇ ଦେଉଛନ୍ତି। ଚାଷ କାର୍ଯ୍ୟ ପାଇଁ ବ୍ୟବହାର ହେଉଥିବା ହଳ ଓ ଲଙ୍ଗଳ ବର୍ତ୍ତମାନ ଚାଷୀଙ୍କ ପାଖରେ ଦେଖିବାକୁ ମିଳୁନାହିଁ କି ଚାଷୀଙ୍କ ବାଡ଼ିରେ ପାଳଗଦା ଓ ନଡାଗଦା ଦେଖିବାକୁ ବର୍ତ୍ତମାନ ସ୍ୱପ୍ନ ହୋଇଯାଇଛି ।ଧାନ ବୁଣା ଠାରୁ ଆରମ୍ଭ କରି ଅମଳ ପର୍ଯ୍ୟନ୍ତ ମେସିନ ସହାୟତାରେ ଚାଷ କାର୍ଯ୍ୟ ହେଉଥିବାରୁ ଚାଷୀ ମାନଙ୍କ ପାଖରେ ଆଉ ଗୁହାଳ ନାହିଁ କି ହଳ ନାହିଁ। ଚାଷ କାର୍ଯ୍ୟ ପାଇଁ ଚାଷୀଙ୍କ ପାଖରେ ବଳଦ, ଗାଈ କି ପଣ୍ଡା ନ ଥିବାରୁ ତାଙ୍କର ମୁଖ୍ୟ ଖାଦ୍ୟ ପାଳ ଓ ନଡା ବର୍ତ୍ତମାନ ଅଲୋଡ଼ା ହୋଇଯାଇଛି। ଏତେଦବ୍ୟତୀତ, ଗାଁ ଗହଳିରେ ଲୋକଙ୍କର ଆଉ ଚାଳ ଛପର ଘର ନ ଥିବାରୁ ନଡା ଆଉ ଖୋଜା ହେଉନାହିଁ। ନଡ଼ା ଓ ପାଳର ଚାହିଦା ନ ଥିବାରୁ ଚାଷୀ ମାନେ କ୍ଷେତରେ ଧାନ ଅମଳ ପରେ ନଡ଼ା ଓ ପାଳକୁ ଛାଡି ଦେଉଛନ୍ତି। ଅନେକ ସ୍ଥାନରେ, କ୍ଷେତରେ ଗଦା ହୋଇଥିବା ନଡ଼ା ଓ ପାଳକୁ ଚାଷୀମାନେ ନିଆଁ ଲଗେଇ ପୋଡି ଦେଉଛନ୍ତି ଫଳରେ , କ୍ଷେତର ଉର୍ବରତା କମୁଥିବା ବେଳେ ପରିବେଶ ମଧ୍ୟ ଦୂଷିତ ହେଉଛି।



# ମିଥ୍ୟା ବିଲ୍ କରି ଅର୍ଥ ହଡପ୍ ଅଭିଯୋଗ

ଭାପୁର,୧୭।୨ (ନିପ୍ର): ରାଜ୍ୟର ୩୧୪ ବ୍ଲକ ମଧ୍ୟରୁ ଭାପୁର ବ୍ଲକ ଦୁର୍ନୀତିର ପିଛା ଛାଡୁ ନାହିଁ। ଅତୀତରେ ୨୦୬ କୋଟି ଟଙ୍କାର ଫଲସ ବିଲ ହୋଇଥିବା ନେଇ କେସ ନଂ ୯/୨୫ ରେ ଇ.ଓ.ଡ଼ବ୍ଲୁ ର ତଦନ୍ତ ଚାଲୁ ରହିଛି ।ଡବଲ ଇଂଜିନ ସରକାରରେ ଦୁର୍ନୀତିକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ଡାକରା ଦିଆଯାଉଥିଲେ ମଧ୍ୟ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକରେ ତାର ଓଲଟା ଦେଖାଯାଉଛି ।ପୁରୁଣା କାର୍ଯ୍ୟକୁ ନୂଆ ଦର୍ଶାଇ ଅର୍ଥ ହଡପ ହୋଇଥିବା ନେଇ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଙ୍କ ନେତୃତ୍ୱରେ ଭାପୁର ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ,ଭାପୁର ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠ ଫାଟକ ଠାରୁ ଦମକଳ କେନ୍ଦ୍ର ସମ୍ମୁଖ ପର୍ଯ୍ୟନ୍ତ ରାସ୍ତାର ନବୀକରଣ ପାଇଁ ମନରେଗା ଯୋଜନାରେ ୭ଲକ୍ଷ ୬୦ହଜାର ଟଙ୍କା ମଞ୍ଜୁର ହୋଇଥିଲା ।ଏହି ରାସ୍ତା କାର୍ଯ୍ୟ ପୂର୍ବରୁ ସମାପ୍ତ ହୋଇଥିବାବେଳେ ବର୍ତ୍ତମାନ କାର୍ଯ୍ୟ ନ ହୋଇ ପୁନର୍ବାର ଭାପୁର ବ୍ଲକର ଜଣେ ପଦାଧିକାରୀ ମୁଖ୍ୟ କର୍ପୋଟଦାର ସାଜି ଏହି ରାସ୍ତା ନବୀକରଣ ନାଁ ରେ ଅର୍ଥ ମଞ୍ଜୁର କରେଇ ଉକ୍ତ ଅର୍ଥକୁ ହଡପ କରିଥିବା ନେଇ ଅଭିଯୋଗ ହୋଇଛି।

# ପଞ୍ଚାୟତସ୍ତରୀୟ ମିଳିତ ଜନ ଶୁଣାଣି

ହିଞ୍ଜିଳିକାଟୁ,୧୭।୨ (ନି.ପ୍ର): ଜିଲ୍ଲା ପ୍ରଶାସନ, ଗଞ୍ଜାମ ଆନୁକୁଲ୍ୟରେ ସୋମବାର ହିଞ୍ଜିଳିକାଟୁ ବ୍ଲକ ଭାବନ୍ଧ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତସ୍ତରୀୟ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ହିଞ୍ଜିଳିକାଟୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶ୍ରୀ ସାଗରିକା ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ କାଳିଆ ଦାସ, ଅତିରିକ୍ତ ତହସିଲଦାର ସୁରଜ କୁମାର ନାୟକ ବେହେରା, ବେଲଗାଁ ଥାନା ଆଇଆଇସି ସ୍ମିତାଞ୍ଜଳି ପ୍ରଧାନ ଓ ଜିଲ୍ଲା ପରିଷଦ ସଭ୍ୟା ପ୍ରମୁଖ ଯୋଗ ଦେଇଥିଲେ। ସଂପୃକ୍ତ ପଞ୍ଚାୟତରେ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ କାରୀ ଯୋଜନାରୁ ବଞ୍ଚିତ ସରକାରୀ ସୁବିଧାରୁ ଉପେକ୍ଷିତ ହିତାଧିକାରୀ ବିଭାଗୀୟ ଅଧିକାରୀଙ୍କ ନିକଟରେ ବିଭିନ୍ନ ଯୋଜନାରୁ ଉପକୃତ ହେବା ପାଇଁ ଅଭିଯୋଗ କରିଥିଲେ। ଜନଶୁଣାଣି କାର୍ଯ୍ୟକ୍ରମରେ ରାସନ୍ କାର୍ଡ ୧୭ , ଗ୍ରାମୀଣ ଆବାସ ୩୫ , ସାମାଜିକ ସୁରକ୍ଷା ୧୮ , ଜମିଜମା ୦୪ , ମନରେଗା ୦୪, କୃଷି ୦୧ ,ଆଦି ଭିନ୍ନ ଭିନ୍ନ ଯୋଜନା ପାଇଁ ସମୁଦାୟ ୮୧ଟି ଅଭିଯୋଗ ଦାଖଲ ହୋଇଥିଲା ।

# ଜନଶୁଣାଣି: ୧୪୪ ଅଭିଯୋଗ ଗ୍ରହଣ, ୨୬ର ତତ୍କାଳ ସମାଧାନ

ଭଦ୍ରକ,୧୭।୨ (ନିପ୍ର); ଜିଲ୍ଲାପାଳ ଦିଲୀପ ରାଉତରା ଏଙ୍କ ଅଧ୍ୟକ୍ଷତା ରେବନ୍ତ ବ୍ଲକ ପଞ୍ଚାୟତ ସମିତି ଗୃହରେ ଆୟୋଜିତ ଜନସୁଣାଣି କାର୍ଯ୍ୟକ୍ରମରେ ସମୁଦାୟ ୧୪୪ଟି ଅଭିଯୋଗ ଗ୍ରହଣ କରାଯାଇଛି। ଏଥିମଧ୍ୟରୁ ୧୨୫ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ଥିବାବେଳେ ୧୬ଟି ଅଭିଯୋଗ ଗାଁ/ସାମୁଦାୟିକ ସମସ୍ୟା ସମ୍ପର୍କିତ ରହିଛି ।ଜନଶୁଣାଣିରେ ୨୬ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଏହାସହ ରେଡକ୍ରସ୍ ସହାୟତା ଅଧୀନରେ ୩ଟି ମାମଲାରେ ସହାୟତା ପ୍ରଦାନ କରାଯାଇଛି। ଜିଲ୍ଲା ରେଡକ୍ରସ୍ ଫଣ୍ଡରୁ ୨ଜଣଙ୍କ ପକ୍ଷରେ ପ୍ରତ୍ୟେକଙ୍କୁ ୮,୦୦୦ ଟଙ୍କା ଲେଖାଏଁ ସହାୟତା ମଞ୍ଜୁର କରାଯାଇଛି ।ଉକ୍ତ ଜନଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଏବଂ ଜିଲ୍ଲା ଏସ୍‌ପି ଉପସ୍ଥିତ ରହି ଉପସ୍ଥିତ ଥିବା ଲୋକମାନଙ୍କର ଅଭିଯୋଗ ଶୁଣି ତାହାର ତତ୍କାଳ ସମାଧାନ କରିବା ପାଇଁ ଚେଷ୍ଟା କରିଥିଲେ।

# ରାଉରକେଲା ପୋଲିସ ଦ୍ୱାରା ୫୦୨ କିଲୋଗ୍ରାମରୁ ଅଧିକ ଗଞ୍ଜେଇ ଜବତ

- ୬ ଅଭିଯୁକ୍ତ ଗିରଫ ସହ ୫ କାର୍, ୮ ମୋବାଇଲ ଓ ୨୩୦୦ ଟଙ୍କା ନଗଦ ଜବତ
- ଆନ୍ତଃରାଜ୍ୟ ଗଞ୍ଜେଇ ରାକେଟକୁ ନେଇ ରାଉରକେଲା ପୋଲିସର ବଡ଼ କାର୍ଯ୍ୟାନୁଷ୍ଠାନ





ରାଉରକେଲା,୧୭।୨ (ନିପ୍ର); ପ୍ଲାଣ୍ଟସାଇଟ୍ ଥାନାର ଏସ୍‌ଆଇ ଏସ୍ ପ୍ରଧାନ, ଥାନା କର୍ମଚାରୀଙ୍କ ସହିତ ପ୍ଲାଣ୍ଟସାଇଟ୍ ଥାନା ଅଧୀନସ୍ଥ ଅଞ୍ଚଳରେ ରାତି ପାଟ୍ରୋଲିଂ କରୁଥିବା ସମୟରେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ବନ୍ଧମୁଣ୍ଡା ରାସ୍ତାର ଫଟାପାଇପ୍ ନିକଟସ୍ଥ ଶିବଶଙ୍କର ନଗର ଠାରେ ଏକ ଏନଡିପିଏସ ମାମଲା ଚିହ୍ନଟ କରିଥିଲେ। ଅଭିଯୁକ୍ତ ଗୁଣନିଧି ଘୁସି, ସୁକାନ୍ତ ଓରାମ, ରାହୁଲ କୁମାର ସାହୁ, ନିଖିଲ ରାୟ, କୌଶିକ କୁମାର ପାଢୀ ଏବଂ ନିରଜ ସୋନକର ପାଞ୍ଚଟି ଗାଡ଼ିରେ ବେଆଇନ ଭାବରେ ୫୦୨ କିଲୋ ୪୦୦ ଗ୍ରାମ ଗଞ୍ଜେଇ ଚୋରା ଚାଲାଣ କରୁଥିଲେ। ସେହି ଗାଡିଗୁଡିକ ମଧ୍ୟରେ ଗୋଟିଏ ଧଳା ରଙ୍ଗର ମହିନ୍ଦ୍ରା ବୋଲେରୋ ନିଓ ଗାଡ଼ି , ଗୋଟିଏ ମାରୁତି ସୁଜୁକି ଡିଜାୟାର କାର୍ , ଗୋଟିଏ ସିଲଭର ରଙ୍ଗର ମାରୁତି ବ୍ରିଜା କାର୍ ଯେଉଁ ଗୁଡ଼ିକରେ ଗଞ୍ଜେଇ ଚୋରା ଚାଲାଣ କରୁଥିବା ଦେଖାଯାଇଥିଲା। ଅଭିଯୁକ୍ତମାନେ ସେମାନଙ୍କର ବ୍ୟକ୍ତିଗତ ଲାଭ ପାଇଁ ଏହି ସମସ୍ତ ଗଞ୍ଜେଇକୁ ବିକ୍ରୟ କରିବା ପାଇଁ ଚାଲାଣ କରୁଥିଲେ ବୋଲି ଆଜି ରାଉରକେଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ରାଉରକେଲା ଆରକ୍ଷୀ ଅଧୀକ୍ଷକ ନିତେଶ ୱାଧୱାନୀ ।ଅଭିଯୁକ୍ତମାନେ କନ୍ଧମାଳ-ବୌଦ୍ଧ ପାର୍ଶ୍ୱରୁ ଚୋରା ଗଞ୍ଜେଇ ସଂଗ୍ରହ କରୁଥିଲେ ଏବଂ ବିକ୍ରୟ ଉଦ୍ଦେଶ୍ୟରେ ଝାଡ଼ଖଣ୍ଡ, ଛତିଶଗଡ଼ ପାର୍ଶ୍ୱକୁ ଚାଲାଣ କରୁଥିଲେ ବୋଲି ପୋଲିସ୍ ପକ୍ଷରୁ ସୂଚନା ଦିଆଯାଇଛି । ଗଞ୍ଜେଇ ଚୋରା ଚାଲାଣ କରୁଥିବା ୬ ଅଭିଯୁକ୍ତଙ୍କ ମଧ୍ୟରେ ରହିଛନ୍ତି ଝାରସୁଗୁଡ଼ା ଜିଲ୍ଲା ଲଇକେରା ଥାନା ଅନ୍ତର୍ଗତ ଅରଦା ଜାମକାନିର ଗୁଣନିଧି ଘୁସି (୩୬ ବର୍ଷ), ସୁନ୍ଦରଗଡ ଜିଲ୍ଲା ବିଶ୍ରା ଥାନା ଅଧିନସ୍ଥ ବଡ ବିରାଙ୍ଗଝୋର ଗ୍ରାମର ସୁଖନାଥ ଓରାମ (୩୭ ବର୍ଷ), ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ଶିବ ମନ୍ଦିର ନିକଟର ରାହୁଲ କୁମାର ସାହୁ (୨୫ ବର୍ଷ), ପ୍ଲାଣ୍ଟସାଇଟ୍ ଥାନା ଅଧୀନସ୍ଥ ଡେଲି ମାର୍କେଟ ଜନତା ନିବାସ ଗଳିର ନିଖିଲ ରାୟ (୨୩ ବର୍ଷ), ଝାରସୁଗୁଡ଼ା ଜିଲ୍ଲା ଲଇକେରା ଥାନା ଝରିଆବାହାଲ ଗ୍ରାମର କୌଶିକ ପାଢୀ ଓରଫ୍ ରାଜା (୩୧ ବର୍ଷ) ହୋଇଥିଲା ବେଳେ ସେ ବର୍ତ୍ତମାନ ଝାରସୁଗୁଡ଼ା ଟାଉନ ଥାନା ଅଧିନସ୍ଥ ସରବାହାଲରେ ରହୁଥିବା ଜଣାପଡ଼ିଛି।

ସେହିପରି ଷଷ୍ଠ ଅଭିଯୁକ୍ତ ହେଲେ ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ଡିଲକ୍ସ ଗଳି ଶିବ ମନ୍ଦିର ନିକଟର ନୀରଜ ସୋନକାର ହୋଇଥିଲା ବେଳେ ବର୍ତ୍ତମାନ ସେ ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ଅଧୀନସ୍ଥ ସେକ୍ଟର-୨୧ ନୟାବଜାର କଲ୍ୟାଣୀ ବସ୍ତିରେ ରହୁଥିବା ଜଣାପଡ଼ିଛି। ସମସ୍ତ ଅଭିଯୁକ୍ତଙ୍କ ନିକଟରୁ ୫୦୨ କେଜି ୪୦୦ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ସେହିପରି ୫ଟି କାର୍ ମଧ୍ୟରେ ରହିଛି ଗୋଟିଏ ମହିନ୍ଦ୍ରା ଧଳା ରଙ୍ଗର ନିଓ, ୩ଟି ମାରୁତି ସୁଜୁକି ଡିଜାୟାର ଏବଂ ଗୋଟିଏ ସିଲଭର କଲର ମାରୁତି ବ୍ରେଜା।

ଏଥିସହିତ ୮ଟି ବିଭିନ୍ନ କମ୍ପାନୀର ମୋବାଇଲ ଫୋନ ଓ ନଗଦ ୨୩୦୦ ଟଙ୍କା ମଧ୍ୟ ଜବତ କରାଯାଇଛି । ଅଭିଯୁକ୍ତ ନୀରଜ ସୋନକାର ବିରୁଦ୍ଧରେ ପୂର୍ବରୁ ପ୍ଲାଣ୍ଟସାଇଟ୍ ଥାନାରେ ଦୁଇଟି ମାମଲା ରହିଥିଲା ବେଳେ ଅଭିଯୁକ୍ତ ନିଖିଲ ରାୟ ବିରୁଦ୍ଧରେ ବନ୍ଧମୁଣ୍ଡା ଥାନାରେ ଗୋଟିଏ ମାମଲା ରହିଛି। ଅନ୍ୟମାନଙ୍କ ବିରୋଧରେ ଅନୁସନ୍ଧାନ ଜାରି ରହିଛି ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।


ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କୁ ମୁମ୍ବାଇ ବିମାନବନ୍ଦରରେ ମହାରାଷ୍ଟ୍ର ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ ଏବଂ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ସ୍ୱାଗତ କରିଛନ୍ତି ।

### 'ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ - ୨୦୨୬'

# ଭାରତକୁ ଜ୍ଞାନର ମହାଶକ୍ତି କରିବ ଏଆଇ : ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ, ୧୭।୨ (ପିଆଇବି): ଭାରତ ଆଜି ବିଶ୍ୱର ଏକ ପ୍ରମୁଖ ବୈଷୟିକ ଶକ୍ତି ଭାବେ ଉଭା ହେଉଥିବା ବେଳେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଏହି ଯାତ୍ରାରେ ଏକ ନୂତନ ଅଧ୍ୟାୟ ଯୋଡ଼ିବାକୁ ଯାଉଛି ବୋଲି ମଙ୍ଗଳବାର ନୂଆଦିଲ୍ଲୀରେ 'ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬'ରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଦିଲ୍ଲୀର ଭାରତ ମଣ୍ଡପମ୍ ଠାରେ 'ପୁସିଂ ଦ ଫ୍ରଣ୍ଟିୟର୍ ଅଫ୍ ଏଆଇ ଇନ୍ ଇଣ୍ଡିଆ' ଶୀର୍ଷକ ସ୍ୱତନ୍ତ୍ର ଅଧିବେଶନକୁ ସମ୍ବୋଧିତ କରି ଶ୍ରୀ ପ୍ରଧାନ ଏହା କହିଛନ୍ତି । ସେ କହିଛନ୍ତି ଯେ ଏହି ସମ୍ମିଳନୀ ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏକ ଦୂରଦର୍ଶୀ ପଦକ୍ଷେପ, ଯାହା ଭାରତରେ ଏଆଇର ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ



ରଖିଛି । ସମଗ୍ର ବିଶ୍ୱ ଆଜି ଭାରତର ଦ୍ରୁତ ଏଆଇର ବ୍ୟବହାରକୁ ଲକ୍ଷ୍ୟ କରୁଛି । ୨୦୪୭ ସୁଦ୍ଧା ଏକ 'ବିକଶିତ ଭାରତ' ଗଠନ କରିବା ଏବଂ ଭାରତକୁ ବିଶ୍ୱର ଜ୍ଞାନର ମହାଶକ୍ତି ଭାବେ ପ୍ରତିଷ୍ଠିତ କରିବାରେ ଏଆଇ ପ୍ରମୁଖ ଭୂମିକା ଗ୍ରହଣ କରିବ। ମନ୍ତ୍ରୀଙ୍କ ସୂଚନାନୁସାରେ, ଶିକ୍ଷା କ୍ଷେତ୍ରରେ ଏଆଇର ବ୍ୟବହାର ଏବଂ ଏଆଇ ସମ୍ପର୍କିତ ଶିକ୍ଷା ପରସ୍ପର ପରିପୂରକ । ଆଜିର ଯୁବପିଢ଼ି ପୂର୍ବ ପିଢ଼ିଙ୍କ ତୁଳନାରେ ସମ୍ପୂର୍ଣ୍ଣ ଭିନ୍ନ ଓ ଅଭିନବ ଚିନ୍ତାଧାରା ରଖୁଛନ୍ତି । କେନ୍ଦ୍ର ମନ୍ତ୍ରୀ ଦେଶର ଯୁବବର୍ଗଙ୍କୁ ଏଆଇ ମାଧ୍ୟମରେ ଶିକ୍ଷିତ ହେବା ସହ ତାକୁ ଆପଣାଇବା ପାଇଁ ପରାମର୍ଶ ଦେଇଛନ୍ତି । ଏହା ସହ ନିଜେ ନିଜେ ସଶକ୍ତ ହେବା ସହ କିଛି ନୂତନତ୍ୱ ସୃଷ୍ଟି କରିବାକୁ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି ଯେ, ଭାରତୀୟ ଯୁବପିଢ଼ିଙ୍କ ନିଆରା ପ୍ରୟାସ ହିଁ ବିଶ୍ୱ ଏଆଇ ମାନଚିତ୍ରରେ ଭାରତକୁ ଏକ ଅପ୍ରତିଦ୍ୱନ୍ଦ୍ୱୀ ଶକ୍ତି ଭାବେ ଉଭା କରିବ । ଜାତୀୟ ଶିକ୍ଷା ନୀତି ୨୦୨୦ ର ଦୂରଦୃଷ୍ଟି ଏବଂ 'ବିକଶିତ ଭାରତ ୨୦୪୭' ର ଜାତୀୟ ଲକ୍ଷ୍ୟ ସହିତ ସମାନତା ରକ୍ଷା କରି ସମଗ୍ର ଶିକ୍ଷା ବ୍ୟବସ୍ଥାରେ ଏଆଇକୁ ଏକୀକୃତ କରିବା ପାଇଁ ମନ୍ତ୍ରଣାଳୟର ଏହା ଏକ ପ୍ରୟାସ । ଗତ ଏକ ଦଶନ୍ଧି ମଧ୍ୟରେ, ଶିକ୍ଷା ମନ୍ତ୍ରଣାଳୟ ଜାତୀୟ ଡିଜିଟାଲ୍ ପ୍ଲାଟଫର୍ମ, ନୀତିଗତ ଢାଞ୍ଚା, ସାଂସ୍ଥାନିକ ସଂସ୍କାର ଏବଂ ବିଦ୍ୟାଳୟ ଶିକ୍ଷା, ଉଚ୍ଚଶିକ୍ଷା, ଦକ୍ଷତା ଏବଂ ଅତ୍ୟାଧୁନିକ ଅନୁସନ୍ଧାନ ଓ ନବସୃଜନ କ୍ଷେତ୍ରରେ ଏଆଇ- ସମର୍ଥ ଶିକ୍ଷା ପାଇଁ ଭିତ୍ତିଭୂମି ପ୍ରସ୍ତୁତ କରିଛି ।

### ଜାମ୍ମୁ କାଶ୍ମୀରରେ ହାଇ ଆଲର୍ଟ

# ଦାଢ଼ି କାଟି ଛଦ୍ମବେଶରେ ଜୈଶ କମାଣ୍ଡର




ନୂଆଦିଲ୍ଲୀ, ୧୭।୨: ସୁରକ୍ଷା ଏଜେନ୍ସିଗୁଡ଼ିକ ଦ୍ୱାରା ପ୍ରାପ୍ତ ସୂଚନା ଅନୁଯାୟୀ, ଜୈଶ-ଏ-ମହମ୍ମଦ ସଦସ୍ୟଙ୍କ ଏକ ଗୋଷ୍ଠୀ ଅନ୍ତର୍ଜାତୀୟ ସୀମା ପାର କରି ସଫଳତାର ସହ ଭାରତରେ ଅନୁପ୍ରବେଶ କରିଛନ୍ତି। ଏନେଇ ଜାମ୍ମୁ କାଶ୍ମୀରରେ ହାଇ ଆଲର୍ଟ ଜାରି ହୋଇଛି। ମଙ୍ଗଳବାର ସକାଳେ କଠୁଆ ଓ ସାମ୍ବା ଜିଲ୍ଲାରେ ସୁରକ୍ଷା ବାହିନୀଙ୍କୁ ମୁତୟନ କରାଯାଇଛି । ସୁରକ୍ଷା ବାହିନୀ ଏହି ଆତଙ୍କବାଦୀଙ୍କ ପରିବର୍ତ୍ତିତ ରୂପ ବିଷୟରେ ବିଶେଷ ସତର୍କ ଅଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କୁ ଚିହ୍ନଟ କରିବାରେ ସାହାଯ୍ୟ କରିବା ପାଇଁ ସାର୍ବଜନୀନ ସ୍ଥାନରେ ଆତଙ୍କବାଦୀଙ୍କ ଫଟୋ ଥିବା ପୋଷ୍ଟର ଲଗାଯାଇଛି। ସୁରକ୍ଷା ଏଜେନ୍ସିଗୁଡ଼ିକ ସ୍ଥାନୀୟ ବାସିନ୍ଦାଙ୍କୁ ଯେକୌଣସି ସନ୍ଦେହଜନକ କାର୍ଯ୍ୟକଳାପ ବିଷୟରେ ତୁରନ୍ତ ପୁଲିସକୁ ରିପୋର୍ଟ କରିବାକୁ ଅପିଲ୍ କରିଛନ୍ତି। ସତର୍କତାର କେନ୍ଦ୍ରରେ ଅଛି ଜୈଶ କମାଣ୍ଡର ସୈଫୁଲ୍ଲା ବଲୋଚ୍। ସୁରକ୍ଷା ବାହିନୀ ପାଖରେ ଇନପୁଟ୍ ଅଛି ଯେ, ବଲୋଚ୍ ନିଜର ପରିଚୟ ଲୁଚାଇବା ପାଇଁ ଯେକୌଣସି ପଦକ୍ଷେପ ଗ୍ରହଣ କରିପାରିବ। ଗୁଇନ୍ଦା ସୂଚନା ଅନୁଯାୟୀ ସୁରକ୍ଷା ନଜରରୁ ବଞ୍ଚିବା ପାଇଁ ବଲୋଚ୍ ନିଜ ଦାଢ଼ି କାଟି ଥାଇପାରେ । ଡୋଡା ପୁଲିସ ଏବଂ ଅନ୍ୟାନ୍ୟ ଏଜେନ୍ସିଗୁଡ଼ିକ ଦ୍ୱାରା ପ୍ରକାଶିତ ପୋଷ୍ଟରରେ ବଲୋଚର ଦୁଇଟି ଫଟୋ ଦେଖାଯାଇଛି। ଗୋଟିଏ ଦାଢ଼ି ସହିତ ଏବଂ ଅନ୍ୟଟି ବିନା ଦାଢ଼ିର ଫଟୋ ରହିଛି। ଏହି ରଣନୀତି ଏପରି ଭାବରେ ପ୍ରସ୍ତୁତ କରାଯାଉଛି, ପରିବର୍ତ୍ତିତ ରୂପ ସତ୍ତ୍ୱେ ତାକୁ ସାର୍ବଜନୀନ ସ୍ଥାନରେ ଚିହ୍ନଟ କରାଯାଇପାରିବ । ଅନ୍ତର୍ଜାତୀୟ ସୀମାରେ ସୁରକ୍ଷା ବ୍ୟବସ୍ଥା ଯଥେଷ୍ଟ ବୃଦ୍ଧି କରାଯାଇଛି। ଡ୍ରୋନ୍ ଓ ଅନ୍ୟାନ୍ୟ ଆକାଶ ମାର୍ଗ ଯନ୍ତ୍ରପାତି ଦ୍ୱାରା ସମ୍ବେଦନଶୀଳ ଅଞ୍ଚଳ ତଥା ସୀମାନ୍ତ ଗ୍ରାମଗୁଡ଼ିକ ଉପରେ ନଜର ରଖାଯାଉଛି। ବିଶେଷକରି ଅନୁପ୍ରବେଶ ପ୍ରବଣ ରାସ୍ତାଗୁଡ଼ିକରେ ପାଦଚଲା ପାଟ୍ରୋଲିଂକୁ ଜୋରଦାର କରାଯାଇଛି। ଆତଙ୍କବାଦୀମାନେ ଯେପରି ସ୍ଥାନୀୟ ସମର୍ଥନ ନ ପାଆନ୍ତି ତଥା ସେମାନଙ୍କ ଆକ୍ରମଣ ଯୋଜନାକୁ ପଣ୍ଡ କରିବା ପାଇଁ ସୁରକ୍ଷା ଏଜେନ୍ସିଗୁଡ଼ିକ ସୀମାନ୍ତ ଗ୍ରାମଗୁଡ଼ିକରେ ସତର୍କତା ବୃଦ୍ଧି କରି ସଜାଗ ରହିଛନ୍ତି।

## ପ୍ରତ୍ୟୁଷା ମାମଲା: ସିଦ୍ଧାର୍ଥ ରେଡ୍ଡୀଙ୍କୁ ୪ ସପ୍ତାହ ମଧ୍ୟରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ



ନୂଆଦିଲ୍ଲୀ, ୧୭।୨: ତେଲୁଗୁ ଅଭିନେତ୍ରୀ ପ୍ରତ୍ୟୁଷାଙ୍କ ମୃତ୍ୟୁର ୨୪ ବର୍ଷ ପରେ, ସୁପ୍ରିମକୋର୍ଟ ଏହି ହାଇ-ପ୍ରୋଫାଇଲ୍ ମାମଲାରେ ତାଙ୍କର ଚୂଡ଼ାନ୍ତ ରାୟ ଦେଇଛନ୍ତି। କୋର୍ଟ ଗୁଡିପାଲି ସିଦ୍ଧାର୍ଥ ରେଡ୍ଡୀଙ୍କ ଦୋଷକୁ କାଏମ ରଖିଛନ୍ତି। ଚାରି ସପ୍ତାହ ମଧ୍ୟରେ ତାଙ୍କୁ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଚାରପତି ରାଜେଶ ବିନ୍ଦଲ ଓ ମନମୋହନଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ମାମଲାରେ ଦୁଷ୍କର୍ମ କରାଯାଇଥିବାର ଅପରାଧ ପ୍ରମାଣିତ ହୋଇନାହିଁ। ଏହା ମଧ୍ୟ କୁହାଯାଇଛି, ବିଷପାନର ସତ୍ୟତା ଜଣାପଡ଼ିଛି। ନିଜ ଜୀବନ ନେବା ମଧ୍ୟ ମଧ୍ୟ ଏକ ଦଣ୍ଡନୀୟ ଅପରାଧ ବୋଲି କୋର୍ଟ କହିଛନ୍ତି । କୋର୍ଟ ରେଡ୍ଡୀଙ୍କ ଦୋଷମୁକ୍ତ କରିବା ପାଇଁ କରାଯାଇଥିବା ଆବେଦନ ଓ ଅଭିନେତ୍ରୀଙ୍କ ମାଆ ସରୋଜିନୀ ଦେବୀଙ୍କ ଦ୍ୱାରା ଦାୟର ଆବେଦନକୁ ମଧ୍ୟ ଖାରଜ କରିଦେଇଛନ୍ତି। ସେ ଏହି ଘଟଣାକୁ ହତ୍ୟା ବୋଲି ବର୍ଣ୍ଣନା କରିଥିଲେ ଓ କଠୋର ଦଣ୍ଡ ଦାବି କରିଥିଲେ। ଏହି ମାମଲା ୨୦୦୨ ମସିହା ଫେବ୍ରୁଆରି ୨୪ରେ ଘଟିଥିଲା। ୨୨ ବର୍ଷ ବୟସ୍କା ପ୍ରତ୍ୟୁଷା ତାଙ୍କ ପ୍ରେମିକ ସିଦ୍ଧାର୍ଥ ରେଡ୍ଡୀଙ୍କ ସହ ମିଶି କୀଟନାଶକ ପିଇ ଦେଇଥିଲେ ବୋଲି ଅଭିଯୋଗ ହୋଇଥିଲା। ହସ୍ପିଟାଲକୁ ଯିବା ବାଟରେ ପ୍ରତ୍ୟୁଷାଙ୍କ ମୃତ୍ୟୁ ହୋଇଥିଲା। ସିଦ୍ଧାର୍ଥ ରେଡ୍ଡୀ ବଞ୍ଚି ଯାଇଥିଲେ। ଘଟଣାଟି ଆତ୍ମହତ୍ୟା କି ପୂର୍ବ ଯୋଜନାବଦ୍ଧ ହତ୍ୟା ସେ ନେଇ ବିବାଦ ଜାରି ରହିଥିଲା । ତଦନ୍ତ ପରେ, ସିବିଆଇ ରେଡ୍ଡୀଙ୍କ ବିରୋଧରେ ଭାରତୀୟ ଦଣ୍ଡ ସଂହିତାର ଧାରା ୩୦୬ (ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା) ଅନୁଯାୟୀ ଏକ ମାମଲା ରୁଜୁ କରିଥିଲା। ୨୦୦୪ ମସିହାରେ, ଟ୍ରାଏଲ୍ କୋର୍ଟ ତାଙ୍କୁ ପାଞ୍ଚ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଥିଲେ। ପରେ, ୨୦୧୧ ମସିହାରେ, ହାଇକୋର୍ଟ ଦଣ୍ଡକୁ ଦୁଇ ବର୍ଷକୁ ହ୍ରାସ କରିଥିଲେ ଏବଂ ୫୦ ହଜାର ଟଙ୍କାର ଜରିମାନା କରିଥିଲେ । ରେଡ୍ଡୀ ସୁପ୍ରିମକୋର୍ଟରେ ଦୋଷମୁକ୍ତ ପାଇଁ ଆବେଦନ କରିଥିଲେ। ଅପରପକ୍ଷରେ ପ୍ରତ୍ୟୁଷାଙ୍କ ମାଆ କଠୋର ଦଣ୍ଡ ପାଇଁ ଏକ ଆବେଦନ ଦାୟର କରିଥିଲେ। ମାମଲା ନଭେମ୍ବର ୨୦୨୫ ରେ ଶେଷ ହୋଇଥିଲା ଏବଂ କୋର୍ଟ ଫେବ୍ରୁଆରି ୨୦୨୬ ରେ ଚୂଡ଼ାନ୍ତ ରାୟ ପ୍ରଦାନ କରିଛନ୍ତି ।

## କର୍ଣ୍ଣାଟକ ହାଇକୋର୍ଟରୁ ରାହୁଲ ଗାନ୍ଧିଙ୍କୁ ଆଶ୍ୱସ୍ତି

ବେଙ୍ଗାଲୁରୁ ୧୭।୨: ରାହୁଲ ଗାନ୍ଧିଙ୍କ ବିରୋଧରେ ଦାୟର ଅପରାଧିକ ମାନହାନୀ ଆବେଦନ ମଙ୍ଗଳବାର କର୍ଣ୍ଣାଟକ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଏହି ପିଟିସନ ବିଜେପି ପକ୍ଷରୁ ରୁଜୁ ହୋଇଥିଲା। ଏଥିରେ କଂଗ୍ରେସ ଦ୍ୱାରା ବିଧାନସଭା ନିର୍ବାଚନ କାଳରେ ପ୍ରକାଶିତ 'ଭ୍ରଷ୍ଟାଚାର ରେଟ କାର୍ଡ' ବିଜ୍ଞାପନ ମାଧ୍ୟମରେ ବିଜେପି ବିରୋଧରେ ଅପପ୍ରଚାର କରାଯାଇଥିଲା ବୋଲି ଅଭିଯୋଗ ହୋଇଥିଲା। ତେବେ ଜଷ୍ଟିସ୍ ସୁନିଲ ଦତ୍ତଙ୍କ ଅଧକ୍ଷତାରେ ଗଠିତ ପୀଠ କହିଛନ୍ତି ଯେ ଏହି ପିଟିସନ ଉପରେ ପରବର୍ତ୍ତି ଶୁଣାଣି କଲେ ଏହା ଆଇନ ପ୍ରକ୍ରିୟାର ଦୁରୁପଯୋଗ ହେବ। ଏଣୁ କୋର୍ଟ ରାହୁଲ ଗାନ୍ଧିଙ୍କ ସମ୍ପର୍କିତ ଅପରାଧିକ କାର୍ଯ୍ୟାନୁଷ୍ଠାନକୁ ଖାରଜ କରି ଦେଇଛନ୍ତି। ଏହି ମାନହାନୀ ମୋକଦ୍ଦମା ବିଜେପି ନେତା କେଶବ ପ୍ରସାଦଙ୍କ ଅଭିଯୋଗ ଆଧାରରେ ରୁଜୁ ହୋଇଥିଲା। ଏଥିରେ ଭାରତୀୟ ଜାତୀୟ କଂଗ୍ରେସ ନେତା ରାହୁଲ ଗାନ୍ଧି, ମୁଖ୍ୟମନ୍ତ୍ରୀ ସିଦ୍ଧାରମୈୟା ଓ ଉପମୁଖ୍ୟମନ୍ତ୍ରୀ ଡି.କେ ଶିବକୁମାରଙ୍କ ଉପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇଙ୍କ ନେତୃତ୍ୱାଧୀନ ବିଜେପି ସରକାର ବିରୋଧରେ ମିଥ୍ୟାବିଜ୍ଞାପନ ପ୍ରକାଶିତ କରିଥିବାର ଅଭିଯୋଗ କରାଯାଇଥିଲା ।ଅଭିଯୋଗରେ କୁହାଯାଇଥିଲା ଯେ ୫ ମେ ୨୦୨୩ରେ ରାଜ୍ୟର ପ୍ରମୁଖ ସମ୍ବାଦପତ୍ରରେ ଛପାଯାଇଥିବା ପୁରା ପୃଷ୍ଠା ବିଜ୍ଞାପନରେ ବିଜେପି ଉପରେ '୪୦% କମିସନ' ନେବା ଭଳି ନିରାଧାର ଅଭିଯୋଗ କରାଯାଇଥିଲା।

## ତାରିକ୍ ରହମାନଙ୍କୁ ଦିଲ୍ଲୀ ଆସିବାକୁ ପିଏମ୍ ମୋଦିଙ୍କ ନିମନ୍ତ୍ରଣ



ନୂଆଦିଲ୍ଲୀ, ୧୭।୨: ବାଂଲାଦେଶର ନୂତନ ପ୍ରଧାନମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଛନ୍ତି ତାରିକ୍ ରହମାନ। ଏହି ଅବସରରେ ଭାରତ ପକ୍ଷରୁ ଲୋକସଭା ଅଧକ୍ଷ ଓମ୍ ବିର୍ଲା ଉପସ୍ଥିତ ଥିଲେ। ମଙ୍ଗଳବାର ନବ ନିର୍ବାଚିତ ବାଂଲାଦେଶ ପ୍ରଧାନମନ୍ତ୍ରୀ ତାରିକ ରହମାନଙ୍କୁ ଭେଟି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବ୍ୟକ୍ତିଗତ ଅଭିନନ୍ଦନ ପତ୍ର ପ୍ରଦାନ କରିଛନ୍ତି। ଭାରତ ସରକାରଙ୍କ ପକ୍ଷରୁ ବୈଦେଶିକ ସଚିବ ବିକ୍ରମ ମିଶ୍ରଙ୍କ ସହିତ ଓମ୍ ବିର୍ଲା ରହମାନଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେଇଥିଲେ। ଏହି ସମୟରେ ବିର୍ଲା ମାଳଦ୍ୱୀପର ରାଷ୍ଟ୍ରପତି, ଭୁଟାନର ପ୍ରଧାନମନ୍ତ୍ରୀ ଏବଂ ଅନ୍ୟାନ୍ୟ ନେତାଙ୍କ ସହ ମଧ୍ୟ ସାକ୍ଷାତ କରିଥିଲେ। ଲୋକସଭା ଅଧକ୍ଷ ଇନଷ୍ଟାଗ୍ରାମରେ ପୋଷ୍ଟ କରିଛନ୍ତି ଯେ, ବାଂଲାଦେଶ ପ୍ରଧାନମନ୍ତ୍ରୀ ତାରିକ ରହମାନଙ୍କ ସହ ମୋର ଏକ ଫଳପ୍ରଦ ସାକ୍ଷାତ ହୋଇଥିଲା। ମୁଁ ପ୍ରଧାନମନ୍ତ୍ରୀ ମୋଦିଙ୍କ ଏକ ବ୍ୟକ୍ତିଗତ ଚିଠି ତାଙ୍କୁ ପ୍ରଦାନ କରିଛ।

### ବିଶ୍ୱର ୪୦% ତେଲ ଟ୍ୟାଙ୍କର ଗତିବିଧି ଉପରେ ନଜର ରଖିପାରିବ ଭାରତ

## ଗ୍ରେଟ୍ ନିକୋବାର ପ୍ରୋଜେକ୍ଟକୁ ଏନଜିଟିର ଗ୍ରୀନ୍ ସିଗନାଲ

ନୂଆଦିଲ୍ଲୀ, ୧୭।୨: ନ୍ୟାସନାଲ ଗ୍ରୀନ୍ ଟ୍ରିବ୍ୟୁନାଲ ବା ଏନଜିଟି କେନ୍ଦ୍ରର ୯୦ ହଜାର କୋଟିରୁ ଅଧିକ ମୂଲ୍ୟର ଗ୍ରେଟ୍ ନିକୋବର ମେଗା ଇନଫ୍ରାଷ୍ଟ୍ରକ୍ଚର ପ୍ରୋଜେକ୍ଟକୁ ମଞ୍ଜୁରୀ ଦେଇଛି। ଏନଜିଟି ଏହାର ରଣନୈତିକ ଗୁରୁତ୍ୱ ଦର୍ଶାଇଏହି ପ୍ରୋଜେକ୍ଟକୁ ଚ୍ୟାଲେଞ୍ଜ କରୁଥିବା ସମସ୍ତ ଆବେଦନକୁ ମଧ୍ୟ ଖାରଜ କରିଦେଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବିଶ୍ୱର ୪୦% ତେଲ ଟ୍ୟାଙ୍କର୍ ଗ୍ରେଟ୍ ନିକୋବରର ଭାରତ ମହାସାଗର ଅଞ୍ଚଳ ଦେଇ ଯାଆନ୍ତି। ଯାହା ଉପରେ ଏବେ ନଜର ରଖିପାରିବ ଭାରତ। ଏନଜିଟି ମୁଖ୍ୟ ଜଷ୍ଟିସ୍ ପ୍ରକାଶ ଶ୍ରୀବାସ୍ତବଙ୍କ ଖଣ୍ଡପୀଠ ୨୦୨୨ରେ ଏହି ପ୍ରୋଜେକ୍ଟକୁ ମଞ୍ଜୁରୀ ଦେବା ପାଇଁ ପରିବେଶ ମନ୍ତ୍ରଣାଳୟର ନିଷ୍ପତ୍ତିକୁ ବଜାୟ ରଖିଥିଲେ। ଏନଟି ଏହା ମଧ୍ୟ କହିଥିଲେ ଯେ, ଏହି ପ୍ରୋଜେକ୍ଟ ସହ ପର୍ଯ୍ୟାପ୍ତ ସେଫ୍ ଗାର୍ଡସ୍ ଗ୍ରହଣ କରାଯାଉ। ଏଥିରେ ହସ୍ତକ୍ଷେପ କରିବାର ଆଉ କୌଣସି ଭଲ ଆଧାର ହୋଇପାରିବନି। ଏନଜିଟି ଏହା ମଧ୍ୟ କହିଛି ଯେ ଏହି ପ୍ରକଳ୍ପ ସମ୍ପର୍କରେ ଯେକୌଣସି ଚିନ୍ତା ଥିଲା, ତାହା ୨୦୨୩ ରେ ଏକ ଉଚ୍ଚସ୍ତରୀୟ କମିଟି ଦ୍ୱାରା ସମୀକ୍ଷା କରାଯାଇଥିଲା। ସେ ମଧ୍ୟ ସବୁଜ ସଙ୍କେତ ଦେଇଥିଲା। ତଥାପି, ଏନଜିଟି ସରକାରଙ୍କୁ ଏହି ପ୍ରକଳ୍ପର ସର୍ତ୍ତାବଳୀକୁ କଡ଼ାକଡ଼ି ପାଳନ କରିବାକୁ କହିଛି। ଗ୍ରେଟ୍ ନିକୋବର ପ୍ରକଳ୍ପ ଗାଲାଥିଆ ଉପସାଗରୀୟ ଅଞ୍ଚଳ ନିକଟରେ ଅବସ୍ଥିତ। ଏଥିରେ ବେସାମରିକ ଏବଂ ସାମରିକ ଉଭୟର ବ୍ୟବହାର ପାଇଁ ଏକ ରଣନୈତିକ ବିମାନବନ୍ଦର ରହିଛି। ସେଠାରେ ଏକ ସମନ୍ୱିତ ସହର ନିର୍ମାଣ କରାଯିବ, ଯାହାକି ପ୍ରାୟ ୧୬୬ ବର୍ଗ କିଲୋମିଟର ପର୍ଯ୍ୟନ୍ତ ବ୍ୟାପୀ ରହିଛି। ଏହା ବଙ୍ଗୋପସାଗରରୁ ଭାରତ ମହାସାଗର ପର୍ଯ୍ୟନ୍ତ ଏକ ଅଞ୍ଚଳକୁ ଘେରି ରହିଛି। ଏହି ପ୍ରୋଜେକ୍ଟ ରଣନୈତିକ ଭାବରେ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଜାତୀୟ ସୁରକ୍ଷା ପାଇଁ ଭାରତ ମହାସାଗରରେ ଏହାର ଅବସ୍ଥିତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପୂର୍ବରୁ ପଶ୍ଚିମକୁ ଯାତ୍ରା କରୁଥିବା ଜାହାଜଗୁଡ଼ିକ ଏହା ଦେଇ ଯାତାୟାତ କରନ୍ତି। ଏହା ଶ୍ରୀଲଙ୍କାର ରାଜଧାନୀ କଲମ୍ବୋ, ମାଲେସିଆର ପୋର୍ଟ କ୍ଲାଙ୍ଗ ବନ୍ଦର ଏବଂ ସିଙ୍ଗାପୁରରୁ ସମାନ ଦୂରତାରେ ଅବସ୍ଥିତ। ଏହି ପ୍ରୋଜେକ୍ଟ ଦୁନିଆର ସବୁଠାରୁ ବ୍ୟସ୍ତତମ କାରବାର ରୁଟ୍ ଭିତରୁ ଏକ ମଲ୍ଲକା ଉପସାଗରୀୟ ଅଞ୍ଚଳଠାରୁ ମାତ୍ର ୧୬୦ କିଲୋମିଟର ଦୂରରେ ରହିଛି। ଦୁନିଆର ପ୍ରାୟ ୪୦% ତେଲ ଏହି ଅଞ୍ଚଳ ଦେଇଯାଇଥାଏ।

## ନୂଆଦିଲ୍ଲୀ-ଚେନ୍ନାଇ ଏକ୍ସପ୍ରେସର ସ୍ଲିପର କୋଚରେ ଅଗ୍ନିକାଣ୍ଡ

ନୂଆଦିଲ୍ଲୀ, ୧୭।୨: ମଙ୍ଗଳବାର ଅପରାହ୍ନରେ ନୂଆଦିଲ୍ଲୀରୁ ଚେନ୍ନାଇ ଯାଉଥିବା ଟ୍ରେନ୍ ନମ୍ବର ୧୨୬୧୬ର ଏକ ସ୍ଲିପର୍ କୋଚ୍‌ରେ ଅଗ୍ନିକାଣ୍ଡ ଘଟିଛି। କେନ୍ଦ୍ରୀୟ ରେଳବାଇର ନାଗପୁର ଡିଭିଜନର ସିନ୍ଧି ଏବଂ ତୁଳଜାପୁର ଷ୍ଟେସନ୍ ମଧ୍ୟରେ ଏହି ଘଟଣା ଘଟିଛି। ରିପୋର୍ଟ ଅନୁସାରେ, ଟ୍ରେନ୍ ଚାଲୁଥିବା ସମୟରେ ଏସଏଲଆର କୋଚ୍‌ରୁ ଧୂଆଁ ବାହାରୁଥିବା ଦେଖାଯାଇଥିଲା। ଧୂଆଁ ଦେଖିବା ପରେ, ସୁରକ୍ଷା ଦୃଷ୍ଟିରୁ ଟ୍ରେନ୍‌କୁ ତୁରନ୍ତ ଅଟକାଇ ଦିଆଯାଇଥିଲା। ଯାତ୍ରୀମାନଙ୍କୁ ସୁରକ୍ଷିତ ରଖାଯାଇଛି, ଏବଂ କେହି ଆହତ ହୋଇ ନାହାଁନ୍ତି।

## ଜଳ ସଂକ୍ରମଣ: ୧୨ ମୃତ

ହରିୟାଣା, ୧୭।୨: ହରିୟାଣାର ପାଲୱାଲ ଜିଲ୍ଲା ଛାୟାଂଶା ଗ୍ରାମରେ ହେପାଟାଇସ ବି କାରଣରୁ ୧୨ଜଣଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକଙ୍କ ମଧ୍ୟରେ ୫ଜଣ ଶିଶୁ ଥିବା କୁହାଯାଇଛି। ପରିସ୍ଥିତି ନିୟନ୍ତ୍ରଣ ଥିବା ପାଲୱାଲ ଡେପୁଟି କମିଶନର ଏଚ୍ କେ ବଶିଷ୍ଠ୍ୟ କହିଛନ୍ତି।

### ଟ୍ରମ୍ପଙ୍କୁ ଧମକ ଦେଲେ ଖାମେନେଇ

# ଆମେରିକାର ଯୁଦ୍ଧ ଜାହାଜକୁ ଆମେ ବୁଡ଼ାଇ ଦେଇ ପାରିବୁ

ନୂଆଦିଲ୍ଲୀ, ୧୭।୨: ଆମେରିକା ଓ ଇରାନ ମଧ୍ୟରେ ଦୀର୍ଘ ଦିନରୁ ଲାଗି ରହିଥିବା ଉତ୍ତେଜନା ଶୀର୍ଷ ସ୍ତରରେ ପହଞ୍ଚିଛି। ମଙ୍ଗଳବାର ଇରାନର ସୁପ୍ରିମ ଲିଡର ଅୟାତୁଲ୍ଲା ଅଲୀ ଖାମନେଇ ଡୋନାଲ୍ଡ ଟ୍ରମ୍ପଙ୍କୁ ଚେତାବନୀ ଦେଇଛନ୍ତି। କହିଛନ୍ତି - ସାଗରରେ ମୁତୟନ ଥିବା ଆମେରିକାର ଯୁଦ୍ଧ ଜାହାଜକୁ ଆମେ ବୁଡ଼ାଇ ଦେଇ ପାରିବୁ। ଦୁଇ ଦେଶ ମଧ୍ୟରେ ନ୍ୟୁକ୍ଲିୟର ଆଲୋଚନା ମଧ୍ୟ ଆରମ୍ଭ ହୋଇଯାଇଛି। ଖାମେନେଇ ଏକ ଭାଷଣରେ କହିଥିଲେ ଆମେ ଲଗାତାର ଶୁଣିବାକୁ ପାଉଛୁ ଯେ, ସେ ( ଆମେରିକା) ଇରାନ ଆଡ଼କୁ ଏକ ୱାରଶିପ୍ (ଯୁଦ୍ଧ ଜାହାଜ) ପଠାଇଛନ୍ତି। ୱାରଶିପ୍ ନିଶ୍ଚିତ ରୂପେ ଏକ ବିପଜ୍ଜନକ ଅସ୍ତ୍ର , କିନ୍ତୁ ଏହାଠାରୁ ମଧ୍ୟ ଅଧିକ



ବିପଜ୍ଜନକ ସେ ଅସ୍ତ୍ର ,ଯାହା ତାକୁ ବୁଡ଼ାଇ ଦେଇ ପାରେ। ଇରାନର ସୁପ୍ରିମ୍ ଲିଡର ଏହା ମଧ୍ୟ ଚେତାବନୀ ଦେଇଛନ୍ତି ଯେ, ତାଙ୍କ ସରକାରକୁ ହଟେଇବାକୁ ଆମେରିକାର ପ୍ରୟାସ ବିଫଳ ହେବ। ୱାଶିଂଟନ ଓ ତେହରାନ ମଧ୍ୟ ପ୍ରାଚ୍ୟରେ ଆମେରିକାର ମିଲିଟାରୀର ପ୍ରସ୍ତୁତି ମଧ୍ୟରେ, ଜେନିଭାରେ ନିଜର ଦୀର୍ଘ ଦିନରୁ ଜାରି ନ୍ୟୁକ୍ଲିୟର ବିବାଦ ଉପରେ ପରୋକ୍ଷ ଆଲୋଚନା ଆରମ୍ଭ କରି ଦେଇଛି। ଆମେରିକା, ଯିଏକି ଜୁନରେ ଇରାନର ନ୍ୟୁକ୍ଲିୟର ସ୍ଥାନ ଗୁଡ଼ିକ ଉପରେ ବୋମାମାଡ଼ କରିବାରେ ଇସ୍ରାଏଲକୁ ସହଯୋଗ କରିଥିଲା,ଏହି ଅଞ୍ଚଳରେ ଏକ ବ୍ୟାଟଲ ଫୋର୍ସ ମୁତୟନ କରିଛି ଏବଂ ଆମେରିକୀୟ ପ୍ରେସିଡେଣ୍ଟ ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ, ଇରାନରେ ଶାସନରେ ପରିବର୍ତ୍ତନ ସବୁଠୁ ଭଲ କଥା ହୋଇ ପାରେ। ଇରାନ ସୋମବାର ହୋର୍ମୁଜ ପ୍ରଣାଳୀରେ ନିଜର ଡ୍ରିଲ କରିଛି, ଯାହା ତୈଳ ସିପମେଣ୍ଟ ପାଇଁ ଏକ ପ୍ରମୁଖ ୱାଟରୱେ। ଏହି ମାମଲାରେ ସୂଚନା ରଖିଥିବା ଏକ ସୋର୍ସ ରୟଟର୍ସକୁ କହିଥିଲେ ଯେ, ଆମେରିକାର ଦୂତ ଷ୍ଟିଭ୍ ୱିଟକଫ୍ ଓ ଜେରେଡ କୁଶନର, ଇରାନୀ ବୈଦେଶିକ ମନ୍ତ୍ରୀ ଅବାସ୍ ଅରାକଚୀଙ୍କ ସହ କଥାବାର୍ତ୍ତାରେ ଭାଗ ନେଉଛନ୍ତି , ଯାହାର ମଧ୍ୟସ୍ଥତା ଓମାନ କରୁଛି। ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ, ସେ ଜେନିଭା ଆଲୋଚନାରେ ପରୋକ୍ଷ ଭାବେ ସାମିଲ ହେବେ ଏବଂ ତାଙ୍କର ବିଶ୍ୱାସ ଯେ, ତେହରାନ ଏକ ଡିଲ୍ କରିବାକୁ ଚାହୁଁଛି। ଟ୍ରମ୍ପ ସୋମବାର ଏୟାରଫୋର୍ସ ୱାନରେ ରିପୋର୍ଟରଙ୍କୁ କହିଥିଲେ , ମୋର ମନେହେଉ ନାହିଁ ଯେ, ସେ ଡିଲ୍ ନକରିବାର ଫଳ ଭୋଗିବାକୁ ଚାହାନ୍ତି। ଆମେ ତାଙ୍କର ନ୍ୟୁକ୍ଲିୟର କ୍ଷମତାକୁ ଶେଷ କରିବା ପାଇଁ ବି-୨ ପଠାଇବା ପରିବର୍ତ୍ତେ ଡିଲ୍ କରିପାରି ଥାନ୍ତୁ ଏବଂ ଆମକୁ ବି-୨ ପଠାଇବାକୁ ପଡ଼ିଲା।

## 'ଅଜିତ ପାୱାରଙ୍କ ବିମାନ ଦୁର୍ଘଟଣାର ହେଉ ସିବିଆଇ ତଦନ୍ତ'



ନୂଆଦିଲ୍ଲୀ, ୧୭।୨: ନିକଟରେ ମହାରାଷ୍ଟ୍ରର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ଏକ ବିମାନ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ଏବେ ମହାରାଷ୍ଟ୍ର ସରକାରଙ୍କ ଉପ-ମୁଖ୍ୟମନ୍ତ୍ରୀ ତଥା ତାଙ୍କ ପତ୍ନୀ ସୁନେତ୍ରା ପାୱାର ମାମଲାର ସିବିଆଇ ତଦନ୍ତ ଦାବି କରିଛନ୍ତି। ଏହା ସହ କହିଛନ୍ତି, ଏହି ଘଟଣା ପଛରେ ଥିବା ସତ୍ୟତା ସାମନାକୁ ଆସିବା ନିହାତି ଦରକାର। ମଙ୍ଗଳବାର ସୁନେତ୍ରାଙ୍କ ନେତୃତ୍ୱରେ ଏନସିପି ଅଜିତ ପାୱାର କ୍ୟାମ୍ପ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍‌ଙ୍କୁ ସାକ୍ଷାତ କରିଛି। ଏନସିପି ନେତାଙ୍କ ଦ୍ୱାରା ସାକ୍ଷାତ ବେଳେ ଅଜିତପାୱାର ପ୍ଲେନ୍ କ୍ରାସ୍ ମାମଲାରେ ସିବିଆଇ ତଦନ୍ତ ଦାବି କରାଯାଇଛି। ଦୁଇ ନେତା ଏ ସମ୍ପର୍କରେ କଥା ହୋଇ ସ୍ପଷ୍ଟ କରିଛନ୍ତି ଯେ, ପାର୍ଟି ଓ ପରିବାର ଏହି ମାମଲାରେ ପାରଦର୍ଶିତା ଚାହୁଁଛି। ସେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଅପିଲ କରିଛନ୍ତି, ଏହି ଦୁର୍ଘଟଣାର ଉଚ୍ଚସ୍ତରୀୟ ତଦନ୍ତକୁ ତୁରନ୍ତ ମଞ୍ଜୁରୀ ଦିଆଯାଉ। ଏହା ପୂର୍ବରୁ ଅଜିତପାୱାରଙ୍କ ପୁତୁରା ରୋହିତପାୱାର ବହୁବାର ବିମାନ ଦୁର୍ଘଟଣା ଉପରେ ପ୍ରଶ୍ନ ଉଠାଇଛନ୍ତି।

## ଜମି ଦେବା ନାଁରେ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନିପ୍ର): ଜମି ଦେବା ନାଁରେ ଲୋକଙ୍କୁ ଠକେଇ କରିବା ଅଭିଯୋଗରେ ଶହୀଦନଗର ଥାନା ପୁଲିସ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେମନ୍ତ କୁମାର ପାଣିଗ୍ରାହୀ । ପୁଲିସ ତା ବିରୋଧରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି । ଏନେଇ ଅଭିଯୋଗକାରୀ ନଗେନ କୁମାର ବେହେରା (୩୦)ଙ୍କ ଲିଖିତ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା । ସୂଚନାଯୋଗ୍ୟ ଯେ, ଅଭିଯୁକ୍ତ ହେମନ୍ତ କୁମାର ପାଣିଗ୍ରାହୀ ଅସତ୍ ଉଦ୍ଦେଶ୍ୟରେ ଅଭିଯୋଗକାରୀଙ୍କୁ ଭୁବନେଶ୍ୱରର ଗୋଡା ଗୋପୀନାଥ ପ୍ରସାଦ ମୌଜା, ଚଣ୍ଡୀ ମାତା କଲୋନୀ ଅଞ୍ଚଳରେ ଅବସ୍ଥିତ କିଛି ଜମି କ୍ରୟ କରିବା ପାଇଁ ପ୍ରଲୋଭିତ କରିଥିଲେ । ବିକ୍ରୟ ଓ ପଞ୍ଜୀକରଣ କରାଇଦେବା ବାବଦରେ ମିଥ୍ୟା ପ୍ରତିଶ୍ରୁତି ଦେଇ ସେ ଠକେଇ ପୂର୍ବକ ଅଭିଯୋଗକାରୀଙ୍କୁ ଠାରୁ ଆରଟିଜିଏସ ମାଧ୍ୟମରେ ୨୦,୦୦,୦୦୦/- (କୋଡ଼ିଏ ଲକ୍ଷ) ଟଙ୍କା ଅଗ୍ରିମ ଭାବେ ଗ୍ରହଣ କରିଥିଲେ । ଏହାସହିତ ବିକ୍ରୟ ମୂଲ୍ୟ ଓ ପଞ୍ଜୀକରଣ ଖର୍ଚ୍ଚ ପାଇଁ ଡିମାଣ୍ଡ ଡ୍ରାଫ୍ଟ ପ୍ରସ୍ତୁତ କରିବାକୁ ଅଭିଯୋଗକାରୀଙ୍କୁ ବାଧ୍ୟ କରିଥିଲେ ଏବଂ ପଟ୍ଟା, ଆର.ଆଇ. ରିପୋର୍ଟ, ତହସିଲ କ୍ଲିୟରାନ୍ସ ପତ୍ରାବଳୀ ସହ ଦସ୍ତଖତକୃତ ବିକ୍ରୟ ପତ୍ର ସମେତ ଆବଶ୍ୟକ ଦଲିଲପତ୍ର ହାସଲ କରିଥିଲେ । ପରବର୍ତ୍ତୀକାଳରେ ଏହି ଦଲିଲପତ୍ରଗୁଡ଼ିକୁ ପ୍ରତାରଣା ପାଇଁ ଅପବ୍ୟବହାର କରାଯାଇଥିବା ପ୍ରକାଶ ପାଇଥିଲା । ଅଭିଯୋଗକାରୀ ବିକ୍ରୟ ପତ୍ର କାର୍ଯ୍ୟକାରୀ କରିବା କିମ୍ବା ଦେଇଥିବା ଟଙ୍କା ଫେରସ୍ତ ଦାବି କରିବାରୁ, ଅଭିଯୁକ୍ତ ସେଥିପାଇଁ ଅସ୍ୱୀକାର କରିଥିଲେ । ଏହାସହ ସେ ଅଭିଯୋଗକାରୀଙ୍କ ସହ ଦୁର୍ବ୍ୟବହାର କରି ସହିଦ ନଗର ଅଞ୍ଚଳରେ ତାଙ୍କୁ ଆକ୍ରମଣ ଓ ଧମକ ଦେବାକୁ ଚେଷ୍ଟା କରିଥିଲେ, ଯାହାଦ୍ୱାରା ତାଙ୍କୁ ଅପରାଧିକ ଭାବରେ ଭୟଭୀତ କରାଯାଇଥିଲା । ତଦନ୍ତ ସମୟରେ, ଆରଟିଜିଏସ ଟ୍ରାଞ୍ଜାକ୍ସନ ବିବରଣୀ, ବ୍ୟାଙ୍କ ଷ୍ଟେଟମେଣ୍ଟ, ଡିମାଣ୍ଡ ଡ୍ରାଫ୍ଟ ନକଲ, ସ୍ଲଟ୍ ବୁକିଂ ରସିଦ, ପଟ୍ଟା ଫଟୋକପି, ଆର.ଆଇ. ରିପୋର୍ଟ, ତହସିଲ କ୍ଲିୟରାନ୍ସ ସହ ଅନ୍ୟାନ୍ୟ ସମ୍ପର୍କିତ ଦଲିଲପତ୍ର ଜବତ କରାଯାଇଥିଲା । ପରବର୍ତ୍ତୀକାଳରେ ଅଭିଯୁକ୍ତଙ୍କୁ ମାରିଅନ୍ ନିର୍ମାଣ କାର୍ଯ୍ୟାଳୟରୁ ଗିରଫ କରାଯାଇ ପଚରାଉଚରା କରାଯାଇଥିଲା ଏବଂ ସେ ତାଙ୍କ ସଂପୃକ୍ତି ସ୍ୱୀକାର କରିଥିଲେ ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନିପ୍ର): ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ନୂଆପଲ୍ଲୀ ପୁଲିସ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ନିଆଳିର ଶୁଭେନ୍ଦୁ ନାୟକ । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ ଯେ, ଗତ ଜାନୁଆରୀ ୨୦ ତାରିଖ ସନ୍ଧ୍ୟା ପ୍ରାୟ ୬.୦୦ ବେଳେ ଅଭିଯୋଗକାରିଣୀଙ୍କ ପୁଅ ରାଜକିଶୋର ଦିଗାଲ (୨୦ ବର୍ଷ) ତାଙ୍କ ବନ୍ଧୁ ଅଲି ଆବ୍ରାହମଙ୍କ ସହ ମୁଣ୍ଡା ସାହି କମ୍ୟୁନିଟି ଶୌଚାଳୟ ନିକଟରେ ଠିଆ ହୋଇଥିବା ସମୟରେ ୫ ରୁ ୬ ଜଣ ଦୁର୍ବୃତ୍ତ ହଠାତ୍ ମୋଟରସାଇକେଲରେ ଆସି ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ ଏବଂ ହିଂସାତ୍ମକ ଭାବେ ଆକ୍ରମଣ କରିଥିଲେ । ସେମାନଙ୍କ ମଧ୍ୟରୁ ଜଣେ ଦୁର୍ବୃତ୍ତ ପ୍ରଥମେ ଅଲି ଆବ୍ରାହମଙ୍କୁ ଆକ୍ରମଣ କରିଥିଲେ, କିନ୍ତୁ ସେ କୌଣସି ପ୍ରକାରେ ସେଠାରୁ ପଳାଇବାରେ ସଫଳ ହୋଇଥିଲେ । ପରେ ରାଜକିଶୋର ଦିଗାଲଙ୍କୁ ଗୋଟିଏ ଲୁହା ଅନ୍ନା କଟୁରୀ ଦ୍ୱାରା ନିର୍ମମ ଭାବରେ ଆକ୍ରମଣ କରାଯାଇଥିଲା, ଯାହାର ପରିଣତିରେ ତାଙ୍କ ମୁଣ୍ଡର ପଛପଟେ ଗଭୀର ଆଘାତ ଲାଗି ଭାରି ରକ୍ତସ୍ରାବ ହୋଇଥିଲା । ଆହତଙ୍କୁ ପ୍ରଥମେ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ଭଲ ଚିକିତ୍ସା ପାଇଁ ଅନ୍ୟ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇ ସେଠାରେ ଆଇସିୟୁରେ ଭର୍ତ୍ତି କରାଯାଇଥିଲେ । ପଳାୟନ କରିବା ସମୟରେ ଦୁର୍ବୃତ୍ତମାନେ ପୀଡିତଙ୍କ ମୋବାଇଲ୍ ଫୋନ୍, ରୂପାର ବ୍ରେସଲେଟ୍ ଏବଂ ପ୍ରାୟ ୫,୦୦୦/- ଟଙ୍କା ମଧ୍ୟ ଛଡ଼ାଇ ନେଇଥିଲେ ।

## ବନାଗ୍ନି ସଚେତନ ସଭା ନାମକୁ ମାତ୍ର ସପ୍ତାହେ ନ ପୂରୁଣୁ ହୁହୁ ହୋଇ ଜଳୁଛି ଜଙ୍ଗଲ

ରେଢ଼ାଖୋଲ(ନିପ୍ର): ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ୍ ଅନ୍ତର୍ଗତ କିସିଣ୍ଡା ପଞ୍ଚାୟତ ଛକରୁ ୫୦୦ମିଟର ଦୂରତାରେ ହୁହୁ ହୋଇ ଜଙ୍ଗଲ ଜଳୁଥିବା ଦେଖିବାକୁ ମିଳିଛି । କେହି ଜଣେ ଅସାମାଜିକ ବ୍ୟକ୍ତି ସନ୍ଧ୍ୟା ୭ଘଣ୍ଟା ସମୟରେ ନିଆଁ ଲଗାଇ ପଳାଇଛି । ଏନେଇ ସ୍ଥାନୀୟ ବନ ବିଭାଗ ଫରେଷ୍ଟର ଗିରିଶ୍ଚନ୍ଦ୍ରପୁର ରେଞ୍ଜ ଅଧିକାରୀଙ୍କୁ ଏ ସମ୍ପର୍କରେ ଫୋନ୍ କରିଥିଲେ ଏବଂ ତୁରନ୍ତ ଘଟଣା ସ୍ଥଳକୁ ଫରେଷ୍ଟ ରେଞ୍ଜ ତରଫରୁ ନିଆଁଲିଭା ଟିମ୍ ପହଞ୍ଚି ନିଆଁକୁ ଆୟତ କରିଥିବା ଜଣାପଡିଛି । ଏହା ମଦୁଆଙ୍କ ରାସ୍ତା ହୋଇଥିବା ବେଳେ କେହି ମଦ୍ୟପ ନିଆଁ ଲଗେଇ ଥିବାର ସନ୍ଦେହ ପ୍ରକଟ ହୋଇଛି । ଏଣୁ ବନ ବିଭାଗ ଏହାର ବିରୋଧରେ ବିହିତ ପଦକ୍ଷେପ ନେବା ନେଇ ଜନସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ବନ ବିଭାଗ ଅବହେଳାରୁ ବନଖଣ୍ଡରେ ଥିବା ଜଙ୍ଗଲ ଗୁଡ଼ିକରେ ନିଆଁ ଲାଗି ଥିବାରୁ ସାରା ଜଙ୍ଗଲ ନିଆଁରେ ପୋଡ଼ି ଯାଇ ସ୍ୱାହା ହେବାକୁ ବସିଛି । ଏପରିକି ନିଆଁରେ ମୂଲ୍ୟବାନ ବନ ସମ୍ପଦ ନଷ୍ଟ ହେବାରେ ଲାଗିଛି । ବନ୍ୟ ପ୍ରାଣୀ ସଙ୍କଟରେ ପଡ଼ିବା ସହ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେବାରେ ଲାଗିଛି । ପ୍ରତିବର୍ଷ ମାର୍ଚ୍ଚ ମାସ ପ୍ରାରମ୍ଭରୁ ଜଙ୍ଗଲରେ ନିଆଁ ଲାଗୁଥିବା ଦେଖିବାକୁ ମିଳୁଥିବା ବେଳେ ଚଳିତବର୍ଷ ଟିକେ ଆଗୁଆ ଏସବୁ ଦେଖିବାକୁ ମିଳିଛି । ବନ ବିଭାଗ ଏଥିପ୍ରତି କେତେ ସଚେତନତା ଅବଲମ୍ବନ କରୁଛି ଏଥିରୁ ସ୍ପଷ୍ଟ ଜଣାପଡୁଛି । ଏହାଛଡା ବନ ବିଭାଗ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁନଥିବା ଓ ସଚେତନତା ନାରାବାଜି ନାମକୁ ମାତ୍ର ଏଥିରୁ ପରିଲକ୍ଷିତ ହେଉଛି । ହେଲେ ଜଙ୍ଗଲରେ ନିଆଁ ଦାଉରୁ ରକ୍ଷା ପାଇବା ପାଇଁ ଗଣମଧ୍ୟମର ମଧ୍ୟ ସଚେତନତା ପ୍ରଚାର ପ୍ରସାର କ୍ଷେତ୍ରରେ ପ୍ରମୁଖ ଭୂମିକା ଥିବାବେଳେ ବନ ବିଭାଗ ପକ୍ଷରୁ ଆୟୋଜିତ ବିଭିନ୍ନ ବନାଗ୍ନି ସଚେତନତା କାର୍ଯ୍ୟକ୍ରମକୁ ନ ଡାକିବା ନେଇ ବନ ବିଭାଗର କାର୍ଯ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

**ରାଜଧାନୀରେ ଆତଙ୍କ**

# ଅଧ ରାତିରେ ଗୋଡାଇ ହାଣିଲେ, ସକାଳେ ଝାମ୍ପିନେଲେ ଓ ମଧ୍ୟାହ୍ନରେ ସ୍ପ୍ରେ ମାରି ଲୁଟିଲେ

ଭୁବନେଶ୍ୱର(ନିପ୍ର): ରାଜଧାନୀରେ ଅପରାଧୀମାନେ ଆତଙ୍କ ସୃଷ୍ଟି କରିଛନ୍ତି । କମିଶନରେଟ ପୁଲିସକୁ ଖୋଲା ଚାଲେଞ୍ଜ ଦେଇ ଗୋଟିକ ପରେ ଗୋଟିଏ ଅପରାଧ ଘଟାଇ ଚାଲିଛନ୍ତି । ଗୋଟିଏ ଦିନରେ ରାଜଧାନୀରେ ତିନୋଟି ଘଟଣା ଲୋକଙ୍କ ନିଦ ହଜାଇ ଦେଇଥିବା ବେଳେ ପୁଲିସର ପାରିବାପଣିଆକୁ ପଦାରେ ପକାଇଦେଇଛି । ଅଧରାତିରେ ତମାଣ୍ଡୋରେ ଅପରାଧିମାନେ ଲୋକଙ୍କୁ ଗୋଡାଇ ହାଣିଥିବା ବେଳେ ଦିନରେ ଲୁଟେରାମାନେ ସ୍ପ୍ରେ ମାରି ଗହଣା ଦୋକାନରୁ ଲୁଟ କରିଛନ୍ତି । ସେହିପରି ସକାଳେ ଜଣେ ଚନ୍ଦ୍ରଶେଖରପୁର ଅଂଚଳରେ ଜଣେ ପୁଲିସ ଅଧିକାରୀଙ୍କ ମା'ଙ୍କ ବେକରୁ ଚେନ ଛଡାଇ ନେଇଛନ୍ତି । ସୂଚନା ଅନୁସାରେ, ଗତକାଲି ବିଳମ୍ବିତ ରାତିରେ ତମାଣ୍ଡୋରେ ଦୁର୍ବୃତ୍ତମାନେ ଆତଙ୍କ ଖେଳାଇଛନ୍ତି । ଏକାଧିକ ଯୁବକ ହାତରେ ଖଣ୍ଡା, ଭୁଜାଲି, କଟୁରୀ ଧରି ଲୋକଙ୍କୁ ଗୋଡାଇ ହାଣିଛନ୍ତି । ଏପରିକି ଗାଡି ଭଙ୍ଗାରୁଜା କରିବା ସହ ପଥଚାରୀଙ୍କୁ ମଧ୍ୟ ଆକ୍ରମଣ କରିଛନ୍ତି । ଏପରିକି ଆଗରେ ଯିଏ ପଡିଲା, ସେ ହଣା ଖାଇଲା । ୭ଜଣ ଦୁର୍ବୃତ୍ତ ତମାଣ୍ଡୋ ଅଞ୍ଚଳର ଏକ ଅଫିସ ଭିତରେ ପଶି ଏଭଳି ଅତର୍କିତ ଆକ୍ରମଣ କରିଛନ୍ତି । ରାଜନୈତିକ ବିବାଦରୁ ଏଭଳି ଆକ୍ରମଣ ହୋଇଥିବା କୁହାଯାଇଥିବା ବେଳେ

### ପ୍ରାତଃଭ୍ରମଣ ସାରି ଫେରିବା ବେଳେ ବୃଦ୍ଧାଙ୍କୁ ଟାର୍ଗେଟ

ଆଜି ସକାଳୁ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶୈଳେଶ୍ରୀ ବିହାରରେ ଜଣେ ବୟସ୍କା ମହିଳାଙ୍କ ଠାରୁ ଦୁଇ ଦୁର୍ବୃତ୍ତ ସୁନାଚେନ ଲୁଟ୍ କରି ନେଇଛନ୍ତି । ଲୁଟର ଶିକାର ମହିଳା ହେଲେ ଶକୁନ୍ତଳା ମହାନ୍ତି । ସେ ପ୍ରାତଃଭ୍ରମଣ ସାରି ସକାଳ ପ୍ରାୟ ୭ଟା ବେଳେ ସେ ଭିଆଇଏମ ଗଳି ରାସ୍ତା ଦେଇ ଘରକୁ ଫେରୁଥିଲେ । ପଛପାର୍ଶ୍ୱରୁ ଏକ ସ୍କୁଟିରେ ଦୁଇ ଦୁର୍ବୃତ୍ତ ତାଙ୍କୁ ପିଛା କରି ଆସିଥିଲେ । ପଛ ସିଟରେ ବସିଥିବା ଲୁଟେରା ଜଣକ ଶକୁନ୍ତଳାଙ୍କ ପାଖକୁ ଆସି ସୁନା ଚେନ୍ କାଟି ନେଇଯାଇଥିଲା । ହେଲେ ସୁନା ଲକେଟଟି ସେଠାରେ ପଡିଯାଇଥିଲା । ଏନେଇ ଅଭିଯୋଗ ହେବା ପରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ପୁଲିସ କହିଛି । ତେବେ ଲୁଟର ଶକୁନ୍ତଳା ଜଣେ ପୋଲିସ ଅଧିକାରୀଙ୍କ ମା' ବୋଲି ସୂଚନା ମିଳିଛି । ଉଲ୍ଲେଖଥାଉ କି, ନୟାପଲ୍ଲୀ ଥାନା ଅନ୍ତର୍ଗତ ଗଡ଼ସାହି ଅଞ୍ଚଳରେ ଫେବ୍ରୁଆରୀ ୪ (ବୁଧବାର) ଭୋର ସମୟରେ ଲୁଟ୍ କାଣ୍ଡ ଘଟିଥିଲା । ଜଣେ ଲୁଟେରା ଏକ ଖେଳନା ବନ୍ଧୁକ ଦେଖାଇ ବୟସ୍କା ମହିଳା ଇନ୍ଦୁମତି ବଳବନ୍ତରାୟଙ୍କ ଠାରୁ ସୁନା ଅଳଙ୍କାର ଲୁଟ୍ କରିଥିଲା ।



ପ୍ରଦୀପ ବାରିକ ଓ ଗୋପୀନଥ ଭୁଜବଳ ଗୁରୁତର ଆହତ ହୋଇଛନ୍ତି । ପୁଲିସ ଘଟଣାକୁ ଗମ୍ଭିରତାର ସହ ନେଇ ତଦନ୍ତ କରୁଛି । ସେହିପରି କଳିଙ୍ଗ ବିହାର ଅଞ୍ଚଳରେ ବିଜୟ ବାରିକଙ୍କ ଶୁଭଲକ୍ଷ୍ମୀ ଜୁଏଲରୀ ଦୋକାନରୁ ଲୁଟ୍ ହୋଇଛି । ମଙ୍ଗଳବାର ଦିନ ପ୍ରାୟ ୧ ଟା ୧୮ ମିନିଟ ବେଳେ ଜଣେ ଦୁର୍ବୃତ୍ତ ଏହି କାଣ୍ଡ ଘଟାଇଛି । ଲୁଟେରା ଜଣକ ଦୋକାନକୁ ଆସି କୌଶଳ କରି ଅଳଙ୍କାର ଦେଖିଥିଲା । ଏପରିକି ସେ ଆଙ୍ଗୁଠିରେ କିଛି ମୁଦି ମଧ୍ୟ ପିନ୍ଧି ପକାଇଥିଲା । ସେପଟେ ସୁନା ଅଳଙ୍କାର ଗୁଡିକୁ କର୍ମଚାରୀ ଜଣକ ହିସାବ କରୁଥିବା ବେଳେ ଲୁଟେରା ସବୁଆଡେ ନଜର ଦେଉଥିଲେ । ଲୁଟେରା ଜଣକ ମୁହଁ ଲୁଚାଇବା ପାଇଁ ଏକ ମେଡିକାଲ ମାସ୍କ ବି ପିନ୍ଧିଥିଲା । କର୍ମଚାରୀ ହିସାବ କାଲକୁଲେଟର୍ ଜରିଆରେ ହିସାବ କରୁଥିବା ବେଳେ ଲୁଟେରା ହଠାତ୍ ତାଙ୍କ ମୁହଁକୁ ସ୍ପ୍ରେ ମାରି ଦୌଡ଼ି ପଳାଇଥିଲା । ଏହି ସମୟରେ କର୍ମଚାରୀ ଜଣକ ଲୁଟେରାକୁ ଧରିବାକୁ ପ୍ରୟାସ କରୁଥିବା ବେଳେ ଏଥିରେ ସେ ବିଫଳ ହୋଇଥିଲେ । ତେବେ ଅଭିଯୁକ୍ତ ଜଣକ ଗୋଟିଏ ଚେନ୍ ଓ ୪ଟି ମୁଦି ନେଇ ଯାଇଥିବା ଅଭିଯୋଗ ହୋଇଛି । ସିସିଟିଭି ଫୁଟେଜକୁ ଆଧାର କରି ଅଭିଯୁକ୍ତକୁ ଧରିବାକୁ ପ୍ରୟାସ କରାଯାଉଥିବା ତମାଣ୍ଡୋ ପୁଲିସ ସୂଚନା ଦେଇଛି ।

## ବାଇକ ଚୋରକୁ ୯ ମାସ ଜେଲ୍

ଭୁବନେଶ୍ୱର(ନିପ୍ର): ବିଚାରପତି ଶ୍ରୀମତୀ ଇତିଶ୍ରୀ ମହାପାତ୍ର, ଜେ.ଏମ.ଏଫ୍.ସି. (ପଞ୍ଚମ), ଭୁବନେଶ୍ୱର, ଗତ ୨୦୨୫ ବର୍ଷ ଡିସେମ୍ବର ମାସରେ ଭୁବନେଶ୍ୱର ଏୟାରପୋର୍ଟ ଥାନା ଅଞ୍ଚଳରେ ହୋଇଥିବା ମୋଟରସାଇକେଲ ଚୋରୀ ମାମଲାର ବିଚାର କରି ଆସାମୀ ମନୋଜ ମଲ୍ଲିକଙ୍କୁ ୯ ମାସର ସଜା ଶୁଣାଇଛନ୍ତି । ଘଟଣାର ଅନ୍ତରାଳେ: ଉଲ୍ଲେଖଯୋଗ୍ୟ ଯେ, ଅଭିଯୋଗକାରୀ ଆଶିଷ କୁମାର ବୈରିଗଞ୍ଜନ ଭୁବନେଶ୍ୱରର ଶାସ୍ତ୍ରୀନଗର ଅଞ୍ଚଳର ବାସିନ୍ଦା । ଗତ ତା ୨୨.୧୨.୨୦୨୫ ରିଖ ସନ୍ଧ୍ୟାବେଳେ ସେ ନିଜ ସ୍କୁଟି ଯୋଗେ ଫରେଷ୍ଟ ପାର୍କ ନିକଟକୁ ଯାଇ ପାର୍କ ପଛପଟେ ଗାଡିଟିକୁ ପାର୍କିଂ କରିଥିଲେ । ସନ୍ଧ୍ୟା ପ୍ରାୟ ୭.୪୫ ରୁ ୮.୨୦ ମଧ୍ୟରେ ଆସାମୀ ମନୋଜ ମଲ୍ଲିକ ସୁଯୋଗ ନେଇ ଅଭିଯୋଗକାରୀଙ୍କ ଅନୁପସ୍ଥିତିରେ ଡୁପ୍ଲିକେଟ୍ ଚାବି ସହାୟତାରେ ସ୍କୁଟିଟିକୁ ଚୋରି କରି ନେଇଯାଇଥିଲେ । କାମ ସାରି ଅଭିଯୋଗକାରୀ ପାର୍କିଂ ସ୍ଥାନକୁ ଫେରିବା ପରେ ଗାଡିଟି ସେଠାରେ ନଥିବା ଦେଖିଥିଲେ । ପାଖାପାଖି ଅଞ୍ଚଳରେ ବ୍ୟାପକ ଖୋଜଖୋଜି କରିଥିଲେ ମଧ୍ୟ ଗାଡିଟି ମିଳିନଥିବାରୁ ସେ ଏୟାରପୋର୍ଟ ଥାନାରେ ଲିଖିତ ଅଭିଯୋଗ ଦାଖଲ କରିଥିଲେ । ଅଭିଯୋଗ ଆଧାରରେ ଏୟାରପୋର୍ଟ ଥାନା ମାମଲା ନଂ ୪୬୦, ତା. ୨୨.୧୨.୨୦୨୫ ରେ ବିଏନଏସ ଧାରା ୩୦୩(୨) ଅନୁଯାୟୀ ରୁଜୁ କରାଯାଇଥିଲା ଏବଂ ତଦନ୍ତ ଭାର ଏସ୍.ଆଇ. ଶ୍ରୀମତୀ ବର୍ଷା ଦାସଙ୍କୁ ଅପର୍ଣ୍ଣ କରାଯାଇଥିଲା । ତଦନ୍ତ କାଳରେ ଆସାମୀ ମନୋଜ ମଲ୍ଲିକଙ୍କୁ ତା. ୨୩.୧୨.୨୦୨୫ ରିଖରେ ଗିରଫ କରି କୋର୍ଟକୁ ଚାଲାଣ କରାଯାଇଥିଲା ଏବଂ ପରବର୍ତ୍ତୀକାଳରେ ତା. ୦୫.୦୧.୨୦୨୬ ରିଖରେ ମାନ୍ୟବର ଅଦାଲତରେ ଚାର୍ଜଶିଟ୍ ଦାଖଲ କରାଯାଇଥିଲା । ମାମଲାର ବିଚାର ପରେ ଅଦାଲତ ସାକ୍ଷ୍ୟପ୍ରମାଣ ଓ ପ୍ରସ୍ତୁତ ଦସ୍ତାବିଜ ଆଧାରରେ ଆସାମୀ ମନୋଜ ମଲ୍ଲିକଙ୍କୁ ବିଏନଏସ ଧାରା ୩୦୩(୨) ଅନୁଯାୟୀ ଦୋଷୀ ସାବ୍ୟସ୍ତ କରି ୯ (ନଅ) ମାସର ସରଳ କାରାଦଣ୍ଡ ଦେଇଛନ୍ତି ।

# 'ଦାନା' ଅନୁଦାନ ହରିଲୁଟ୍ ଅଭିଯୋଗ

**■ ୨ ଲକ୍ଷ ଟଙ୍କାରେ କେବଳ ରଙ୍ଗ ମରା ■ ଲାଇଟ-ଝରକା ଏବେ ବି ଭଙ୍ଗା**

ଧାମନଗର(ନିପ୍ର): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ମୁସ୍ତଫାପୁର ପଞ୍ଚାୟତରେ 'ଦାନା' ବାତ୍ୟା କ୍ଷୟକ୍ଷତି ମରାମତି ଅନୁଦାନର ଅପବ୍ୟବହାର ହୋଇଥିବା ଅଭିଯୋଗ ହୋଇଛି । ବାତ୍ୟାରେ କ୍ଷତିଗ୍ରସ୍ତ ପଞ୍ଚାୟତ ଅଫିସ ମରାମତି ପାଇଁ ଆସିଥିବା ୨ ଲକ୍ଷ ଟଙ୍କାରୁ ମୋଟା ଅଙ୍କର ଅର୍ଥ ହଡ଼ପ କରାଯାଇଥିବା ନେଇ ଚର୍ଚ୍ଚା ଜୋର ଧରିଛି । ମରାମତି ନାଁରେ ପୁରୁଣା କୋଠାକୁ କେବଳ ରଙ୍ଗ ଦେଇ ଅର୍ଥ ହରିଲୁଟ କରାଯାଇଥିବା ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ସୃଷ୍ଟି କରିଛି । ପ୍ରକାଶ ଥାଉକି ୨୦୧୭ ମସିହାରେ ଦୋବଲ ପଞ୍ଚାୟତରୁ ଅଲଗା ହୋଇ ମୁସ୍ତଫାପୁର ପଞ୍ଚାୟତ ଗଠିତ ହୋଇଥିଲା । ସେହି ସମୟରୁ ପୁରୁଣା ପଞ୍ଚାୟତ ଅଫିସରେ




ମୁସ୍ତଫାପୁର ପଞ୍ଚାୟତ ଅଫିସ ଭାବେ ବ୍ୟବହାର ହେଉଛି । ୨୦୨୪ 'ଦାନା' ବାତ୍ୟାରେ ଏହି ଅଫିସଟି କ୍ଷତିଗ୍ରସ୍ତ ହୋଇଥିବାରୁ ଏହାର ମରାମତି ପାଇଁ ସରକାରଙ୍କ ପକ୍ଷରୁ ୨ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା । ପଞ୍ଚାୟତ ଅଫିସର ଦୁଇଟି ବଖରା ଏବଂ ବାରଣ୍ଡାକୁ ମିଶାଇ ମୋଟ ୩୦ଫୁଟ୍ ଲମ୍ବ ଓ ୨୦ ଫୁଟ୍ ଚଉଡ଼ାର ଏହି ଛୋଟ କୋଠାଟିକୁ କେବଳ ରଙ୍ଗ ଦିଆଯାଇଛି ଏବଂ ଏକ ଟ୍ୟୁବ୍‌ୱେଲ ମଧ୍ୟ ଖୋଳା ଯାଇଛି । ସ୍ଥାନୀୟ ଲୋକଙ୍କ କହିବା କଥା, ଏତିକି କାମ ପାଇଁ ସର୍ବାଧିକ ୫୦ରୁ ୬୦ ହଜାର ଟଙ୍କା ଖର୍ଚ୍ଚ ହେବ । ମାତ୍ର ବାକି ଅର୍ଥକୁ ନେଇ କୌଣସି ସନ୍ତୋଷଜନକ ଉତ୍ତର ମିଳୁନାହିଁ । ବଡ଼ କଥା ହେଉଛି, ଅଫିସ ମୁଖ୍ୟ ଦ୍ୱାରର ଉପରେ ଲାଗିଥିବା ଭଙ୍ଗା ଲାଇଟ୍ ଏବଂ ଝରକାର କାଚ କବାଟ ଏବେ ବି ସେମିତି ଭଙ୍ଗା ଅବସ୍ଥାରେ ରହିଛି । ପଞ୍ଚାୟତର କାର୍ଯ୍ୟନିର୍ବାହୀଙ୍କ ସୂଚନା ମୁତାବକ, ଅଫିସରେ ନୂଆ ଲାଇଟ୍ ଲଗାଇବା, ଝରକା କାଚ ମରାମତି କରିବା ଏବଂ ଗୋଟିଏ ପାଣିଟାଙ୍କି ବସାଇବା ପାଇଁ କହିଥିଲେ ମାତ୍ର କେହି ମୋ କଥା ଶୁଣି ନଥିଲେ । ଏ ବିଷୟରେ ବିଭାଗୀୟ ଯନ୍ତ୍ରୀଙ୍କୁ ବିଲ୍ ନ କରିବା ପାଇଁ କହିଛି ବୋଲି ଶ୍ରୀ ପାତ୍ର କହିଛନ୍ତି । ଏହି ସାଂଘାତିକ ଅନିୟମିତତା ସମ୍ପର୍କରେ ଉଚ୍ଚସ୍ତରୀୟ ତଦନ୍ତ ସହ ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହୋଇଛି । ଏପଟେ ବିଡ଼ିଓ କହିଛନ୍ତି ଯେ ଏପରି ଅଭିଯୋଗ ମୋର ହସ୍ତଗତ ହୋଇନାହିଁ । ତେବେ ଘଟଣା ତଦନ୍ତ କରାଯିବ ବୋଲି କହି ଥିଲେ ।

## ରିମାଣ୍ଡରେ ହାର୍ଡକୋର ଅପରାଧୀ ମଧୁକାନ୍ତ

କଟକ/ଚୌଦ୍ୱାର(ନିପ୍ର): ଚୌଦ୍ୱାର ଜେଲରୁ ଖସି ପଳାଇଥିବା ହାର୍ଡ଼କୋର ଅପରାଧି ମଧୁକାନ୍ତ କୁମାର ରାଣାକୁ କମିଶନରେଟ ପୋଲିସ ରିମାଣ୍ଡରେ ନେଇଛି । ଅଧିକା ପଚରାଉଚରା ପାଇଁ ମଂଗଳବାରଠାରୁ ମଧୁକାନ୍ତକୁ କମିଶନରେଟ ପୋଲିସ ୬ଦିନିଆ ରିମାଣ୍ଡରେ ନେଇଛି । ୨୩ ତାରିଖ ପର୍ଯ୍ୟନ୍ତ ରିମାଣ୍ଡରେ ନେଇ ଖୋଳତାଡ଼ କରିବ ପୋଲିସ । ଚୌଦ୍ୱାର ଥାନା ତରଫରୁ କଡ଼ା ସୁରକ୍ଷା ବଳୟରେ ଅଭିଯୁକ୍ତ ମଧୁକାନ୍ତକୁ ନିଆଯାଇଛି । ଗତବର୍ଷ ଅକ୍ଟୋବର ୩ ତାରିଖରେ ମଧୁକାନ୍ତ ଓ ତା ସହଯୋଗୀ ଚୌଦ୍ୱାର ଜେଲରୁ ଫେରାର ହୋଇଯାଇଥିଲେ । ଗତ ଗୁରୁବାର ବୃନ୍ଦାବନରୁ ମଧୁକାନ୍ତକୁ ସ୍ପେଶାଲ ସ୍କ୍ୱାଡ଼ ଗିରଫ କରିଥିଲା । ମଧୁକାନ୍ତ ରାଣା ସହିତ ଅନ୍ୟ ଅଭିଯୁକ୍ତ ହେଉଛନ୍ତି ରାଜା ସାହାଣୀ । ସୂଚନାଯୋଗ୍ୟ ଚୌଦ୍ୱାର ଜେଲରୁ ଗତ ଅକ୍ଟୋବର ମାସ ୨ ତାରିଖ ରାତି ସମୟରେ ହାର୍ଡକୋର ଅପରାଧି ମଧୁକାନ୍ତ ରାଣା ଓ ତାର ଅନ୍ୟ ସହଯୋଗୀ ରାଜା ସାହାଣୀ ଚୌଦ୍ୱାର ଜେଲରୁ ଖସି ପଳାଇବାରେ ସକ୍ଷମ ହୋଇଥିଲେ । ଦୀର୍ଘ ୫ ମାସ ପରେ କମିଶନରେଟ ପୋଲିସର ଗୋଟିଏ ଟିମ ଉତ୍ତରପ୍ରଦେଶ ରାଜ୍ୟ ବୃନ୍ଦାବନରେ ଥିବା ଏକ ଗେଷ୍ଟ ହାଉସରୁ ମଧୁକାନ୍ତକୁ ଧରିବାରେ ସକ୍ଷମ ହୋଇଥିଲା । ପରେ ତାକୁ କମିଶନରେଟ ପୋଲିସ ୧୪ ତାରିଖ ଦିନ ଧରି ଚୌଦ୍ୱାର ଜେଲକୁ ଆଣି ୩ ନଂ ସେଲରେ ରଖିଥିଲା । ଅଧିକା ପଚରା ଉଚରା ପାଇଁ ମଂଗଳବାର ଠାରୁ ୬ ଦିନିଆ ରିମାଣ୍ଡରେ କମିଶନରେଟ ପୋଲିସ ମଧୁକାନ୍ତକୁ ନେଇଛି । ରିମାଣ୍ଡରେ ନେବା ପାଇଁ ପୂର୍ବରୁ କୋର୍ଟରେ ଆବେଦନ ହୋଇଥିଲା । ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ରିମାଣ୍ଡ ଅବଧି ରହିଛି । ଚୌଦ୍ୱାର ଥାନା ତରଫରୁ କଡ଼ା ସୁରକ୍ଷା ବଳୟରେ ଅଭିଯୁକ୍ତ ମଧୁକାନ୍ତକୁ ନିଆଯାଇଛି । ତେବେ ରିମାଣ୍ଡ ସମୟରେ ମଧୁକାନ୍ତ ଠାରୁ ପୋଲିସ କ'ଣ ସତ ଉଗାଳୁଛି ଓ ଖସି ଯାଇଥିବା ଅନ୍ୟ ଜଣେ ଅପରାଧି ରାଜା ସାହାଣୀ ପାଖରେ ପୋଲିସ କେବେ ପହଞ୍ଚୁଛି ତାହା ଆଗାମୀ ଦିନରେ ଜଣାପଡ଼ିବ ।

## ସର୍ବସାଧାରଣ ରାସ୍ତା ଅବରୋଧ ନେଇ ଅଭିଯୋଗ

ଭାପୁର(ନିପ୍ର): ଭାପୁର ଆଉଟପୋଷ୍ଟ ପଛପଟ ୧୦ ଫୁଟ ଓସାରର ସର୍ବସାଧାରଣ ରାସ୍ତାକୁ ଅବରୋଧ କରିବା ନେଇ ଅଭିଯୋଗ ହୋଇଛି । ଅତୀତରେ ଏହି ରାସ୍ତାକୁ ନେଇ ସମସ୍ୟା ଉପୁଜିଥିବାବେଳେ ନୟାଗଡ଼ ଉପଜିଲ୍ଲାପାଳ ତଥା ଭାପୁର ତହସିଲଦାରଙ୍କ ଉପସ୍ଥିତିରେ ୧୦ ଫୁଟ ଓସାରର ରାସ୍ତା ସର୍ବସାଧାରଣଙ୍କ ପାଇଁ ଛଡା ଯାଇଥିଲା । କିନ୍ତୁ କେତେକ ଖଳ ପ୍ରକୃତିର ଲୋକ ନିଜ ସୀମାଠାରୁ ରାସ୍ତା ଉପରକୁ ଝରକାର ତାଜା ବାହାର କରିବାରୁ ଜନସାଧାରଣଙ୍କ ଚଳପ୍ରଚଳ ପାଇଁ ସମସ୍ୟା ଉପୁଜିଛି । ଆଉଟ ପୋଷ୍ଟର ପଛପଟ ପାଚେରି ନୂତନ ନିର୍ମାଣ ଚାଲିଥିବାବେଳେ ବିପରୀତ ଦିଗରେ ନୂତନ ଘର ନିର୍ମାଣ କରୁଥିବା ପରିବାର ନିଜ ସୀମାରେ କାନ୍ଥ ନେଇ ସର୍ବସାଧାରଣ ରାସ୍ତା ଉପରକୁ ଝରକା ତାଜା ବାହାର କରିବାରୁ ଚଳପ୍ରଚଳ ଓ ଚାରି ଚକିଆ ଯାନ ଯିବାଆସିବା ପାଇଁ ସମସ୍ୟା ଉପୁଜିଛି । ଏହାର ବିହିତ ପ୍ରତିକାର ପାଇଁ ସେହି ଗଳିରେ ରହୁଥିବା ଦୁର୍ଯ୍ୟୋଧନ ପୃଷ୍ଟି, ଅନୁସ୍ୱୟା ପୃଷ୍ଟି, ଶାନ୍ତିଲତା ପୃଷ୍ଟି ଆଦି ଭାପୁର ଆଉଟପୋଷ୍ଟରେ ଅଭିଯୋଗ କରିଛନ୍ତି ।

## ୧୧ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ: ୨ ଗିରଫ

କଟକ(ନିପ୍ର): ବ୍ରାଉନସୁଗାର ବେପାର କରିବା ଅଭିଯୋଗରେ ମଂଗଳବାର କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ ସ୍ଥାନୀୟ ଜଗତପୁର ଥାନା ଅନ୍ତର୍ଗତ ଜଗତପୁର ବ୍ୟାରେଜଛକ ନିକଟରୁ ୨ ଜଣ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି ।



ଗିରଫ ଅଭିଯୁକ୍ତମାନେ ହେଲେ କଟକ ଜିଲ୍ଲା ତିଗିରିଆ ଥାନା ଅନ୍ତର୍ଗତ ବିନ୍ଧାଣିମା ଗ୍ରାମର ଚନ୍ଦନ ଦାସ (୨୨) ଓ କଟକ ଜିଲ୍ଲା ଚୌଦ୍ୱାରଥାନା ଅନ୍ତର୍ଗତ ମହିଷାଲଣ୍ଡା ଗ୍ରାମର ବିକାଶ ମଲ୍ଲିକ (୨୩) । ଅଭିଯୁକ୍ତଙ୍କ ନିକଟରୁ ଅବକାରୀ ପୋଲିସ ୧୦୪ଗ୍ରାମ ବ୍ରାଉନସୁଗାର ଓ ଗୋଟିଏ ହୁଣ୍ଡା ଆକ୍ଟିଭା ଗାଡ଼ି ଜବତ କରିଛି । ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୧୧ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏହି ଚଢ଼ାଉରେ ଅବକାରୀ ଏସଆଇ ବିଭୂତି ଭୂଷଣ ପ୍ରଧାନ, ଏଏସଆଇ କିଶୋର ଚନ୍ଦ୍ର ରାଉତ, କନେଷ୍ଟବଳ ଲକ୍ଷ୍ମୀଧର ଖୁଣ୍ଟିଆ, ପ୍ରକାଶ ଶତପଥି ଓ ଅଶ୍ୱିନୀ ପରିଡ଼ା ସାମିଲ ଥିଲେ । ଗିରଫ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି ।

**ଦାଦାବଟିକୁ କେନ୍ଦ୍ରକରି ଜେସିବି ଓ ଫେବର ମେସିନ ଭଙ୍ଗାରୁଜା ମାମଲା**

# ବାପ-ପୁଅ ସମେତ ୪ ଗିରଫ

ପିପିଲି(ନିପ୍ର): ପିପିଲି ବ୍ଲକ ତଥା ବଳଙ୍ଗା ଥାନା ଅନ୍ତର୍ଗତ ଯୋପନ ଛକରେ ଦାଦାବଟିକୁ କେନ୍ଦ୍ରକରି ମେସିନ ଭଙ୍ଗାରୁଜା କରିବା ସହ ଚାଳକଙ୍କୁ ମାଡ଼ମାରି ସୁନାଚେନ ଲୁଟ ମାମଲାରେ ବଳଙ୍ଗା ଥାନା ଅଧିକାରିଣୀ ସସ୍ମିତା ସାହୁ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର ନିମାପଡା ଜୁଡ଼ିସିଆଲ କୋର୍ଟକୁ ପଠାଇଛନ୍ତି । ଅଭିଯୁକ୍ତମାନେ ହେଲେ ଦଉଳଚଉକା ଗ୍ରାମର ରାମଚନ୍ଦ୍ର ମାଣିଆ, ପୁଅ ଦିପକ ମାଣିଆ, ତ୍ରିଲୋଚନ ଦାଶ ଓ ଯୋପନ ଗ୍ରାମର ସମ୍ୟକ ତ୍ରିପାଠୀ । ଅଭିଯୁକ୍ତମାନେ ଭଙ୍ଗାରୁଜା କରିଥିବା ଜେସିବି ଓ ଫେବର ମେସିନକୁ ଜବତ କରିଛି ପୋଲିସ । ସାକ୍ଷୀଗୋପାଳ ଉପଖଣ୍ଡ ଜଳସମ୍ପଦ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଅଧୀନ ରୂପଦେପୁର ସେକ୍ସନ ଅଫିସ ଅଧୀନରେ ଥିବା ବାଲିଗାଁ ମାଇନର କେନାଲ ବନ୍ଧ ପିଚୁ କାର୍ଯ୍ୟ କରୁଥିବା ବେଳେ ଉକ୍ତ କାର୍ଯ୍ୟକୁ ତଦାରଖ କରୁଥିବା ଡେଲାଙ୍ଗ ଥାନା ସୁରଙ୍ଗପୁର ଗ୍ରାମର ଅଜିତ ମହାନ୍ତିଙ୍କୁ



ଅଭିଯୁକ୍ତମାନେ ୧ଲକ୍ଷ ଟଙ୍କା ଦାଦାବଟି ମାଗିଥିଲେ । ଟଙ୍କା ନଦେଲେ କାମ କରେଇ ଦେବେନି ବୋଲି କହି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ମରାଣାନ୍ତକ ହତ୍ୟା ଧମକ ଦେଇଥିଲେ । ଅଜିତ ପ୍ରତିବାଦ କରିବାରେ ଅଭିଯୁକ୍ତମାନେ ରାସ୍ତା କାର୍ଯ୍ୟରେ ବ୍ୟବହୃତ ଜେସିବି ଚାଳକ ବଳଙ୍ଗା ଥାନା ବିରାଟା ସାହିର ବିଷ୍ଣୁ ପ୍ରସାଦ ପ୍ରଧାନଙ୍କୁ ମାଡମାରି ତାଙ୍କ ବେକରୁ ସୁନା ଚେନ ଛିଣ୍ଡାଇ ନେବା ସହ ଫେବର ମେସିନ ଚାଳକଙ୍କୁ ମଧ୍ୟ ଆକ୍ରମଣ କରି ଜେସିବି ଓ ଫେବର ମେସିନକୁ ଭଙ୍ଗାରୁଜା କରିଥିଲେ । ଏନେଇ ବିଷ୍ଣୁପ୍ରସାଦଙ୍କ ଭାଇ ବଳଙ୍ଗା ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ମାନଙ୍କୁ ଗିରଫ କରାଯାଇଥିଲା । ଘଟଣା ସ୍ଥଳରୁ ଭଙ୍ଗା ହୋଇଥିବା ଜେସିବି ଓ ଫେବର ମେସିନକୁ ଜବତ କରି ପୁଲିସ ପକ୍ଷରୁ ଅଧିକ ତଦନ୍ତ ଜାରିରହିଛି । ସୂଚନା ମୁତାବକ ଗତ ୨୦୧୮ ମସିହା ଜୁନ ମାସରେ - ବଉଳ ଚଉକା ଗ୍ରାମର ଗୋପାଳ ମାଣିଆଙ୍କ ଘରୁ ହୋଇଥିବା ଡକାୟତି ମାମଲାରେ ରାମଚନ୍ଦ୍ର ଅଭିଯୁକ୍ତ ଥିବା ନେଇ ପୁଲିସ ତଦନ୍ତ ସମୟରେ ଜାଣିବାକୁ ପାଇଛି । ସେହିଭଳି ଉକ୍ତ ସେକ୍ସନ ଅଫିସ ଅଧୀନରେ ବିଭିନ୍ନ ଜନହିତକର ସରକାରୀ ସମ୍ପ୍ରସାରଣ କାର୍ଯ୍ୟ ଚାଲି ଥିବା ବେଳେ ଅଂଚଳର କିଛି ବ୍ୟକ୍ତିମାନେ ବିଭିନ୍ନ ଆଳଦେଖାଇ ନିଯୁକ୍ତି ଠିକାଦାର ଓ ଅଧିକାରୀଙ୍କୁ ନାଲି ଆଖି ଦେଖାଇ ଅର୍ଥ ଆଦାୟ କରୁଥିବା ଅଭିଯୋଗ ଆଣିଛନ୍ତି ଠିକାଦାରମାନେ । ଅସାମାଜିକ ବ୍ୟକ୍ତି ମାନଙ୍କ ଦୌରାତ୍ମ୍ୟ ବଢ଼ି ଚାଲି ଥିବା ଯୋଗୁଁ ଜନହିତକର କାର୍ଯ୍ୟରେ ସମ୍ପୂର୍ଣ୍ଣ ବାଧା ସୃଷ୍ଟି ହେଉଛି । ତେଣୁ ଏଦିଗରେ ଉଚ୍ଚସ୍ଥ ଅଧିକାରୀ ଦୃଷ୍ଟି ଦେଇ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭିନ୍ନ ମହଲରୁ ଦାବି ହେଉଛି ।

# ଓଡ଼ିଶା ପୋଲିସର ଅପରେସନ 'ସାଇବର କବଚ'

କଟକ(ନିପ୍ର): ସାଇବର ଅପରାଧ ନେଟୱାର୍କକୁ ସଂପୂର୍ଣ୍ଣରୂପେ ଧ୍ୱଂସ କରିବା ଉଦ୍ଦେଶ୍ୟରେ ଓଡ଼ିଶା ପୋଲିସ ପକ୍ଷରୁ ଆରମ୍ଭ ହୋଇଥିବା "ଅପରେସନ ସାଇବର କବଚ" ଜାରି ରହିଛି । ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ଏହି ଅଭିଯାନକୁ ତ୍ୱରାନ୍ୱିତ କରାଯାଇଛି । ସେହି ଅନୁଯାୟୀ, ସାଇବର ଠକେଇରେ ବ୍ୟବହୃତ ବେନାମୀ ବ୍ୟାଙ୍କ ଆକାଉଣ୍ଟ ଏବଂ ଏଥିରେ ସଂପୃକ୍ତ ସହାୟକମାନଙ୍କୁ ଚିହ୍ନଟ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଏହି କ୍ରମରେ ସମଗ୍ର ରାଜ୍ୟରେ ମୋଟ ୩୫୭ଟି ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଂଚ କରାଯାଇଥିବାବେଳେ ୩୩ଟି ନୂତନ ସାଇବର ମାମଲା ରୁଜୁ ହୋଇଛି । ଏହି ସଂପର୍କିତ ମାମଲାରେ ୨୩ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ସହ ୩୩ଜଣ ସନ୍ଦିଗ୍ଧ ଆକାଉଣ୍ଟଧାରୀ ଓ ସହାୟକଙ୍କୁ ଆଇନଗତ ନୋଟିସ ଜାରି କରାଯାଇଛି । ଏହି ଅଭିଯାନରେ କେନ୍ଦୁଝର ଜିଲ୍ଲା ପୋଲିସ ସର୍ବାଧିକ ୨୦୩ଟି ବେନାମୀ ଆକାଉଣ୍ଟ ଯାଂଚ କରି ୬ଟି ସାଇବର ମାମଲା ରୁଜୁ କରିଥିବା ସହ ୭ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେହିପରି ସମ୍ବଲପୁର ଜିଲ୍ଲା ୬୩ଟି ବେନାମୀ ଆକାଉଣ୍ଟ ଯାଂଚ କରି ୮ଟି ମାମଲା ରୁଜୁ କରିବା ସହ ୧୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ବୌଦ୍ଧ ଜିଲ୍ଲା ପୋଲିସ ସର୍ବାଧିକ ୪ଟି ବେନାମୀ ଆକାଉଣ୍ଟ ଯାଂଚ କରି ୨ଟି ସାଇବର ମାମଲା ରୁଜୁ କରିଥିବା ସହ ୪ଜଣଙ୍କୁ ଆଇନଗତ ନୋଟିସ ଜାରି କରିଛି । ସେହିପରି ପୁରୀ ଜିଲ୍ଲା ପୋଲିସ ୭ଟି ବେନାମୀ ଆକାଉଣ୍ଟ ଯାଂଚ କରିଛି । ନବରଙ୍ଗପୁର ଜିଲ୍ଲା ପୋଲିସ ସର୍ବାଧିକ ୯ଟି ବେନାମୀ ଆକାଉଣ୍ଟ ଯାଂଚ କରି ୬ଟି ସାଇବର ମାମଲା ରୁଜୁ କରିଥିବା ସହ ୭ଜଣଙ୍କୁ ନୋଟିସ ଜାରି କରାଯାଇଛି । ସେହିପରି ବରଗଡ଼ ଜିଲ୍ଲା ପୋଲିସ ୮ଟି ଆକାଉଣ୍ଟ ଯାଂଚ ପରେ ୫ଟି ମାମଲା ରୁଜୁ ଓ ୩ ଗିରଫ, ଗଜପତି ଜିଲ୍ଲା ପୋଲିସ ୫ଟି ଆକାଉଣ୍ଟ ଯାଂଚ ପରେ ୧ଟି ମାମଲା ଓ ୫ ଜଣଙ୍କୁ ନୋଟିସ, କଳାହାଣ୍ଡି ଜିଲ୍ଲା ପୋଲିସ ୬ଟି ଆକାଉଣ୍ଟ ଯାଂଚ ପରେ ୧ଟି ମାମଲା ଓ ୬ଜଣଙ୍କୁ ନୋଟିସ କରିଛି । ସେହିପରି ରାୟଗଡ଼ା ଜିଲ୍ଲା ପୋଲିସ ୫ଟି ଆକାଉଣ୍ଟ ଯାଂଚ ପରେ ୩ଟି ମାମଲା ଓ ୩ଜଣଙ୍କୁ ନୋଟିସ ଜାରି କରିଛି । କୋରାପୁଟ ଜିଲ୍ଲା ପୋଲିସ ପକ୍ଷରୁ ୩ଟି ଆକାଉଣ୍ଟ ଯାଂଚ ପରେ ଗୋଟିଏ ମାମଲା ରୁଜୁ କରାଯାଇ ୩ଜଣଙ୍କୁ ନୋଟିସ ଜାରି କରାଯାଇଛି । ଏହି ଅଭିଯାନ ସଂପୃକ୍ତ ଜିଲ୍ଲାର ଏସପି ଓ ଡିସିପିମାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ସାଇବର ଟିମମାନଙ୍କ ସକ୍ରିୟ ସହଯୋଗରେ ଚାଲିଥିଲା । ସାଇବର ଅପରାଧିଙ୍କ ଆର୍ଥିକ ଭିତ୍ତିଭୂମିକୁ ନଷ୍ଟ କରିବା ହେଉଛି ଅପରେସନର ସାଇବର କବଚର ମୁଖ୍ୟ ଉଦ୍ଦେଶ୍ୟ ।

## ଗଞ୍ଜେଇ ଜବତ, ଜଣେ ଗିରଫ



କଟକ(ନିପ୍ର): ଗଂଜେଇ ଚାଲାଣ କରିବା ଅଭିଯୋଗରେ କଟକ ଜିଲ୍ଲା ଅବକାରୀ ମୋବାଇଲ ୟୁନିଟ ମଂଗଳବାର ସ୍ଥାନୀୟ ଜଗତପୁର ଥାନା ଅନ୍ତର୍ଗତ ଇପିକଲ ଛକ ନିକଟସ୍ଥ ଖଇରାବ୍ରିଜ ନିକଟରୁ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ କଟକ ଜିଲ୍ଲା ସାଲେପୁର ଥାନା ଅନ୍ତର୍ଗତ ମନୋହରପୁର ଗ୍ରାମର ଲକ୍ଷ୍ମଣ ନାୟକ (୪୭) । ଗିରଫ ଅଭିଯୁକ୍ତ ନିକଟରୁ ଅବକାରୀ ପୋଲିସ ୫କେଜି ଗଂଜେଇ ଓ ଗୋଟିଏ ରୟାଲ ଏନଫିଲ୍ଡ କ୍ଲାସିକ ୩୫୦ ବୁଲେଟ (ଓଡ଼ି୦୫ସିଡ଼ି୮୬୦୩) ଜବତ କରିଛି । ଜବତ ଗଂଜେଇର ଆନୁମାନିକ ମୂଲ୍ୟ ୨ଲକ୍ଷ ୫୦ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏହି ଚଢ଼ାଉରେ ଅବକାରୀ ଆଇଆଇସି ଭକ୍ତବତ୍ସଳ ବର୍ମା, କନେଷ୍ଟବଳ ଅଜୟ ଜେନା, ଦେବବ୍ରତ ଓଝା, ପୂର୍ଣ୍ଣେଶ୍ୱର ମାଝୀ, ଶଙ୍କର ସିଂହ ଓ ମୋନାଲିସା କର ପ୍ରମୁଖ ସାମିଲ ଥିଲେ । ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି ।

# ଟି-୨୦ ବିଶ୍ୱକପ୍‌ରୁ ଅଷ୍ଟ୍ରେଲିଆ ବିଦା




ନୂଆଦିଲ୍ଲୀ, ୧୭/୨: ଅଷ୍ଟ୍ରେଲିଆ ଟି-୨୦ ବିଶ୍ୱକପ୍ ରୁ ବାଦ ପଡ଼ିଛି । ଅଷ୍ଟ୍ରେଲିଆ ଭଳି ଟିମ୍ ସୁପର ୮ ରାଉଣ୍ଡରେ ପ୍ରବେଶ କରିନପାରିବା ସତରେ ଲଜ୍ଜାଜନକ । ଭାଗ୍ୟ ମଧ ଅଷ୍ଟ୍ରେଲିଆ ଦଳର ସାଥ୍ ଦେଇନାହିଁ। ଆଜି ବର୍ଷା ଯୋଗୁଁ ଆୟରଲ୍ୟାଣ୍ଡ-ଜିମ୍ବାୱେ ମ୍ୟାଚ୍ ବାତିଲ ହେବା ପରେ ଅଷ୍ଟ୍ରେଲିଆ ଟି-୨୦ ବିଶ୍ୱକପ୍ ରୁ ବାଦ ପଡ଼ିଛି । ଜିମ୍ବାୱେ ଏବେ ତିନୋଟି ମ୍ୟାଚ୍ ରୁ ପାଞ୍ଚ ପଏଣ୍ଟ ପାଇଛି, ଯଦିଓ ଅଷ୍ଟ୍ରେଲିଆ ପରବର୍ତ୍ତୀ ମ୍ୟାଚ୍ ଜିତିଯାଏ, ତଥାପି ଏହାର କେବଳ ଚାରି ପଏଣ୍ଟ ରହିବ। ପ୍ରଥମ ପର୍ଯ୍ୟାୟରୁ ଅଷ୍ଟ୍ରେଲିଆର ବିଦାୟ ବହୁତ ଆଶ୍ଚର୍ଯ୍ୟଜନକ, କାରଣ ଏହି ଦଳରେ କିଛି ଶ୍ରେଷ୍ଠ ବ୍ୟାଟସମ୍ୟାନ ଅଛନ୍ତି। ଦଳର ଶ୍ରେଷ୍ଠ ଦ୍ରୁତ ବୋଲର ପ୍ୟାଟ୍ କମିନ୍ସ ଏବଂ ଜୋଶ୍ ହାଜେଲଉଡ୍ ଆଘାତ କାରଣରୁ ଟୁର୍ଣ୍ଣାମେଣ୍ଟରୁ ବଞ୍ଚିତ ହୋଇଥିଲେ ମଧ, ଅଷ୍ଟ୍ରେଲିଆର ଏକ ଶକ୍ତିଶାଳୀ ବୋଲିଂ ଲାଇନଅପ୍ ଥିଲା। ଯାହା ଜିମ୍ବାୱେ ଏବଂ ଶ୍ରୀଲଙ୍କା ବିପକ୍ଷରେ ସମ୍ପୂର୍ଣ୍ଣ ବିଫଳ ପ୍ରମାଣିତ ହୋଇଥିଲା। ଅଷ୍ଟ୍ରେଲିଆ ପ୍ରଥମ ମ୍ୟାଚ୍ ରେ ଆୟର୍ଲାଣ୍ଡକୁ ପରାସ୍ତ କରିଥିଲା, କିନ୍ତୁ ତା'ପରେ ଜିମ୍ବାୱେଠାରୁ ୨୩ ରନରେ ଏବଂ ତା'ପରେ ଶ୍ରୀଲଙ୍କାଠାରୁ ୮ ୱିକେଟରେ ପରାସ୍ତ ହୋଇଥିଲା। ଜିମ୍ବାୱେ ବିଷୟରେ କହିବାକୁ ଗଲେ, ଏହା ଦଳ ପାଇଁ ଏକ ଐତିହାସିକ ମୁହୂର୍ତ୍ତ। କାରଣ ଦଳ ପ୍ରଥମ ଥର ପାଇଁ ଟି୨୦ ବିଶ୍ୱକପର ସୁପର ୮ ପର୍ଯ୍ୟାୟରେ ପହଞ୍ଚିଛି। ଏହା ପ୍ରଥମ ଥର ହେବ ଯେତେବେଳେ ଜିମ୍ବାୱେ ଅତି କମରେ ଶ୍ରେଷ୍ଠ ୮ ଦଳ ମଧରେ ଟୁର୍ଣ୍ଣାମେଣ୍ଟ ଶେଷ କରିବ। ଜିମ୍ବାୱେ ଏବେ ୨୬ ଫେବୃଆରୀ ରେ ସୁପର ୮ ପର୍ଯ୍ୟାୟରେ ଟିମ୍ ଇଣ୍ଡିଆ ସହିତ ମୁକାବିଲା କରିବ।

# ଦଶମ ବୋର୍ଡ ପରୀକ୍ଷା ଦେଲେନି ସୂର୍ଯ୍ୟବଂଶୀ




ନୂଆଦିଲ୍ଲୀ, ୧୭/୨: ସିବିଏସି ଦଶମ ବୋର୍ଡ ପରୀକ୍ଷା ଦେଲେନି ଭାରତୀୟ ବ୍ୟାଟିଂ ବିସ୍ମୟ ବୈଭବ ସୂର୍ଯ୍ୟବଂଶୀ। ଚଳିତ ବର୍ଷ ତାଙ୍କର ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଛାଡି ଦେଇଛନ୍ତି କାରଣ ତାଙ୍କର ଦ୍ରୁତ ଗତିରେ ବୃଦ୍ଧି ପାଉଥିବା କ୍ୟାରିୟରରେ କ୍ରିକେଟ୍ ପ୍ରତିବଦ୍ଧତା ପ୍ରାଥମିକତା ନେଇଛି। ବିହାରର ତାଜପୁରର ବାସିନ୍ଦା ସୂର୍ଯ୍ୟବଂଶୀ ତାଜପୁରର ମୋଡେଷ୍ଟି ସ୍କୁଲରେ ନାମ ଲେଖାଇଛନ୍ତି ଏବଂ ଫେବୃଆରୀ ୧୭ ରୁ ମାର୍ଚ୍ଚ ୧୧ ପର୍ଯ୍ୟନ୍ତ ବୋର୍ଡ ପରୀକ୍ଷା ଦେବାର ଥିଲା। ସ୍କୁଲ କର୍ତ୍ତୃପକ୍ଷଙ୍କ ଅନୁଯାୟୀ, ବୈଭବଙ୍କ ପରୀକ୍ଷା ଫର୍ମ ଦାଖଲ କରାଯାଇଥିଲା ଏବଂ ତାଙ୍କ ଆଡମିଟ୍ କାର୍ଡ ଯଥାସମ୍ଭବ ଜାରି କରାଯାଇଥିଲା। ତାଙ୍କ ପାଇଁ ଉଦ୍ଦିଷ୍ଟ କେନ୍ଦ୍ର ପୋଦାର ଇଣ୍ଟରନ୍ୟାସନାଲ୍ ସ୍କୁଲ ଥିଲା। ତଥାପି, ସେ ପେପର ପାଇଁ ରିପୋର୍ଟ କରି ନଥିଲେ। ସେ ଆହୁରି ମଧ କହିଛନ୍ତିସେ ଆଜି ଅନୁପସ୍ଥିତ ଅଛନ୍ତି। ସେ ପରୀକ୍ଷା କେନ୍ଦ୍ରକୁ ଆସି ନାହାଁନ୍ତି। ଆମେ ସିବିଏସି ନୀତି ଅନୁସାରେ ତାଙ୍କୁ ଅନୁପସ୍ଥିତ ଚିହ୍ନଟ କରିଛୁ ଯଦି ଜଣେ ଛାତ୍ର ଅନୁପସ୍ଥିତ ଅଛନ୍ତି,ତେବେ ଆମକୁ ତାଙ୍କୁ ଅନୁପସ୍ଥିତ ଚିହ୍ନଟ କରିବାକୁ ପଡିବ ଆମେ ଆଶା କରୁଥିଲୁ ଯେ ସେ ଆସି ପରୀକ୍ଷା ଦେବେ।

# ବିଜେଡି ପକ୍ଷରୁ ୨୪ରେ ବିକ୍ଷୋଭ ପ୍ରଦର୍ଶନୀ

ନିମାପଡ଼ା, ୧୭।୨(ନିପ୍ର): ନିମାପଡ଼ା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସମସ୍ୟା ସମାଧାନରେ ରାଜ୍ୟ ସରକାର ବିଫଳ ହୋଇଥିବା ପ୍ରତିବାଦ କରି ପୁରୀ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଏକ ଶୋଭାଯାତ୍ରା ଓ ସାଧାରଣ ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ହଜାର ହଜାର କର୍ମୀ ବିଭିନ୍ନ ସ୍ଲୋଗାନ ଦେଇ ନିମାପଡ଼ା ବଜାର ପରିକ୍ରମା କରିବା ସାଙ୍ଗକୁ ଟାଉନ୍ ହଲ୍ ପରିସରରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ପୁରୀ ଜିଲ୍ଲା ବିଜୁ ଜନତା ଦଳ ସଭାପତି ତଥା ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ରାଜ୍ୟ ସଭା ସାଂସଦ ସୁବାଶିଷ ଖୁଣ୍ଟିଆ, ପିପିଲି ନେତା ରୁଦ୍ର ପ୍ରସାଦ ମହାରଥୀ, ରାଜ୍ୟ ଉପ-ସଭାପତି ସଂଜୟ ଦାଶବର୍ମା, ଦିବାକର ପାତ୍ର, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପୁରୀ ବିଧାୟକ ସୁନୀଲ ମହାନ୍ତି, ଜିଲ୍ଲା ମହିଳା ସଭାନେତ୍ରୀ କସ୍ତୁରୀବାଳା ସ୍ୱାଇଁ, ସୁବ୍ରତ ଛାଟୋଇ, ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ର ମଲ୍ଲିକ, କୁଞ୍ଜଲତା ସାମଲ ପ୍ରମୁଖ ଉଦ୍‌ବୋଧନ ଦେଇ ଆଇନ ଶୃଙ୍ଖଳା ପରିସ୍ଥିତି ଅବନତି, ଚାଷୀ ମାରଣ ନୀତି, ଧାନ ମଣ୍ଡିରେ ବ୍ୟାପକ ଅବ୍ୟବସ୍ଥା ନେଇ ରାଜ୍ୟ ସରକାରଙ୍କ କାର୍ଯ୍ୟ ଶୈଳୀ ଉପରେ ବର୍ଷି ଥିଲେ । ଧାନ ମଣ୍ଡିରେ ଅଦ୍ୟାବଧି ଶହ ଶହ ଚାଷୀ ପଞ୍ଜୀକରଣ କରି ଧାନ ବିକ୍ରି କରିପାରୁ ନଥିବା ବେଳେ ସହାୟତା ରାଶି ୮୦୦ ଟଙ୍କା (ଇନ୍‌ପୁଟ୍) ପାଇବାରେ ମଧ ଅସୁବିଧା ଦେଖା ଦେଇଥିବା କୁହାଯାଇଛି ।




ସିବିଏସଇ ଦଶମ ବୋର୍ଡ ପରୀକ୍ଷା: ହଲ୍ ଭିତରକୁ ଯିବା ପୂର୍ବରୁ ପୋଖରୀପୁଟ୍ ଡିଏଭି ସ୍କୁଲର ଛାତ୍ରୀମାନେ, ପ୍ରଥମ ଦିନର ପରୀକ୍ଷା ଦେଇ ଫେରୁଛନ୍ତି କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀମାନେ

## ନିରାଶ ହୋଇ ଓଡ଼ିଶା ଫେରିଲେ ସାର୍ଥକଙ୍କ ମା' ଓ ମାମୁ

# ସିପିଂ କମ୍ପାନୀ ତଥ୍ୟ ଦେଉ ନ ଥିବା ଅଭିଯୋଗ ଆଣିଲେ

ଭୁବନେଶ୍ୱର,୧୭/୨ : ପୁଅକୁ ନ ପାଇ ନିରାଶ ହୋଇ ଓଡ଼ିଶା ଫେରି ଆସିଲେ ସାର୍ଥକ ମା' ଓ ମାମୁଁ । ଗତ ଦୁଇ ଦିନ ତଳେ ନିଖୋଜ ନାବିକ ପୁଅକୁ ଖୋଜିବା ପାଇଁ ସିଙ୍ଗାପୁର ଯାଇଥିଲେ । ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ କୋହଭରା କଣ୍ଠରେ ନିରାଶ ହୋଇଥିବା କହିଛନ୍ତି । ସାର୍ଥକ କାମ କରୁଥିବା ସିପିଂ କମ୍ପାନୀ ନିଖୋଜ ସାର୍ଥକ ବାବଦରେ ତଥ୍ୟ ଦେବାରେ ସହଯୋଗ କରିବା ବଦଳରେ ଚାପ ପକାଇବାକୁ ପ୍ରବଳ ଉଦ୍ୟମ କରିଥିଲା ବୋଲି ସଙ୍ଗୀନ ଅଭିଯୋଗ କରିଛନ୍ତି ମାମୁଁ ସନ୍ତୋଷ କୁମାର ସାହୁ। ସାର୍ଥକ କାମ କରୁଥିବା ସିପିଂ କମ୍ପାନୀ ପକ୍ଷରୁ ତାଙ୍କୁ ବିଲକୁଲ ସହଯୋଗ କରାଗଲା ନାହିଁ । ଓଲଟା ଚାପ ପକାଇବାକୁ ଚେଷ୍ଟା କରିଥିଲେ । କମ୍ପାନୀର ଏଚଆର ମ୍ୟାନେଜର, ଆଡଭୋକେଟ୍ କୌଣସି ସାହାଯ୍ୟ ସହଯୋଗ କରିଲେ ନାହିଁ । ଗୋଟିଏ ସିଗ୍ନେଚର୍ ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରାଇଲେ । ଏପରିକି ଡିଜି ସିପିଂର ଷ୍ଟାଫଙ୍କୁ ମଧ ଏଚଆର ମ୍ୟାନେଜର, ଆଡଭୋକେଟ୍ ଖରାପ ବ୍ୟବହାର କଲେ। ଭବିଷ୍ୟତରେ କୌଣସି ଅର୍ଥ କିମ୍ବା ଆଇନଗତ ଦୃଷ୍ଟିକୋଣରୁ ନିବୃତ୍ତ ରହିବା ପାଇଁ ପରୋକ୍ଷରେ ଚେତାବନୀ ଦେଇଛନ୍ତି। ସିଙ୍ଗାପୁରରୁ ଭୁବନେଶ୍ୱର ଫେରିବା ପରେ ବିମାନ ବନ୍ଦରରେ କୋହଭରା କଣ୍ଠରେ କହିଛନ୍ତି ସାର୍ଥକଙ୍କ ମାମୁଁ ସନ୍ତୋଷ କୁମାର ସାହୁ। ତାଙ୍କ ମା'କୌଣସି ପ୍ରତିକ୍ରିୟା ଦେବାକୁ ମନା କରି ଦେଇଥିଲେ । ମାମୁ କହିଛନ୍ତି, ଯେଉଁ ଆଶା ନେଇ ଯାଇଥିଲୁ, ଆମେ ଆମ ଛୁଆକୁ ପାଇବୁ, କିନ୍ତୁ ସିପିଂ କମ୍ପାନୀ ଆମକୁ ଆଦୌ ସହଯୋଗ କଲାନି। ଆମେ ଯାହା ସନ୍ଦେହ କରୁଛୁ, ସେମାନେ କିଛି ଲୁଚାଉଛନ୍ତି। ସେଇଟା ସତ ଭଳି ଲାଗୁଛି। ସେମାନେ ଆମଠୁ ଏକ ଏଗ୍ରିମେଣ୍ଟରେ ଦସ୍ତଖତ କରାଇବାକୁ ଚେଷ୍ଟା କଲେ। ଯେମିତି ଆଗାମୀ ଦିନରେ ଆମେ ତାଙ୍କ ବିରୋଧରେ କୌଣସି କେଶ କରିପାରିବୁନି। ସେଠି ଆମକୁ ବହୁତ ସମୟ ରଖିଦେଲେ ଶେଷରେ ଆମେ ସନ୍ଧ୍ୟାରେ ଯେତେବେଳେ ଆମେ ସିପକୁ ଗଲୁ, ସେତେବେଳେ ଆମେ ସିପର ଲୋକମାନଙ୍କ ସହ କଥା ହେବାକୁ ଚେଷ୍ଟା କରୁଥିଲୁ। ହେଲେ ସିପର ଏଚଆର ମ୍ୟାନେଜର ଇଆନ ଦୁବେଶ, ଶାନ୍ତନୁ ଆମକୁ ବାରମ୍ବାର ସେଠି ଅଟକାଉଥିଲେ। ଆମେ ଯେତେବେଳେ ସର୍ଚ୍ଚ କରିବା ପାଇଁ କହିଥିଲୁ, ସେତେବେଳେ ଆମକୁ ୧୦ରୁ ୧୫ ଜଣ ଘେରି ରହିଥିଲେ। ସେମାନେ କେବଳ ଜାହାଜରେ ସାର୍ଥକ ଚ୍ୟାମ୍ବର ଭିତରକୁ ଯିବାକୁ ସୁଯୋଗ ଦେଇଥିଲେ। ଯେତେ ଅନୁରୋଧ କଲେ ବି ଅନ୍ୟ ସ୍ଥାନକୁ ଯିବାକୁ ସୁଯୋଗ ଦେଲେନି। ମିସିଂ ବିଷୟରେ ଆମକୁ କୌଣସି ଅବଗତ କରାଇଲେନି।

# ୮ ପରୀକ୍ଷା କେନ୍ଦ୍ରରେ ୧୩୩୫ ପରୀକ୍ଷାର୍ଥୀ

କାକଟପୁର ୧୭/୨(ନିପ୍ର): ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ କାକଟପୁର ବ୍ଲକ ଶିକ୍ଷା ବିଭାଗ ଅଧୀନସ୍ଥ ୮ଟି ହାଇସ୍କୁଲରେ ୧୩୩୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ବୋଲି ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ଜଣାପଡିଛି । ସୂଚନା ମୁତାବକ କାକଟପୁର ସରକାରୀ ହାଇସ୍କୁଲରେ ୨୮୦, ଗୋପିକାନ୍ତ ପୁର ହାଇସ୍କୁଲରେ ୧୭୦, ବରୁଣେଇ ହାଇସ୍କୁଲରେ ୧୫୯, ବଟେଶ୍ୱର ନୋଡାଲ ହାଇସ୍କୁଲରେ ୧୫୭, ବୀରଭଦ୍ର ନୋଡାଲ ହାଇସ୍କୁଲରେ ୧୩୭, ଲତାହରଣ ହାଇସ୍କୁଲରେ ୧୭୯, କାକଟପୁର ବାଳିକା ନୋଡାଲ ହାଇସ୍କୁଲରେ ୨୫୩ ଜଣ ମୋଟ ୧୩୩୫ ଛାତ୍ର, ଛାତ୍ରୀ ପରୀକ୍ଷା ଦେବେ । ଏଥିପାଇଁ କାକଟପୁର ସରକାରୀ ହାଇସ୍କୁଲରେ ପ୍ରଶ୍ନପତ୍ର କଡାସୁରକ୍ଷା ମଧରେ ରଖାଯିବା ସହିତ ସମସ୍ତ ପରୀକ୍ଷା କେନ୍ଦ୍ର ମାନଙ୍କରେ ଠିକ ସମୟରେ ଓ ସୁଚାରୁ ରୂପେ ପହଂଚିବ ବୋଲି ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି ।

# ଅତିରିକ୍ତ ଜିଲ୍ଲାପାଳଙ୍କ ବହୁମୁଖୀ ଆଶ୍ରୟସ୍ଥଳ ପରିଦର୍ଶନ



ପୁରୀ, ୧୭/୨(ନିପ୍ର): ମଙ୍ଗଳବାର ଅପରାହ୍ନରେ ପୁରୀ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ବ୍ରହ୍ମଗିରିର ବିଡିଓ ମନୀଷା ଷଡ଼ଙ୍ଗୀ, ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ସହିତ ବ୍ରହ୍ମଗିରି ବ୍ଲକର ମୋଟ ଏବଂ ସାତିକପୁର ଗ୍ରାମ ପରିଦର୍ଶନ କରିଥିଲେ। ତାଙ୍କ ଗସ୍ତ ସମୟରେ ସାତିକପୁରର ବହୁମୁଖୀ ସାଇକ୍ଲୋନ୍ ଆଶ୍ରୟସ୍ଥଳ ବା ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳର ମରାମତି କାର୍ଯ୍ୟ ଯାଞ୍ଚ କରିଥିଲେ। ଏହା ସହିତ, ସୁନାମି ମୁକାବିଲା ପାଇଁ ପ୍ରସ୍ତୁତ ଚିହ୍ନଟ କାର୍ଯ୍ୟକ୍ରମ ଦ୍ୱିତୀୟ ପର୍ଯ୍ୟାୟ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକଳାପର ସମୀକ୍ଷା କରିଥିଲେ। ପରେ ଶ୍ରୀ ବେହେରା ସୁନାମି ସଚେତନତା ସମ୍ପର୍କରେ ସମ୍ପ୍ରଦାୟ ସଦସ୍ୟ, ଗ୍ରାମବାସୀ ଏବଂ ସ୍କୁଲ ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା ଏବଂ ମୋଟ ଗ୍ରାମରେ ସୁନାମି ସାଇନେଜ ସ୍ଥାପନ ମଧ ଯାଞ୍ଚ କରିଥିଲେ।

# ବିଜେଡିକୁ ଫେରିବାକୁ ଆଶା ନାହିଁ: ସନାତନ ମହାକୁଡ଼

ଭୁବନେଶ୍ୱର ୧୭।୨: ବିଜେଡିରୁ ନିଲମ୍ବନ ନେଇ ମୁହଁ ଖୋଲିଲେ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ । ସେ କହିଛନ୍ତି ମୁଁ ନବୀନ ପଟ୍ଟନାୟକ କି ପାଣ୍ଡିଆନଙ୍କ ବିରୋଧରେ କିଛି କହିନାହିଁ । କାହିଁକି ସେମାନଙ୍କର ରାଗ ଜାଣିନାହିଁ । ଜିଲ୍ଲା ବିକାଶ କଥା କହିବାରୁ ମୋତେ ନିଲମ୍ବନ କରିଛନ୍ତି । ବିଜେଡିରୁ ବାହାରି ମୁଁ ଦୁଃଖୀ ନାହିଁ କି ସୁଖୀ ନାହିଁ । ନିଲମ୍ବନ ନ୍ୟାୟ କି ଅନ୍ୟାୟ ମୁଁ ଜାଣିନି । ମୁଁ ଲୋକଙ୍କ ପାଇଁ କାମ କରିବି । ମୁଖ୍ୟମନ୍ତ୍ରୀ ହେଲେ ମୋ ସାନ ଭାଇ । ଜିଲ୍ଲାର ବିକାଶ ପାଇଁ ମୁଁ ତାଙ୍କ ସହିତ କଥା ହେବିନି । ମୁଁ ବିଜେଡିକୁ ଫେରିବା ଆଶା ନାହିଁ ବୋଲି କହିଲେ ସନାତନ ମହାକୁଡ଼ । ଗତ ଜାନୁଆରୀ ୧୫ ତାରିଖରେ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ଙ୍କୁ ବିଜେଡିରୁ ନିଲମ୍ବନ କରାଯାଇଥିଲା । ଦଳ ସଭାପତି ନବୀନ ପଟ୍ଟନାୟକ ସନାତନ ମହାକୁଡ଼ଙ୍କୁ ସସ୍‌ପେଣ୍ଡ କରିଥିଲେ । ଦଳ ବିରୋଧୀ କାର୍ଯ୍ୟ ପାଇଁ ସନାତନ ମହାକୁଡ଼ଙ୍କ ସହ ଅରବିନ୍ଦ ମହାପାତ୍ରଙ୍କୁ ସସ୍‌ପେଣ୍ଡ କରାଯାଇଥିଲା ।

# ଅଭିଯୁକ୍ତ ପୁଲିସ୍ ହାତରୁ ଚମ୍ପଟ

ଭଦ୍ରକ, ୧୭।୨(ନିପ୍ର): ଜନୈକା ଛାତ୍ରୀଙ୍କୁ କମେଣ୍ଟମରା ଘଟଣାକୁ ନେଇ କେତେକ ଯୁବକ ଜଣେ ଯୁବକକୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୁକ୍ତକୁ ସହରାଞ୍ଚଳ ଥାନା ପୁଲିସ୍ ଗିରଫ କରିଥିଲା। ଏବଂ ସଂପୃକ୍ତ ଦୁଇଜଣଙ୍କୁ ସ୍ଥାନୀୟ ରିଜର୍ଭ ପୁଲିସ୍ ଗ୍ରାଉଣ୍ଡରେ ରଖି ପଚରାଉଚୁରା କରୁଥିଲା। ତେବେ ଜେରା ସମୟରେ ଭଦ୍ରକ ପୁରୁଣାବଜାର ଥାନା ଅଧୀନସ୍ଥ ନାଥସାହି ଗ୍ରାମର ସ୍ମୃତିରଂଜନ ନାଥ ପୁଲିସ୍ ହେପାଜତରୁ ଚମ୍ପଟ ମାରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ସେ ଫେରାର ହୋଇଯିବା ପରେ ପୁଲିସ୍ ଅନ୍ୟତମ ଅଭିଯୁକ୍ତ ଆଶିଷ ନାଥକୁ ଜେଲ୍ ହାଜତକୁ ପଠାଇଦେଇଛି। ଏଠାରେ ସୂଚନାଯୋଗ୍ୟ ଅପହରଣ ହୋଇଥିବା ଯୁବକକୁ ଅଭିଯୁକ୍ତମାନେ ଗତ ୧୨ ତାରିଖ ଦିନ ଏକ କାର୍‌ରେ ନେଇ ମରଣାନ୍ତକ ଆକ୍ରମଣ କରି ରକ୍ତାକ୍ତ ଅବସ୍ଥାରେ ରାସ୍ତା ପାର୍ଶ୍ୱରେ ପକାଇଦେଇଥିଲେ। ପୁଲିସ୍ ତାକୁ ଉଦ୍ଧାର କରି ଭଦ୍ରକ ମେଡିକାଲରେ ଭର୍ତ୍ତି କରିଥିଲା। ଏଥିନେଇ ଆକ୍ରମଣର ସମ୍ମୁଖୀନ ହୋଇଥିବା ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯିବା ପରେ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।


## ହଜିବା ଘୋଷଣା

ମୁଁ ଦେବରାଜ ପରିଡା, ପିତା-ସ୍ୱର୍ଗତ ଶଙ୍କର ମଲ, ଗ୍ରାମ/ପୋ-ତାରିଆ, ଥାନା-ରଣପୁର, ଜିଲ୍ଲା-ନୟାଗଡ, ଓଡିଶା, ସତ୍ୟପାଠ ନଂ ୨୧ ତାରିଖ ୧୬.୦୨.୨୦୨୬ ଜରିଆରେ ଏହା ଘୋଷଣା କରୁଛି କି, ମୁଁ ୨୯ ସେପ୍ଟେମ୍ବର, ୨୦୧୯ ପୂର୍ବାହ୍ନ ୧୧.୦୦ଟା ସମୟରେ ମୋ ଗ୍ରାମ ତାରିଆ ରୁ ରଣପୁର ନିଜର ମଟରସାଇକେଲରେ ଯିବା ବାଟରେ ଆରଓଆର ମଉଜା-ତାରିଆ, ଖାତା ନଂ-୨୦୮ ଯାହା ମୋ ନାମରେ ଥିଲା । ତାହା ଏହି ବାଟରେ ହଜିଯାଇଛି । ତେଣୁ ଯଦି କୌଣସି ସହୃଦୟ ବ୍ୟକ୍ତି ଉକ୍ତ କାଗଜ ପାଇଥିବେ ତେବେ ଉପରେ ଦିଆଯାଇଥିବା ଠିକଣା ଓ ମୋବାଇଲ ନଂ.୯୯୩୮୫୬୩୫୯୫ରେ ଯୋଗାଯୋଗ କରିପାରିବେ ।

ସ୍ୱା/-ଦେବରାଜ ପରିଡା


# ହାତୀମାନଙ୍କୁ ରେଡ଼ିଓ କଲାର ବାନ୍ଧିବା ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର, ୧୭/୨(ନିପ୍ର): ହାତୀଙ୍କ ସୁରକ୍ଷା ପାଇଁ ବନ ବିଭାଗ ଆରମ୍ଭ କରିଛି ସ୍ୱତନ୍ତ୍ର ପ୍ରୟାସ ଓ ଦୀର୍ଘଦିନ ବ୍ୟବଧାନ ପରେ ଚନ୍ଦକା ବନ ବିଭାଗ ତରଫରୁ ପୁଣି ଆରମ୍ଭହେଇଛି ହାତୀ ମାନଙ୍କୁ ରେଡ଼ିଓ କଲାର ବାନ୍ଧିବା ପ୍ରକ୍ରିୟା ଓ ଚନ୍ଦକା ଡିଏଫଓଙ୍କ ତତ୍ତ୍ୱାବଧାନରେରେ ଚନ୍ଦକା ଡିଭିଜନ ଷ୍ଟାଫ୍ ଏବଂ ନନ୍ଦନକାନନ ଟିମ୍ ଭରତପୁର ଜଙ୍ଗଲ ଭିତରେଉତ୍ପାତ ମଚାଇଥିବା ଦନ୍ତା ହାତୀ ପଲଙ୍କ ଦେହରେ ପ୍ରଥମ ରେଡ଼ିଓ କଲାର ବନ୍ଧା ଯିବା ପାଇଁ ହୋଇଛିନିଷ୍ପତ୍ତି ଓ ସେଥିପାଇଁ ପ୍ରଥମେ ଦନ୍ତାକୁ ଟ୍ରାଙ୍କୁଲାଇଜ୍ କରାଯିବ ବୋଲି ଡିଏଫଓ ପାଖରୁ ମିଳିଛି ସୂଚନା ଓହାତୀ ବେକରେ ରେଡ଼ିଓ କଲାର ବନ୍ଧା ଗଲେ, ସାଟେଲାଇଟ୍ ଜରିଆରେ ହାତୀ କୁଆଡେ ଗଲେ ଆଗୁଆ ସୂଚନା ପାଇ ପାରିବ ବନବିଭାଗ ଓ ଢେଙ୍କାନାଳ ଡିଭିଜନରୁ ରେଡ଼ିଓ କଲାର ଆସିଛି। ପୂର୍ବରୁ ରାମୁ ହାତୀକୁ ରେଡିଓ କଲାର ବାନ୍ଧିବା ପାଇଁ ପ୍ରୟାସ କରିଥିଲା ବନବିଭାଗ ।

# ବିଧାନସଭାରେ ବଦଳିଲା ସନାତନ ଏବଂ ଅରବିନ୍ଦଙ୍କ ଆସନ




ଭୁବନେଶ୍ୱର, ୧୭/୨(ନିପ୍ର): ବିଜୁ ଜନତା ଦଳରୁ ନିଲମ୍ବିତ ହେବା ପରେ ଦୁଇ ବିଧାୟକ ସନାତନ ମହାକୁଡ଼ ଏବଂ ଅରବିନ୍ଦ ମହାପାତ୍ରଙ୍କ ବିଧାନସଭା ଆସନ ମଧ ବଦଳି ଯାଇଛି । ବଜେଟ୍ ଅଧିବେଶନର ପ୍ରଥମ ଦିନରେ ଉଭୟ ବିଧାୟକ ପରିବର୍ତ୍ତିତ ଆସନରେ ବସିଛନ୍ତି । ଆଜିଠାରୁ ବିଧାନସଭା ଅଧିବେଶନ ଆରମ୍ଭ ହୋଇଛି । ଗୃହରେ କିଛି ପରିବର୍ତ୍ତନ ଦେଖିବାକୁ ମିଳିଥିଲା । ବିଧାନସଭାର ନିୟମ ମୁତାବକ ବିଜେଡ଼ିରୁ ନିଲମ୍ବିତ ହୋଇଥିବା ଦୁଇ ଜଣ ବିଧାୟକଙ୍କ ଆସନକୁ ବଦଳାଯାଇଛି । ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ସିଟ୍ ସଂଖ୍ୟା ଏଫ୍୧୪ ରୁ ବଦଳି ଏଫ୍ ୨୧ ହୋଇଛି । ବିଜେଡ଼ିର ସରୋ ବିଧାୟକ ମାଧବ ଧଡ଼ାଙ୍କ ଆସନରେ ସନାତନ ମହାକୁଡ଼ ବସିବେ । ସେହିପରି ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ବିଧାନସଭା ଆସନ ସଂଖ୍ୟା ଜି-୧୯ରୁ ଏଫ୍- ୧୯ ହୋଇଛି । ଅରବିନ୍ଦଙ୍କ ଆସନ ସୁନିଲ ମହାନ୍ତିଙ୍କ ସହିତ ପରିବର୍ତ୍ତନ କରାଯାଇଛି । ପ୍ରକାଶ ଯୋଗ୍ୟ, ଜାନୁଆରୀ ୧୫ ତାରିଖରେ ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଓ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ଙ୍କୁ ନିଲମ୍ବନ କରିଥିଲେ ।

# ଜଙ୍ଗଲରେ ଚାଲିଥିଲା ଜୁଆ ଆଡ୍ଡା: ୧୦ ଲକ୍ଷ ଟଙ୍କା, ଥାର୍ ଜବତ

ଖୋର୍ଦ୍ଧା,୧୭/୨(ନିପ୍ର): ଟାଙ୍ଗୀ ପୋଲିସ ୧୦ ଲକ୍ଷ ୩୮ ହଜାର ଟଙ୍କା ଜବତ କରିଛି। ଖୋର୍ଦ୍ଧା, ପୁରୀ, ଗଞ୍ଜାମ ଓ କଟକ ଜିଲ୍ଲାର ୨୦ ଜୁଆଡ଼ି ଗିରଫ କରିଛି। ସେମାନଙ୍କ ଗୋଟିଏ ଥାର, ୪ ବାଇକ, ୨୦ ଟି ମୋବାଇଲ ଫୋନ ଜବତ କରିଛି ପୋଲିସ। ଗିରଫ ଅଭିଯୁକ୍ତ ହେଲେ ବୁଦ୍ଧିମାନ ବିଶ୍ୱାଳ, ମୁରଲୀ ଧର ସେଠି, ରମେଶ ଚନ୍ଦ୍ର ବାରିକ, ଅବଦୁଲ ଅଜିମ ଖାଁ, ବିକାଶ ସ୍ୱାଇଁ, ରାମଚନ୍ଦ୍ର ବେହେରା, ପ୍ରଦୀପ କୁମାର ନାୟକ,ଲକ୍ଷ୍ମୀଧର ସାହୁ, ଶିବ ସ୍ୱାଇଁ, ଦିଲୀପ ସାହୁ, କାହ୍ନୁ ବେହେରା, ଶିବ ଶଙ୍କର ସେନାପତି, ନାରାୟଣ ସୁବୁଦ୍ଧି, ବିପିନ ପ୍ରଧାନ, ରଂଜନ ରାଉଳ, ଲକ୍ଷ୍ମୀଧର ବେହେରା, ରାଜ କିଶୋର ପ୍ରଧାନ, ଅଜିତ କୁମାର ଗୌଡ଼, ଜି ନରେଶ ଓ ଯଶବନ୍ତ ଦେବତା । ଗତକାଲି ବିଳମ୍ବିତ ରାତିରେ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଥାନା କୁଞ୍ଜୁରୀ ପଂଚାୟତ କାର୍ଯ୍ୟାଳୟ ନିକଟ କାଜୁ ଜଙ୍ଗଲରେ ଚାଲିଥିଲା ଜୁଆ ଖେଳ। ଖବରପାଇ ଟାଙ୍ଗୀ ପୋଲିସ ଜଙ୍ଗଲରେ ଚାରିଆଡୁ ଘେରିଥିଲା। ଜୁଆଡି ଖସି ଯିବାକୁ ଉଦ୍ୟମ ବେଳେ ମାଡି ବସିଥିଲା ପୋଲିସ। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ

# ଶୃଙ୍ଖଳା ଓ ଅନୁଶାସନକୁ ଦିଆଯିବ ଗୁରୁତ୍ୱ

**ଭୁବନେଶ୍ୱର, ୧୭।୨(ନିପ୍ର):** ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହା ଅଭିଯାନରେ ଶୃଙ୍ଖଳା ଓ ଅନୁଶାସନକୁ ଗୁରୁତ୍ୱ ଦିଆଯିବ। ସିଦ୍ଧାନ୍ତ, ବିଚାର ଓ ରାଷ୍ଟ୍ର ନିର୍ମାଣ ଚିନ୍ତାଧାରାରେ ଅନୁପ୍ରାଣିତ ହେବାକୁ ଶିବିରରେ କାର୍ଯ୍ୟକର୍ତ୍ତାଙ୍କୁ ପ୍ରଶିକ୍ଷଣ ଦିଆଯିବ । ପ୍ରଥମରେ ରାଷ୍ଟ୍ର, ଦ୍ୱିତୀୟରେ ସଂଗଠନ ଏବଂ ତୃତୀୟ ତଥା ଶେଷରେ ବ୍ୟକ୍ତିତ୍ୱ ; ଏହା ହେଉଛି ବିଜେପିର ମୂଳମନ୍ତ୍ର ବୋଲି ରାଜ୍ୟ ସାଧାରଣ ସମ୍ପାଦକ ବିରଂଚି ନାରାୟଣ ତ୍ରିପାଠୀ ସୂଚନା ଦେଇଛନ୍ତି । ବିଜେପି ରାଜ୍ୟ କାର୍ଯ୍ୟାଳୟରେ ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ-୨୦୨୬ କୁ ନେଇ ପ୍ରଦେଶ ଯୋଜନା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରାଜ୍ୟ ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂହ ତୋମାର, ରାଜ୍ୟ ସହପ୍ରଭାରୀ ଲତା ଉଷେଣ୍ଡି, ରାଷ୍ଟ୍ରୀୟ ଉପସଭାନେତ୍ରୀ ତଥା ରାଜ୍ୟସଭା ସାଂସଦ କବିତା ପଟିଦାର, ପ୍ରଫେସର ଦିନେଶାନନ୍ଦ ଗୋସ୍ୱାମୀ, ରାଜ୍ୟ ସଂଯୋଜକ ତଥା ସାଂସଦ ବଳଭଦ୍ର ମାଝୀ, ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଚଳିତବର୍ଷ ପାର୍ଟିର ୧୦୫୨ ମଣ୍ଡଳ, ୩୭ ସାଙ୍ଗଠନିକ ଜିଲ୍ଲା ସମେତ ସମସ୍ତ ୭ ମୋର୍ଚ୍ଚାର ଜିଲ୍ଲାସ୍ତରରୁ ଆରମ୍ଭ କରି ପ୍ରଦେଶ ପର୍ଯ୍ୟନ୍ତ କାର୍ଯ୍ୟକର୍ତ୍ତା, ବିଧାୟକ ଓ ସାଂସଦମାନଙ୍କୁ ନେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ବିକାଶ ପାଇଁ କେଉଁ ବିଷୟରେ ପ୍ରଶିକ୍ଷଣ ରହିବ ସେସବୁ ପ୍ରସଙ୍ଗ ନିର୍ଦ୍ଧାରିତ ହୋଇଥିଲା । ରାଜ୍ୟସ୍ତରରୁ ବୁଥ ସ୍ତର ଯାଏଁ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯିବ ବୋଲି ଶ୍ରୀ ତ୍ରିପାଠୀ ସୂଚନା ଦେଇଛନ୍ତି ।



# ବିଷ ପିଇ ଦେଇଥିବା ପିଇଓଙ୍କ ମୃତ୍ୟୁ

ବ୍ରହ୍ମପୁର,୧୭।୨: ଯୌନ ନିର୍ଯାତନା ଅଭିଯୋଗ ପରେ ବିଷ ପିଇ ଦେଇଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ)ଙ୍କର ମୃତ୍ୟୁ ହୋଇଛି । ମୃତକ ହେଲେ ଗଞ୍ଜାମ ଜିଲ୍ଲା ଚିକିଟି ପିଇଓ ଦଣ୍ଡପାଣି ପାତ୍ର । ବ୍ରହ୍ମପୁର ଏମକେସିଜି ମେଡ଼ିକାଲରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି । ପିଇଓଙ୍କ ବିରୁଦ୍ଧରେ ଜଣେ ଅତିରିକ୍ତ ମହିଳା ତହସିଲଦାର ଅଶାଳୀନ ବ୍ୟବହାରର ଅଭିଯୋଗ ଆଣିଥିଲେ । ଯାହା ପରେ ପିଇଓ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ । ଦୀର୍ଘ ଦିନ ଚିକିତ୍ସା ପରେ ସେ ପ୍ରାଣ ହରାଇଛନ୍ତି । ଜଣେ କାର୍ଯ୍ୟରତ ଅତିରିକ୍ତ ମହିଳା ତହସିଲଦାରଙ୍କୁ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ଯୌନ ନିର୍ଯ୍ୟାତନା ଦେଇଥିବା ଅଭିଯୋଗ ନେଇ ଗୋଳନ୍ଥରା ଥାନାରେ ମାମଲା ହୋଇଥିଲା । ଏହା ପରେ ସମ୍ପୃକ୍ତ ପିଇଓ ବିଷ ପିଇ ଦେଇଥିଲେ ବୋଲି କୁହାଯାଇଛି ।


13001/276/2526

KORAPUT MUNICIPALITY

QUOTATION CALL NOTICE

Sealed quotations are hereby invited from individuals' manufacturers or Contractor for execution of the work titled.

1) "For supply of LED Boards at different area under Koraput Municipality".
2) "For supply of Sign board with [illegible] letter different area under Koraput Municipality".
3) "For supply and fixing of "Jahar" Statue under Koraput Municipality".
4) "For supply and fixing of Koraput Coffee design FRP Statue under Koraput Municipality".

| | |
|---|---|
| No. of Work | 04 |
| Estimated Cost and Work detail | As per QCN |
| Date & Time of bidding | [illegible] |
| Offline Documents Received | [illegible] (Working Days only) |
| Documents shall be opened | [illegible] PM onwards |
| EMD (Rs) | Rs. 10,000.00 |

The Detail tender call notice is available on our office notice board and our office website [illegible] for wide publication.

N.B.: The design, location and if any other requirement will be final by the undersign.

OIPR 13001/13074/1/25-26/0001

Executive Officer, Koraput Municipality.

## AFFIDAVIT

By virtue of an affidavit sworn before The Executive Magistrate, Bhubaneswar affidavit no.30 dated on 03.03.2025, I, Pravasini Pradhan W/o-Bishnu Prasad Tanga, At/Po-Dandamukundapur, Ps-Pipili, Dist-Puri Odisha do hereby declare that, I have changed my daughter's name from Bishnu Prava Ray to Bishnuprava Tanga. Henceforth she will be known as Bishnuprava Tanga for all purposes.

Sd/-Pravasini Pradhan

S/d-Batakishore Sahu

## AFFIDAVIT

By virtue of an affidavit sworn before The Executive Magistrate, Bhubaneswar affidavit no.8 dated 17.02.2026, I, Batakishore Sahu S/o-Mayadhar Sahu, House No.E-206, Block-E, Phase-III, Puri Canal Road, Hansapal, Bhubaneswar, Dist-Khordha-752101 do hereby declare that I have changed my name from Batakishor Sahu to Batakishore Sahu. Henceforth I shall be known as Batakishore Sahu for all purposes.

S/d-Batakishore Sahu


Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ